BHI- 4
Block-2

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University
Sambalpur

# ସ୍ନାତକ କଳା (ସମ୍ମାନ)

# ଇତିହାସ (BAHI)

ପ୍ରଧାନ ପାଠ୍ୟକ୍ରମ- ୪

## ମଧ୍ୟଯୁଗୀୟ ବିଶ୍ୱ: ସାମାଜିକ ବିନ୍ୟାସ ଓ ସାଂସ୍କୃତିକ ଢାଞ୍ଚା

## ଇଉରୋପର ଆର୍ଥିକ ବିକାଶ: ୭ମରୁ ୧୪ଶ ଶତାବ୍ଦୀ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ)

## ପ୍ରଧାନ ପାଠ୍ୟକ୍ରମ- ୪

## ଇତିହାସ (BAHI)

# BAHI-04

## ମଧ୍ୟଯୁଗୀୟ ବିଶ୍ୱ:
## ସାମାଜିକ ବିନ୍ୟାସ ଓ ସାଂସ୍କୃତିକ ଢାଞ୍ଚା

## ବ୍ଲକ୍- ୨

## ଇଉରୋପର ଆର୍ଥିକ ବିକାଶ: ୭ମରୁ ୧୪ଶ ଶତାବ୍ଦୀ


| | |
|---|---|
| ପଞ୍ଚମ ଏକକ- | କୃଷି ଉତ୍ପାଦନ |
| ଷଷ୍ଠ ଏକକ- | ସହର ଓ ବାଣିଜ୍ୟ |
| ସପ୍ତମ ଏକକ- | ସାମନ୍ତବାଦ: ଉଦ୍ଭବ, ବିକାଶ ଓ ବିଲୟ |

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

## ସ୍ନାତକ (ସମ୍ମାନ) କାର୍ଯ୍ୟକ୍ରମ

Core Course HISTORY (BAHI)-4- Odia

ପ୍ରଧାନ ପାଠ୍ୟକ୍ରମ ଇତିହାସ –୪- ଓଡ଼ିଆ

**ଦ୍ୱିତୀୟ ପର୍ଯ୍ୟାୟ (Semester – II)**

**ପାଠ୍ୟକ୍ରମ – ୪ / ବ୍ଲକ୍ - ୨ :**

ମଧ୍ୟଯୁଗୀୟ ବିଶ୍ୱ: ଇଉରୋପର ଆର୍ଥିକ ବିକାଶ- ୭ମରୁ ୧୪ଶ ଶତାବ୍ଦୀ

**ପ୍ରଥମ ପ୍ରକାଶ: ୨୦୨୦**

**ମୂଳ ଇଂରାଜୀ ପାଠ:**

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ

କୃଷ୍ଣକାନ୍ତ ହାଣ୍ଡିକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଗୁଆହାଟୀ

**ଓଡ଼ିଆ ଅନୁବାଦ:**

ପ୍ରାଧ୍ୟାପକ ଡ. କାହ୍ନୁଚରଣ ପାଢ଼ୀ,

ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର

**ସମୀକ୍ଷା ଓ ଭାଷା ସମ୍ପାଦନା:**

ପୁଷ୍ପାଞ୍ଜଳୀ ପାଢ଼ୀ, ଗବେଷଣା ନିର୍ଦ୍ଦେଶକ,

ସାମାଜିକ ସାଂସ୍କୃତିକ ଗବେଷଣା ପ୍ରବର୍ତ୍ତନ ବିଦ୍ୟାଳୟ (SSCRI), ବ୍ରହ୍ମପୁର

**ଡିଟିପି ଓ ଅଳଂକରଣ:**

ଶରତ ଚନ୍ଦ୍ର ସାହୁ, ରାମ ନଗର, ବ୍ରହ୍ମପୁର

**ସଂଯୋଜକ:**

ପ୍ରଫେସର ଡକ୍ଟର ପତିତ ପାବନ ମିଶ୍ର, ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା,

ଇତିହାସ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରକାଶକ:**

**ଡକ୍ଟର ମାନସ ରଞ୍ଜନ ପୂଜାରୀ,**

କୁଳସଚିବ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ପଞ୍ଚମ ଏକକ: କୃଷି ଉତ୍ପାଦନ

## ବିଷୟ ଗଠନ:


୫.୦ ପଠନର ଉଦ୍ଦେଶ୍ୟ

୫.୧ ଉପକ୍ରମ

୫.୨ ଅନ୍ଧକାର ଯୁଗ

୫.୩ ଆଇବେରିଆରେ ମୁସଲମାନ କୃଷି

୫.୪ ସାମନ୍ତବାଦ

୫.୫ କ୍ଷେତ୍ର

୫.୬ କୃଷକମାନଙ୍କ ଧାରଣ

୫.୭ ଫସଲ

୫.୮ ଉତ୍ପାଦକତା

୫.୯ ଦୁର୍ଭିକ୍ଷ

୫.୧୦ ପ୍ରଯୁକ୍ତିଗତ ନବାଚାର

୫.୧୧ ସାରାଂଶ

୫.୧୨ ସୂଚକ ଶବ୍ଦାବଳୀ

୫.୧୩ ପ୍ରଗତି ପରିମାପକ ଉତ୍ତର

୫.୧୪ ପରବର୍ତ୍ତୀ ପଠନ


## ୫.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ମଧ୍ୟଯୁଗୀୟ ଇଉରୋପରେ କୃଷି ଉତ୍ପାଦନରେ ଆସିଥିବା ପରିବର୍ତ୍ତନ
- କୃଷି ଉପରେ ସାମନ୍ତବାଦର ପ୍ରଭାବ
- ବିଭିନ୍ନ ଫସଲ ଏବଂ ଉତ୍ପାଦକତାରେ ସହାୟକ ପ୍ରଯୁକ୍ତିଗତ ନବାଚାର

❖ ଫସଲ ହାନିର କାରଣ ସମୂହ ଓ ଦୁର୍ଭିକ୍ଷ

## ୫.୧ ଉପକ୍ରମ

ମଧ୍ୟଯୁଗୀୟ ଇଉରୋପୀୟ କୃଷି କହିଲେ ଖ୍ରୀ.୪୭୬ରେ ପଶ୍ଚିମ ରୋମ ସାମ୍ରାଜ୍ୟର ପତନ ପର ଠାରୁ ପ୍ରାୟ ଖ୍ରୀ.୧୫୦୦ ମଧ୍ୟବର୍ତ୍ତୀ ସମୟର କୃଷି ଚଳଣି, ଫସଲ, ପ୍ରଯୁକ୍ତି ଏବଂ କୃଷି ସମାଜ ଓ ଅର୍ଥବ୍ୟବସ୍ଥାକୁ ବୁଝାଏ । ବେଳେବେଳେ ମଧ୍ୟଯୁଗକୁ ମଧ୍ୟକାଳ ମଧ୍ୟ କୁହାଯାଏ । ମଧ୍ୟଯୁଗକୁ ଆଦି, ଉଚ୍ଚ ଓ ପରବର୍ତ୍ତୀ ରୂପେ ତିନି ଭାଗରେ ବିଭକ୍ତ କରାଯାଏ ।

ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ମହାମାରୀ ଓ ଥଣ୍ଡା ଜଳବାୟୁ ଯୋଗୁଁ ଇଉରୋପର ଜନସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଲା । ରୋମୀୟ କାଳ ତୁଳନାରେ ମଧ୍ୟଯୁଗୀୟ ପଶ୍ଚିମ ଇଉରୋପରେ ସ୍ୱାବଲମ୍ବନ ଅଧିକ ମାତ୍ରାରେ କୃଷିର କେନ୍ଦ୍ର ବିନ୍ଦୁରେ ପରିଣତ ହେଲା । ଖ୍ରୀଷ୍ଟୀୟ ପ୍ରାୟ ୧୦୦୦ ବେଳକୁ ସାମନ୍ତବାଦୀ କାଳ ଆରମ୍ଭ ହେଲା । ଏ ସମୟରେ ଉତ୍ତର ଇଉରୋପୀୟ କୃଷି ଜନସଂଖ୍ୟାର ବୈଶିଷ୍ଟ୍ୟ ଥିଲା ଗଡ଼ପତିଙ୍କ ଅଧୀନରେ ବହୁ ଶତ ଅଥବା ତହିଁରୁ ଅଧିକ ଏକର ଭୂମି, ଗୋଟିଏ ରୋମୀୟ କାଥଲିକ ଗୀର୍ଜା ଓ ପୁରୋହିତଙ୍କୁ ନେଇ ମାନା*(Manor)* ବା ଗଡ଼ ରୂପେ ସଙ୍ଗଠିତ ହେବା।

ଗଡ଼ବାସୀ ସଂଖ୍ୟାଧିକ ଜନତା ଥିଲେ କ୍ଷେତ୍ରଜୀବୀ କୃଷକ ଅଥବା କୃଷିଦାସ *(Serf)* । ସେମାନେ ନିଜ ପାଇଁ ଫସଲ ଚାଷ କରୁଥିଲେ ଏବଂ ଜମି ବାବଦରେ ଗଡ଼ପତି ଓ ଗୀର୍ଜାକୁ ଭଡ଼ା ଅଥବା ଶ୍ରମ ଦାନ କରୁଥିଲେ । ଅଧିକାଂଶ ଇଉରୋପୀୟ ଅଞ୍ଚଳରେ ସର୍ବାଧିକ ମହତ୍ୱପୂର୍ଣ୍ଣ ଫସଲ ଥିଲା ଯବ ଓ ଗହମ । ବିଭିନ୍ନ ପନିପରିବା ଓ ଫଳ ସମେତ ଜଇ*(Oats)* ଓ ରାଇ *(Rye)* ମଧ୍ୟ ଚାଷ କରାଯାଉ ଥିଲା । ହଳ ପଶୁ ରୂପେ ବଳଦ ଓ ଅଶ୍ୱର ଉପଯୋଗ କରାଯାଉ ଥିଲା । ପଶମ ପାଇଁ ମେଣ୍ଢା ଓ ମାଂସ ପାଇଁ ଘୁଷୁରୀ ପାଳନ କରାଯାଉ ଥିଲା ।

ସମଗ୍ର ମଧ୍ୟଯୁଗରେ ଖରାପ ପାଗ ଯୋଗୁଁ ଫସଲ ହାନି ଏବଂ ପରିଣାମତଃ ଦୁର୍ଭିକ୍ଷ ଥିଲା ସାଧାରଣ ଘଟଣା । ଆପଦ ସତ୍ତ୍ୱେ ମଧ୍ୟଯୁଗୀୟ ଇଉରୋପୀୟ ମନୁଷ୍ୟ ପୂର୍ବବର୍ତ୍ତୀ ରୋମ ସାମ୍ରାଜ୍ୟ ଏବଂ

ପରବର୍ତ୍ତୀ ଆଦି ଆଧୁନିକ କାଳର ମନୁଷ୍ୟ ଅପେକ୍ଷା ଉଚ୍ଚତାରେ ଅଧିକ ଏବଂ ଏ ଦୃଷ୍ଟିରୁ ଉତ୍ତମ ଭୋଜନକାରୀ ଥିବାର ମାନବମିତିକ ସାକ୍ଷ୍ୟ ରହିଛି ।

୧୪ଶ ଶତାବ୍ଦୀରେ ନିମ୍ନ ଦେଶମାନଙ୍କରେ ଅଧିକ ସଘନ କୃଷି ପଦ୍ଧତିର ବିକାଶ ଏବଂ ଖ୍ରୀ. ୧୩୪୭-୧୩୫୧ରେ କୃଷ୍ଣ ମୃତ୍ୟୁ(*Black Death*)ରେ ଜନକ୍ଷୟ ଯୋଗୁଁ କମ୍ ସଂଖ୍ୟକ କୃଷକଙ୍କୁ ଅଧିକ ଜମି ଉପଲବ୍ଧ ହେବା ପରେ ମଧ୍ୟଯୁଗୀୟ କୃଷି ବ୍ୟବସ୍ଥା ଭାଙ୍ଗିବାକୁ ଆରମ୍ଭ କଲା । ତେବେ ସ୍ଲାଭୀୟ ଅଞ୍ଚଳ ସମେତ ଅପର କେତେକ କ୍ଷେତ୍ରରେ ୧୯ଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ସାମାନ୍ୟ ପରିବର୍ତ୍ତନ ସହ ମଧ୍ୟଯୁଗୀୟ କୃଷି ଚଳଣି ଅବ୍ୟାହତ ରହିଥିଲା ।

ତିନୋଟି ଘଟଣା ବହୁ ଶତାବ୍ଦୀ ଧରି ଇଉରୋପୀୟ କୃଷିକୁ ପ୍ରଭାବିତ କଲା ଭଳି ମଞ୍ଚ ପ୍ରସ୍ତୁତ କଲା । ପ୍ରଥମଟି ଥିଲା ପଶ୍ଚିମ ରୋମ ସାମ୍ରାଜ୍ୟର ପତନ । ପ୍ରାୟ ଖ୍ରୀ.୪୦୦ ବେଳକୁ ଏହା 'ବର୍ବର' ଆକ୍ରମଣକାରୀମାନଙ୍କ ନିକଟରେ ଅଞ୍ଚଳ ସବୁ ହରାଇବା ଆରମ୍ଭ କଲା । ଶେଷ ପଶ୍ଚିମ ରୋମ ସମ୍ରାଟ ଖ୍ରୀ.୪୭୬ରେ ସିଂହାସନ ପରିତ୍ୟାଗ କଲେ । ଏହା ପରେ ପ୍ରାକ୍ତନ ପଶ୍ଚିମ ରୋମ ସାମ୍ରାଜ୍ୟର ଭୂମି ଓ ଜନତା ବିଭିନ୍ନ ପ୍ରଜାତୀୟ ଗୋଷ୍ଠୀ ମଧ୍ୟରେ ବିଭକ୍ତ ହୋଇଗଲା । ଏମାନଙ୍କ ଶାସନ ଥିଲା ବହୁ ସମୟରେ ସ୍ୱଳ୍ପାୟୁ ଏବଂ ନିରନ୍ତର ପରିବର୍ତ୍ତନଶୀଳ । ଅଧିକାଂଶ ଇଉରୋପୀୟଙ୍କ ଦ୍ୱାରା ଉତ୍ତରୋତ୍ତର ଖ୍ରୀଷ୍ଟ ଧର୍ମ ଗ୍ରହଣ ଏବଂ ପଶ୍ଚିମ ଇଉରୋପରେ ଆନ୍ତର୍ଜାତିକ ଯୋଗାଯୋଗ, ପାଣ୍ଡିତ୍ୟ ଓ ବିଜ୍ଞାନର ସାଧାରଣ ଭାଷା ରୂପେ ଲାଟିନର ବ୍ୟବହାର ଥିଲା ଇଉରୋପର ଏକୀକରଣର କାରକ । ପୂର୍ବ ରୋମ ସାମ୍ରାଜ୍ୟରେ ଗ୍ରୀକର ଅନୁରୂପ ମର୍ଯ୍ୟାଦା ରହିଥିଲା ।

ଦ୍ୱିତୀୟ ଥିଲା ଖ୍ରୀ.୫୩୬ରେ ଆରମ୍ଭ ହୋଇ ପ୍ରାୟ ଖ୍ରୀ.୬୬୦ ବେଳକୁ ଶେଷ ହୋଇଥିବା ବିଶ୍ୱ ଶୀତଳନ କାଳ । ଶୀତଳନର କାରଣ ଥିଲା ଖ୍ରୀ.୫୩୬, ୫୪୦ ଓ ୫୪୭ରେ ଆଗ୍ନେୟଗିରି ଉଦ୍‌ଗୀରଣ । ବାଇଜାଣ୍ଟାଇନ ଐତିହାସିକ ପ୍ରୋକୋପିୟସଙ୍କ କଥନ ପ୍ରକାରେ 'ଉଜ୍ଜ୍ୱଳତା ବିନା ସୂର୍ଯ୍ୟ ଆଲୋକ ଉତ୍ପନ୍ନ କରୁଥିଲେ' । ଇଉରୋପରେ ଗ୍ରୀଷ୍ମକାଳୀନ ତାପମାତ୍ରା ୨.୫ ଡିଗ୍ରୀ ସେଣ୍ଟିଗ୍ରେଡ ବା ୪.୫ ଡିଗ୍ରୀ ଫାରେନହିଟକୁ ଖସି ଆସିଲା । ଆଗ୍ନେୟଗିରିରୁ ଉଦ୍‌ଗତ ଧୂଳିରେ ବାୟୁମଣ୍ଡଳ ପରିପୂର୍ଣ୍ଣ ହୋଇଯିବାରୁ ୧୮ ମାସ କାଳ ଆକାଶ ଧୂମିଳ ରହିଲା । ଫସଲ ହାନି ଓ ଦୁର୍ଭିକ୍ଷ ପାଇଁ ଏହା ଥିଲା

ଯଥେଷ୍ଟ କାରଣ । ଶହେ ବର୍ଷରୁ ଊର୍ଦ୍ଧ୍ୱ କାଳ ପୂର୍ବବର୍ତ୍ତୀ ରୋମୀୟ ସମୟ ଅପେକ୍ଷା ତାପମାତ୍ରା ନିମ୍ନତର ରହିଲା । ଏହା ଥିଲା ପରବର୍ତ୍ତୀ ପ୍ରାଚୀନ କ୍ଷୁଦ୍ର ହିମ ଯୁଗର ଉପକ୍ରମ । ବିଶ୍ୱମହାମାରୀ, ମାନବ ସ୍ଥାନାନ୍ତରଣ ଓ ରାଜନୀତିକ ବିପ୍ଲବ ସମେତ ବହୁ ସଂଖ୍ୟକ ବିଧ୍ୱଂସକ ଘଟଣାକୁ ସମ୍ଭବତଃ ଏହା ପ୍ରଭାବିତ କରିଥିଲା ।

ତୃତୀୟ ଥିଲା ଜଷ୍ଟିନିଆନୀୟ ପ୍ଲେଗ । ସମଗ୍ର ଇଉରୋପକୁ ବ୍ୟାପିଥିବା ଏ ପ୍ଲେଗ ଖ୍ରୀ.୫୪୧ରେ ଆରମ୍ଭ ହୋଇ ଖ୍ରୀ.୭୫୦ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମିକ ଭାବେ ପୁନରାବୃତ୍ତ ହେଉଥିଲା । ଏ ରୋଗ ଦ୍ୱାରା ବାଇଜାଣ୍ଟାଇନ ବା ପୂର୍ବ ରୋମ ସାମ୍ରାଜ୍ୟର ୨୫ ପ୍ରତିଶତ ଏବଂ ପଶ୍ଚିମ ଓ ଉତ୍ତର ଇଉରୋପର ଅନୁରୂପ ମାତ୍ରାର ଜନତା ମୃତ୍ୟୁ ମୁଖରେ ପତିତ ହୋଇଥିବା ସମ୍ଭାବନା କରାଯାଏ । ଜନସଂଖ୍ୟା ଉପରେ ଜଳବାୟୁ ଶୀତଳନ ଏବଂ ପ୍ଲେଗର ଦ୍ୱୈତ ପ୍ରଭାବ ଫଳରେ ଶସ୍ୟ ଅମଳ ହ୍ରାସ ପାଇଲା । ଐତିହାସିକ ଜନ୍ ଏଫେସସଙ୍କ ଗ୍ରାମାଞ୍ଚଳ ଭ୍ରମଣ ବୃତ୍ତାନ୍ତରେ ଏ ବିପର୍ଯ୍ୟୟର ପ୍ରତ୍ୟକ୍ଷଦର୍ଶୀ ବର୍ଣ୍ଣନା ଅତ୍ୟନ୍ତ ମର୍ମସ୍ପର୍ଶୀ: ଶୁଭ୍ର ଗହମ ଫସଲ ଦଣ୍ଡାୟମାନ ... ... କିନ୍ତୁ ଗହମ କାଟି ସାଇତିବାକୁ କେହି ନାହିଁ । ... ... ଅମଳ ଋତୁ ଆସିଲା, ଗଲା; ଅଙ୍ଗୁର ବୀଥିକାରୁ ଅଙ୍ଗୁର ତୋଳି ପେଢ଼ିବାକୁ କେହି ନାହିଁ । ସମ୍ଭବତଃ ଆଗ୍ନେୟଗିରିରୁ ଉଦ୍‌ଗତ ଧୂଳିକଣା ଯୋଗୁଁ ସୃଷ୍ଟି ହୋଇଥିବା 'ଦାରୁଣ ଶୀତ'ର ବର୍ଣ୍ଣନା ମଧ୍ୟ ଜନ୍ କରିଛନ୍ତି ।

ଏ ସବୁ ଘଟଣାର ପରିଣାମ ସ୍ୱରୂପ ଖ୍ରୀ.୬୦୦ରେ ଇଉରୋପର ଜନସଂଖ୍ୟା ଖ୍ରୀ.୫୦୦ ଅପେକ୍ଷା ଯଥେଷ୍ଟ ହ୍ରାସ ପାଇଥିଲା । ଜଣେ ବିଦ୍ୱାନଙ୍କ ଆକଳନ ଅନୁସାରେ ଖ୍ରୀ.୫୦୦ରେ ୧୧ ନିୟୁତ ଥିବା ଇଟାଲୀ ଉପଦ୍ୱୀପର ଜନସଂଖ୍ୟା ଖ୍ରୀ.୬୦୦ ବେଳକୁ ୮ ନିୟୁତ ହୋଇଯାଇ ଥିଲା ଏବଂ ପ୍ରାୟ ୩୦୦ ବର୍ଷ ପର୍ଯ୍ୟନ୍ତ ସେଇ ସ୍ତରରେ ହିଁ ରହିଥିଲା । ଇଉରୋପର ଅପର ଅଂଶର ଜନସଂଖ୍ୟାର ହ୍ରାସ ମଧ୍ୟ ସମ୍ଭବତଃ ଅନୁରୂପ ମାତ୍ରାର ଥିଲା ।

## ୫.୨ ଅନ୍ଧକାର ଯୁଗ

ପଶ୍ଚିମ ରୋମ ସାମ୍ରାଜ୍ୟର ପତନ ଫଳରେ ପଶ୍ଚିମ ଇଉରୋପରେ ଏକ 'ଅନ୍ଧକାର ଯୁଗ' ଆରମ୍ଭ ହେଲା ବୋଲି ଜନପ୍ରିୟ ଦୃଷ୍ଟିଭଙ୍ଗୀଟିଏ ପ୍ରଚଳିତ ହୋଇଆସୁଛି । ଏତିକି ବେଳେ 'ଜ୍ଞାନ ଓ ନମ୍ରତା', 'କଳାଗତ ଶିଷ୍ଟତା' ଏବଂ 'ଅନେକ ଉପଯୋଗୀ କଳା' ଉପେକ୍ଷିତ ଅଥବା ବିନଷ୍ଟ ହେଲା । ତେବେ ଏହାର ବିପରୀତରେ ରୋମ ସାମ୍ରାଜ୍ୟର ପରବର୍ତ୍ତୀ କାଳରେ ସମଗ୍ର ଜନସଂଖ୍ୟାର ୮୦ ପ୍ରତିଶତ ବା ତହିଁରୁ ଅଧିକ କୃଷକଙ୍କର ସମ୍ଭବତଃ ଭାଗ୍ୟୋନ୍ନତି ଘଟିଥିଲା । ରୋମର ପତନ ଯୋଗୁଁ 'କରଭାର ଲାଘବ, ଅଭିଜାତବର୍ଗଙ୍କ ଶକ୍ତିହ୍ରାସ ଏବଂ ପରିଣାମତଃ କୃଷକଙ୍କ ପାଇଁ ବୃହତ୍ତର ସ୍ୱାଧୀନତା ସମ୍ଭବ ହେଲା' । ରୋମ ସାମ୍ରାଜ୍ୟର ଗ୍ରାମାଞ୍ଚଳ ଥିଲା 'ଭିଲ୍ଲା' ଅଥବା ଜାଗିରରେ ପରିପୂର୍ଣ୍ଣ । ପ୍ଲିନି ବରିଷ୍ଠ ଏହାକୁ 'ଇଟାଲୀର ଧ୍ୱଂସାବଶେଷ' ରୂପେ ଅଭିହିତ କରିଛନ୍ତି । ସମ୍ପଦଶାଳୀ ଅଭିଜାତବର୍ଗ ଥିଲେ ଜାଗିରର ମାଲିକ ଏବଂ ଦାସମାନେ ଏଥିର ଅଧିକାଂଶ କାର୍ଯ୍ୟ କରୁଥିଲେ । କେବଳ ଇଂଲଣ୍ଡରେ ଭିଲ୍ଲା ସଂଖ୍ୟା ଥିଲା ୧୫୦୦ରୁ ଅଧିକ । ରୋମର ପତନ ସହ ଭିଲ୍ଲାଗୁଡ଼ିକ ପରିତ୍ୟକ୍ତ ଅଥବା ଶିଷ୍ଟ ପରିବର୍ତ୍ତେ ଜନୋପଯୋଗୀ କାର୍ଯ୍ୟରେ ବ୍ୟବହୃତ ହେଲା । 'ଏହା ପରେ ଆମେ ପଶ୍ଚିମ ଇଉରୋପରେ ରୋମ ସାମ୍ରାଜ୍ୟର ବଜାର, ସେନା ଓ କର ଚାପରୁ ମୁକ୍ତିର ପ୍ରଭାବ ଏବଂ ଅଧିକ ମାତ୍ରାରେ ସ୍ଥାନୀୟ ଆବଶ୍ୟକତା ଭିତ୍ତିରେ କୃଷିକୁ ପ୍ରତ୍ୟାବର୍ତ୍ତନ ଦେଖିବାକୁ ପାଉ' । ଷଷ୍ଠ ଶତାବ୍ଦୀର ଜନସଂଖ୍ୟା ହ୍ରାସ ଏବଂ ଏଥି ଯୋଗୁଁ ସୃଷ୍ଟି ହୋଇଥିବା ଶ୍ରମିକ ସଂଖ୍ୟାର ଅପର୍ଯ୍ୟାପ୍ତତା ଫଳରେ ସମ୍ଭବତଃ ଦାସ ଅଥବା ରୋମୀୟ ଆଇନ ଅଧୀନରେ ଭୂମି ସହ ବାନ୍ଧି ହୋଇ ରହିଥିବା ଗ୍ରାମ୍ୟ ଜନତାଙ୍କ ପାଇଁ ଅଧିକ ସ୍ୱାଧୀନତା ଉପଲବ୍ଧ ହେଲା ।

***ପୂର୍ବ ରୋମ ସାମ୍ରାଜ୍ୟ:*** ମଧ୍ୟଯୁଗର ଆଦ୍ୟ ଭାଗରେ ପୂର୍ବ ରୋମ ସାମ୍ରାଜ୍ୟର କୃଷି ଇତିହାସ ଥିଲା ପଶ୍ଚିମ ଇଉରୋପ ଠାରୁ ଭିନ୍ନ । ଖ୍ରୀ. ୫ମ ଓ ୬ଷ୍ଠ ଶତାବ୍ଦୀରେ ବିଶେଷତଃ ଅଲିଭ ତେଲ ଓ ମଦ୍ୟର ବଜାର ଭିତ୍ତିକ ଓ ଶୈଳ୍ପିକ କୃଷି ବିସ୍ତାର ଏବଂ ତେଲ ଓ ମଦ୍ୟ ଘଣା ଭଳି ନୂତନ ପ୍ରଯୁକ୍ତିର ବ୍ୟବହାର ପରିଲକ୍ଷିତ ହେଲା । ପୂର୍ବର ବସତି ଢାଞ୍ଚା ମଧ୍ୟ ଥିଲା ପଶ୍ଚିମ ଠାରୁ ଭିନ୍ନ । ପଶ୍ଚିମରେ ରୋମ ସାମ୍ରାଜ୍ୟର ଭିଲ୍ଲା ପରିବର୍ତ୍ତେ ପୂର୍ବରେ କୃଷକମାନେ ଗ୍ରାମରେ ବସବାସ କରୁଥିଲେ । ଏ ସମୟରେ ଏହାର ଧାରାବାହିତା କେବଳ ବଜାୟ ରହି ନ ଥିଲା ଏଥିରେ ବିସ୍ତାର ମଧ୍ୟ ଘଟିଥିଲା ।

***ଆଇବେରୀୟ ଉପଦ୍ୱୀପ:*** ଆଇବେରୀୟ ଉପଦ୍ୱୀପର ଅନୁଭବ ଥିଲା ପୂର୍ବ ଓ ପଶ୍ଚିମ ଇଉରୋପ ଠାରୁ ଭିନ୍ନ । ଜନସଂଖ୍ୟା ହ୍ରାସ ହେତୁ ଏଠାରେ କୃଷି ଭୂମି ପରିତ୍ୟକ୍ତ ହୋଇଥିବା ଏବଂ ପୁନଃବନୀକରଣ ଘଟିଥିବାର ସାକ୍ଷ୍ୟ ମିଳିଛି । ତେବେ ଚାରଣର ବିସ୍ତାର ଏବଂ ବଜାର ଭିତ୍ତିକ ଅଶ୍ୱ, ଖଚର ଓ ଗଧ ପାଳନର ସାକ୍ଷ୍ୟ ମଧ୍ୟ ରହିଛି । ସମ୍ଭବତଃ ଆଇବେରୀୟ ଉପଦ୍ୱୀପର ଅର୍ଥବ୍ୟବସ୍ଥା ଅବଶିଷ୍ଟ ଇଉରୋପ ଠାରୁ ବିଚ୍ଛିନ୍ନ ହୋଇଯାଇ ଥିଲା ଏବଂ ଖ୍ରୀ.୭୧୧ରେ ଉମାୟୟୀ ବିଜୟର ବହୁ ପୂର୍ବରୁ ପଞ୍ଚମ ଶତାବ୍ଦୀରେ ଏହା ଉତ୍ତର ଆଫ୍ରିକାର ପ୍ରମୁଖ ବାଣିଜ୍ୟିକ ଅଂଶୀଦାରରେ ପରିଣତ ହୋଇଥିଲା ।

## ୫.୩ ଆଇବେରିଆରେ ମୁସଲମାନ କୃଷି

ଐତିହାସିକ ଆଣ୍ଡ୍ରୁ ୱାଟସନଙ୍କ କଥିତ ଆରବ କୃଷି ବିପ୍ଳବରେ ଅଲ ଅନ୍ଦାଲସ କାଳ ଅର୍ଥାତ୍ ଖ୍ରୀ.୮ମରୁ ଖ୍ରୀ.୧୫ଶ ଶତାବ୍ଦୀର ଅଧିକାଂଶ ଆରବ ଇସଲାମୀ ଶାସକଙ୍କ ଦ୍ୱାରା ଆଇବେରୀୟ ଉପଦ୍ୱୀପ ବା ସ୍ପେନ ଓ ପର୍ତ୍ତୁଗାଲରେ ବହୁ ସଂଖ୍ୟକ ନୂତନ ଫସଲ ଓ ନୂତନ କୃଷି ପ୍ରଯୁକ୍ତି ପ୍ରବର୍ତ୍ତିତ ଅଥବା ଜନପ୍ରିୟ ହୋଇଥିଲା । ଆରବମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଫସଲ ମଧ୍ୟରେ ଆଖୁ, ଧାନ, ଟାଣ ଗହମ, ବାତାପି, କପା ଓ ଡିମିରି ଅନ୍ତର୍ଭୁକ୍ତ ଥିଲା । ଏ ମଧ୍ୟରୁ ଅଧିକାଂଶ ଫସଲ ପାଇଁ ଜଳସେଚନ, ଜଳ ପରିଚାଳନା ଏବଂ 'ଫସଲ ଆବର୍ତ୍ତନ, କୀଟ ପ୍ରବନ୍ଧନ ଓ ପ୍ରାକୃତିକ ଉର୍ବରକ ବ୍ୟବହାର' ଆଦି ପ୍ରଗତିଶୀଳ ପଦ୍ଧତିର ଆବଶ୍ୟକତା ରହିଥିଲା । ଆରବ ବା ମୁସଲମାନୀ କୃଷି ବିପ୍ଳବର ଅନନ୍ୟତା ଏବଂ ରୋମୀୟ ଶାସନ କାଳରେ ମଧ୍ୟ ପ୍ରାଚ୍ୟରେ ସଂଘଟିତ ପ୍ରଯୁକ୍ତିଗତ ବିକାଶର ପୁନରୁତ୍ଥାନ ଓ ପ୍ରସାରଣର ମାତ୍ରା ନେଇ କେତେକ ବିଦ୍ୱାନ ପ୍ରଶ୍ନ ଉତ୍ଥାପନ କରିଛନ୍ତି । ଉଦ୍ଭାବନର ଅଧିକାଂଶ ଗୌରବ ରୋମ ସାମ୍ରାଜ୍ୟ କାଳୀନ ମଧ୍ୟପ୍ରାଚ୍ୟ ଜନତା ଅଥବା ଆରବ ଆଗମନ ଯାହାର ବି ପ୍ରାପ୍ୟ ହେଉ ଖ୍ରୀ.୮ମ ଶତାବ୍ଦୀ ପ୍ରାରମ୍ଭରୁ 'ଆଇବେରୀୟ ଭୂପରିଦୃଶ୍ୟ ଯଥେଷ୍ଟ ମାତ୍ରାରେ ବଦଳିବାକୁ ଲାଗିଲା' ।

## ୫.୪ ସାମନ୍ତବାଦ

କ୍ରମେ ଦାସଶ୍ରମ ଉପରେ ଅଧିକାଂଶତଃ ଗଢ଼ି ଉଠିଥିବା ରୋମୀୟ ଭିଲ୍ଲା ଓ କୃଷି ଜାଗିର ବ୍ୟବସ୍ଥା ଗଡ଼ ଓ କୃଷିଦାସଙ୍କ ଦ୍ୱାରା ପ୍ରତିସ୍ଥାପିତ ହେଲା । ଐତିହାସିକ ପିଟର ସର୍ରିସ ଷଷ୍ଠ ଶତାବ୍ଦୀର ଇଟାଲୀ ଏପରିକି ତତ୍ ପୂର୍ବବର୍ତ୍ତୀ ବାଇଜାଣ୍ଟାଇନ ସାମ୍ରାଜ୍ୟ ଓ ଇଜିପ୍ଟରେ ସାମନ୍ତବାଦୀ ସମାଜର ଚରିତ୍ର ଚିହ୍ନଟ କରିଛନ୍ତି । ପୂର୍ବବର୍ତ୍ତୀ ଭିଲ୍ଲା ଓ ମଧ୍ୟଯୁଗୀୟ ଗଡ଼ ମଧ୍ୟରେ ଗୋଟିଏ ପ୍ରଧାନ ପାର୍ଥକ୍ୟ ରହିଥିଲା: ଭିଲ୍ଲାର କୃଷି ଥିଲା ବାଣିଜ୍ୟ ଭିତ୍ତିକ ଓ ବିଶେଷୀକୃତ ଏବଂ ଗଡ଼ର ଲକ୍ଷ୍ୟ ସ୍ୱାବଲମ୍ବନ ।

ରୋମୀୟ ସାମ୍ରାଜ୍ୟର କୃଷିଶ୍ରମରେ ଦାସବ୍ୟବସ୍ଥା ଥିଲା ମହତ୍ୱପୂର୍ଣ୍ଣ । ପଶ୍ଚିମ ଇଉରୋପରେ ଖ୍ରୀ.୧୧୦୦ ସୁଦ୍ଧା ଏହାର ମୃତ୍ୟୁ ଘଟିଥିଲା । ପଶୁ ଭଳି ରୋମ ସାମ୍ରାଜ୍ୟର ଦାସମାନେ ଥିଲେ ସମ୍ପଦ ବିଶେଷ । ସେମାନଙ୍କର କୌଣସି ବ୍ୟକ୍ତିଗତ ଅଧିକାର ନ ଥିଲା । ମାଲିକଙ୍କ ଅଭିଳାଷ ପ୍ରକାରେ ଦାସମାନଙ୍କ କ୍ରୟ ବିକ୍ରୟ ହେଉଥିଲା । ଅନୁରୂପ ଭାବେ କୃଷିଦାସମାନେ ଭୂମି ସହ ବାନ୍ଧି ହୋଇ ରହିଥିଲେ । ସେମାନଙ୍କ ଦାସତ୍ୱ ପରିତ୍ୟାଗ ଥିଲା ଅସମ୍ଭବ । କିନ୍ତୁ ଜମିରେ ସେମାନଙ୍କ ଅବଧି ଥିଲା ସୁରକ୍ଷିତ । ଗଡ଼ର ମାଲିକାନା ପରିବର୍ତ୍ତନରେ ଭୂମି ସହ ସେମାନଙ୍କ ସମ୍ବନ୍ଧ ବଦଳୁ ନ ଥିଲା । କୃଷିଦାସମାନଙ୍କ ଚଳାଚଳଗତ ସ୍ୱାଧୀନତା ସୀମାବଦ୍ଧ ଏବଂ ଭୂସ୍ୱାମୀଙ୍କ ପ୍ରତି ଶ୍ରମ ଅଥବା ଭଡ଼ାର ଦାୟ ରହିଥିଲେ ମଧ୍ୟ ସମ୍ପଦ ଉପରେ ସୀମିତ ଅଧିକାର ରହିଥିଲା ।

ଖ୍ରୀ.୧୦୦୦ ସୁଦ୍ଧା ଉତ୍ତର ଇଉରୋପର ଅଧିକାଂଶ ଅଞ୍ଚଳରେ ସାମନ୍ତବାଦର ପୂର୍ଣ୍ଣ ବିକାଶ ଘଟିଥିଲା । ଫ୍ରାନସର ସିନ ଉପତ୍ୟକା ଓ ଇଂଲଣ୍ଡର ଟେମସ ଉପତ୍ୟକାର ଉର୍ବର କୃଷିକ୍ଷେତ୍ର ଥିଲା ଏହାର ହୃତ୍‌ପିଣ୍ଡ । ମଧ୍ୟଯୁଗୀୟ ଜନସଂଖ୍ୟା ଥିଲା ତିନୋଟି ଗୋଷ୍ଠୀରେ ବିଭକ୍ତ: ପ୍ରାର୍ଥନାକାରୀ, ଯୋଦ୍ଧା ଓ କର୍ମଜୀବୀ । କୃଷିଦାସ ଓ କୃଷକମାନେ ଶ୍ରମ ଓ କର ଦାନ କରି ପ୍ରାର୍ଥନାକାରୀ ଯାଜକ ଏବଂ ଯୁଦ୍ଧ ଲଢୁଥିବା ଅଭିଜାତ ଲର୍ଡ, ନାଇଟ ଓ ଯୋଦ୍ଧାମାନଙ୍କୁ ସହାୟକ ହେଉଥିଲେ । ବଦଳରେ କୃଷକମାନେ ଧର୍ମର ଲାଭ ଅଥବା ବୋଝ ଏବଂ କବଚଧାରୀ ଅଶ୍ୱାରୋହୀଙ୍କ ସୁରକ୍ଷା ପ୍ରାପ୍ତ ହେଉଥିଲେ । ଗୀର୍ଜା ଏହାର ଦଶମାଂଶ ନେଇଯାଉ ଥିଲା ଏବଂ ସେନା ପାଇଁ ବିପୁଳ ଆର୍ଥିକ ନିବେଶର ଆବଶ୍ୟକତା ରହିଥିଲା । ଯାଜକ, ନାଇଟ ଓ କୃଷକଙ୍କ ମଧ୍ୟରେ ଏକ ସାମାଜିକ ଓ ବୈଧାନିକ ଦୂରତା ସୃଷ୍ଟି ହେଲା । ଅଧିକନ୍ତୁ କରୋଲିଙ୍ଗୀୟ ସାମ୍ରାଜ୍ୟ(ଖ୍ରୀ.୮୦୦-୮୮୮)ର ଅନ୍ତ ସହ ରାଜାମାନଙ୍କ କ୍ଷମତା ବିଲୁପ୍ତ ହେଲା ଏବଂ କେନ୍ଦ୍ରୀୟ କର୍ତ୍ତୃତ୍ୱ କ୍ୱଚିତ୍ ଅନୁଭୂତ ହେଲା । ଏହିପରି ଇଉରୋପୀୟ ଗ୍ରାମାଞ୍ଚଳ କିଛି

ଭୂମିହୀନ, କିଛି ସାମାନ୍ୟ ଭୂସମ୍ପଦବାନ ଏବଂ କିଛି ସ୍ୱଚ୍ଛ ସମ୍ପନ୍ନଙ୍କୁ ନେଇ ଗଠିତ ସଂଖ୍ୟାଗରିଷ୍ଠ କୃଷି ଜନବଳ ଉପରେ ଶାସନକାରୀ ଅର୍ଦ୍ଧସ୍ୱୟଂଶାସିତ ଦୁର୍ଗପତି ଓ ଯାଜକଙ୍କ ଏକ ତାଳିପକା କନ୍ଥାରେ ପରିଣତ ହେଲା ।

ଇଉରୋପର ଅଧିକାଂଶ ଭାଗରେ ସାମନ୍ତବାଦର ପତନ ପାଇଁ ଦାୟୀ ଏକ ପ୍ରମୁଖ କାରକ ଥିଲା ସମଗ୍ର ଇଉରୋପର ଏକ ତୃତୀୟାଂଶ ବା ତହିଁରୁ ଅଧିକ ଜନସଂଖ୍ୟାକୁ ଗ୍ରାସ କରିଥିବା ଖ୍ରୀ. ୧୩୪୭-୧୩୫୧ର କୃଷ୍ଣ ମୃତ୍ୟୁ ଓ ପରବର୍ତ୍ତୀ ମହାମାରୀ ସମୂହ । କୃଷ୍ଣ ମୃତ୍ୟୁ ପରେ ଜମି ଥିଲା ପ୍ରଚୁର ଏବଂ ଶ୍ରମିକ ଦୁର୍ଲଭ । ଅତଏବ କୃଷକ, ଗୀର୍ଜା ଓ ଅଭିଜାତବର୍ଗଙ୍କ ମଧ୍ୟରେ ଥିବା କଠୋର ସମ୍ବନ୍ଧରେ ପରିବର୍ତ୍ତନ ଥିଲା ଅବଧାରିତ । ଖ୍ରୀ.୧୮୬୧ ପର୍ଯ୍ୟନ୍ତ ରୁଷିଆର କୃଷିଦାସମାନଙ୍କ ଅନ୍ତିମ ମୁକ୍ତି ସମ୍ଭବ ହୋଇ ନ ଥିଲେ ସୁଦ୍ଧା ପଶ୍ଚିମ ଇଉରୋପରେ ଖ୍ରୀ.୧୫୦୦ ପାଖାପାଖି ସାମନ୍ତବାଦର ଅନ୍ତ ଘଟିଥିବା ବିବେଚନା କରାଯାଏ ।

***ଗଡ଼:*** ମଧ୍ୟଯୁଗୀୟ ସାମନ୍ତବାଦ ଅଧୀନରେ କୃଷି ଭୂମି ସାଧାରଣତଃ ଗଡ଼ ରୂପେ ସଂଗଠିତ ହୋଇଥିଲା । ମଧ୍ୟଯୁଗୀୟ ଗଡ଼ରେ ବହୁ ଶହ ଏବଂ ବେଳେବେଳେ ହଜାର ହଜାର ଏକର ଭୂମି ରହିଥିଲା । ଏକ ବୃହତ୍ ଗଡ଼ଗୃହ ଥିଲା ଗଡ଼ପତିଙ୍କ ନିବାସ ଅଥବା ସାମୟିକ ନିବାସ । କେତେକ ଗଡ଼ କାଥଲିକ ଗୀର୍ଜାର ଧର୍ମାଧ୍ୟକ୍ଷ*(Bishop)* ଅଥବା ମହନ୍ତ*(Abbot)*ଙ୍କ କର୍ତ୍ତୃତ୍ୱରେ ରହିଥିଲା । କିଛି ସାମନ୍ତଙ୍କ ଅଧୀନରେ ଏକାଧିକ ଗଡ଼ ଏବଂ ଗୀର୍ଜାର ନିୟନ୍ତ୍ରଣରେ ବିସ୍ତୃତ ଭୂଭାଗ ରହିଥିଲା । ଗଡ଼ର ଭୂମି ମଧ୍ୟରେ ଗଡ଼ଗୃହ ନିକଟରେ ସାଧାରଣତଃ ଏକ ସ୍ଥାନୀୟ ଗୀର୍ଜା ଓ କୃଷକମାନେ ବାସ କରୁଥିବା ଆକେନ୍ଦ୍ରିତ ଗ୍ରାମ ରହୁଥିଲା । ଗଡ଼ଗୃହ, ଗୀର୍ଜା ଓ ଗ୍ରାମକୁ ଘେରି କୃଷି ଓ ବଞ୍ଜର ଭୂମି, ଜଙ୍ଗଲ ଓ ଗୋଚର ରହୁଥିଲା । କିଛି ଜମି ଥିଲା ସାମନ୍ତଙ୍କ ସ୍ୱଧାରଣ, କିଛି କୃଷକଙ୍କୁ ବ୍ୟକ୍ତିଗତ ଭାବେ ଆବଣ୍ଟିତ ଏବଂ କିଛି ସ୍ଥାନୀୟ ଯାଜକଙ୍କୁ ପ୍ରଦତ୍ତ । କିଛି ଜଙ୍ଗଲ ଓ ଚାରଣ ଭୂମି ଥିଲା ସାଧାରଣ ଧାରଣ ଏବଂ କାଷ୍ଠସଂଗ୍ରହ ଓ ଚାରଣ ପାଇଁ ଉଦ୍ଦିଷ୍ଟ । ଅଧିକାଂଶ ଗଡ଼ରେ ଶସ୍ୟ ପେଷି ଚୂନା କରିବାକୁ ଗୋଟିଏ ଚକି ଏବଂ ରୁଟି ସେକିବା ପାଇଁ ଭାଟି ରହିଥିଲା ।

## ୫.୫ କ୍ଷେତ୍ର

ମଧ୍ୟଯୁଗୀୟ ଇଉରୋପର କ୍ଷେତ୍ର ବ୍ୟବସ୍ଥାକୁ ମୁକ୍ତ କ୍ଷେତ୍ର ବ୍ୟବସ୍ଥା କୁହାଯାଏ । କାରଣ ବିଭିନ୍ନ କୃଷକଙ୍କ କ୍ଷେତ୍ର ମଧ୍ୟରେ କୌଣସି ବାଡ଼ ନ ଥିଲା । ଭୂଦୃଶ୍ୟ ଥିଲା ଦୀର୍ଘ ଓ ସୁବ୍ୟବସ୍ଥିତ । ଆଦ୍ୟ ପ୍ରରୂପରେ କୃଷି ଭୂମି ମେଢ଼ ଓ ଖାଇର ବିଶିଷ୍ଟ ଢାଞ୍ଚାରେ ଦୀର୍ଘ, ସଂକୀର୍ଣ୍ଣ ଭୂମିଭାଗକୁ ନେଇ ଗଠିତ ହେଉଥିଲା । ବ୍ୟକ୍ତିଗତ ଭାବେ କୃଷକମାନେ କୃଷି ଅଞ୍ଚଳରେ ଏଣେ ତେଣେ ବିକ୍ଷିପ୍ତ ଅନେକ ଭୂମିଭାଗର ମାଲିକ ଥିଲେ ଅଥବା ଏଭଳି ଭୂମିଭାଗଗୁଡ଼ିକରେ ଚାଷ କରୁଥିଲେ । ଏଭଳି ବିକ୍ଷିପ୍ତ ଭୂମିଭାଗରେ ମାଲିକାନାର କାରଣ ଥିଲା ଆପଦ ହ୍ରାସ । ଗୋଟିଏ ଭୂମିଭାଗରେ ଫସଲହାନି ବେଳେ ଅନ୍ୟ ଭୂମିଭାଗରେ ସଫଳ ହେବାର ସମ୍ଭାବନା ରହିଥିଲା । ଗଡ଼ପତିଙ୍କର ଏବଂ ଗୀର୍ଜାର ଅନୁରକ୍ଷଣ ପାଇଁ ସ୍ଥାନୀୟ ଯାଜକଙ୍କର ମଧ୍ୟ ଏଭଳି ଏଣେ ତେଣେ ବିକ୍ଷିପ୍ତ ଭୂମିଭାଗମାନ ରହିଥିଲା । ମୁକ୍ତ କ୍ଷେତ୍ର ବ୍ୟବସ୍ଥାରେ ସମୁଦାୟର ନିବାସୀଙ୍କ ନିଜ ନିଜ ମଧ୍ୟରେ ଏବଂ ଗଡ଼ପତି ଓ ଯାଜକଙ୍କ ସହ ସହଯୋଗର ଆବଶ୍ୟକତା ରହିଥିଲା । 'ଭୂମିଭାଗରେ କୃଷି ବ୍ୟକ୍ତିଗତ ଭାବେ ହେଉଥିଲା; ତଥାପି ସାମୁଦାୟିକ ଆବର୍ତ୍ତନ ଏବଂ ବିଶିଷ୍ଟ ସାମୁଦାୟିକ ଫସଲ ନିୟମନର ଅଧୀନ ଥିଲା' ।

ଦୁଇଟି କୃଷି ଢାଞ୍ଚା ଥିଲା ମୁକ୍ତ କ୍ଷେତ୍ର ବ୍ୟବସ୍ଥାର ବୈଶିଷ୍ଟ୍ୟ । ପ୍ରଥମତଃ କୃଷିଯୋଗ୍ୟ ଭୂମିକୁ ଦୁଇଟି କ୍ଷେତ୍ରରେ ବିଭକ୍ତ କରାଯାଉ ଥିଲା । ପ୍ରତ୍ୟେକ ବର୍ଷ ଅର୍ଦ୍ଧେକ ଭୂମିରେ ଚାଷ ହେଉଥିଲା ଏବଂ ଅପର ଅର୍ଦ୍ଧକ ପଡ଼ିଆ ଛାଡ଼ିଦିଆ ଯାଉଥିଲା । ପ୍ରତ୍ୟେକ ବର୍ଷ ଦୁଇ କ୍ଷେତ୍ର ମଧ୍ୟରେ ଫସଲ ଆବର୍ତ୍ତନ କରାଯାଉ ଥିଲା । ଫସଲ କରାଯାଉ ନ ଥିବା ପଡ଼ିଆ କ୍ଷେତ୍ରଟି ଉର୍ବରତା ଫେରି ପାଇବା ଉଦ୍ଦେଶ୍ୟରେ ପଶୁ ଚାରଣ ପାଇଁ ବିନିଯୁକ୍ତ ହେଉଥିଲା । ସମଗ୍ର ମଧ୍ୟଯୁଗରେ ଶୁଷ୍କଗ୍ରୀଷ୍ମ ଭୂମଧ୍ୟ ଜଳବାୟୁରେ ଦୁଇ କ୍ଷେତ୍ର ବ୍ୟବସ୍ଥା ଥିଲା ସର୍ବାଧିକ ପ୍ରଚଳିତ । ଏଥିରେ ଶରତ ଋତୁରେ ବିହନ ବୁଣି ବସନ୍ତ ଋତୁରେ ଫସଲ ଅମଳ କରାଯାଉ ଥିଲା । ବସନ୍ତ ଋତୁରେ ବିହନ ବୁଣି ଅତ୍ୟନ୍ତ ଶୁଷ୍କ ଗ୍ରୀଷ୍ମ ଋତୁରେ ଫସଲର ଅଭିବୃଦ୍ଧି ହାସଲ କରିବା ସମ୍ଭବ ନ ଥିଲା ।

ଉତ୍ତର ଇଉରୋପର ଆର୍ଦ୍ରତର ଜଳବାୟୁରେ ତ୍ରିକ୍ଷେତ୍ର ଢାଞ୍ଚା ଥିଲା ପରବର୍ତ୍ତୀ ମଧ୍ୟଯୁଗର ବୈଶିଷ୍ଟ୍ୟ । ଶରତ ଓ ବସନ୍ତ ଋତୁରେ ଗୋଟିଏ ଗୋଟିଏ କ୍ଷେତ୍ରରେ ବିହନ ବୁଣା ଯାଉଥିଲା ଏବଂ ତୃତୀୟ

କ୍ଷେତ୍ରଟି ପଡ଼ିଆ ଛାଡ଼ିଦିଆ ଯାଉଥିଲା । ବର୍ଷକୁ ବର୍ଷ ଏବଂ କ୍ଷେତ୍ରକୁ କ୍ଷେତ୍ର ଫସଲ ଆବର୍ତ୍ତନ କରାଯାଉ ଥିଲା । ଅତଏବ ଦ୍ୱିକ୍ଷେତ୍ର ଢାଞ୍ଚା ଅପେକ୍ଷା କୃଷି ଥିଲା ଅଧିକ ସଘନ । ଉଭୟ ଢାଞ୍ଚାରେ ସାଧାରଣ ଜଙ୍ଗଲ ଓ ଚାରଣ ଅଞ୍ଚଳ ଏବଂ ପଡ଼ିଆ କ୍ଷେତ୍ର ସାମୁଦାୟିକ ଚାରଣ ଓ କାଷ୍ଠସଂଗ୍ରହ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା ।

ଜଙ୍ଗଲ ଓ ତୃଣଭୂମିକୁ ନେଇ ଗଠିତ ସାଧାରଣ ଭୂମି ଗଡ଼ର ସମସ୍ତ କୃଷକଙ୍କ ଉପଯୋଗ ପାଇଁ ଥିଲା ଉନ୍ମୁକ୍ତ । କିନ୍ତୁ ଅତ୍ୟଧିକ ଚାରଣ ଏଡ଼ାଇବା ନିମିତ୍ତ ପ୍ରତ୍ୟେକ କୃଷକଙ୍କ ପାଇଁ ପଶୁ ସଂଖ୍ୟା ଅନୁମୋଦନ ବେଳେ କଠୋରତା ଅବଲମ୍ବନ କରାଯାଉ ଥିଲା । ପଡ଼ିଆ କ୍ଷେତ୍ରଗୁଡ଼ିକ ସାଧାରଣ ଚାରଣ ଭୂମି ବିବେଚିତ ହେଉଥିଲା ।

ମୁକ୍ତ କ୍ଷେତ୍ର ବ୍ୟବସ୍ଥା ଥିଲା ଅଧିକ ବ୍ୟକ୍ତିପରକ ଏବଂ କମ୍ ସାମୁଦାୟିକ । ସାଧାରଣତଃ କମ୍ ଉତ୍ପାଦନଶୀଳ କୃଷି ଅଞ୍ଚଳରେ ଏହାର ପ୍ରଚଳନ ରହିଥିଲା । ଚାଷ କରାଯାଉ ଥିବା ଭୂମିଭାଗ ଥିଲା ଅଧିକ କେନ୍ଦ୍ରୀଭୂତ । ବେଳେବେଳେ ବିକ୍ଷିପ୍ତ ଧାରଣ ବଦଳରେ ଏହା ଥିଲା ଗୋଟିଏ ଖଣ୍ଡ । ବହୁ ସମୟରେ ଫସଲ ନିଷ୍ପତ୍ତି ସମଗ୍ର ଗ୍ରାମ ପରିବର୍ତ୍ତେ ବ୍ୟକ୍ତିବିଶେଷ ଅଥବା କୃଷକଙ୍କ ଏକ କ୍ଷୁଦ୍ର ଗୋଷ୍ଠୀ ଦ୍ୱାରା କରାଯାଉ ଥିଲା । ଶୁଦ୍ଧ ମୁକ୍ତ କ୍ଷେତ୍ର ବ୍ୟବସ୍ଥାର ସାଧାରଣଙ୍କ ପରିବର୍ତ୍ତେ ଜଣେ କୃଷକ ବ୍ୟକ୍ତିଗତ ଭାବେ କେବଳ କୃଷି ଭୂମି ନୁହେ ଜଙ୍ଗଲ ଓ ଗୋଚର ମଧ୍ୟ ଧାରଣ କରୁଥିଲେ । ଆଦ୍ୟ ପ୍ରରୂପର ମୁକ୍ତ କ୍ଷେତ୍ର ବ୍ୟବସ୍ଥା ଭଳି ଆକେନ୍ଦ୍ରିତ ହେବା ପରିବର୍ତ୍ତେ ବହୁ ସମୟରେ ଗ୍ରାମଗୁଡ଼ିକ ସଡ଼କ କଡ଼େ କଡ଼େ ପରିବ୍ୟାପ୍ତ ହୋଇଥିଲା ।

ଚାରଣ, କୃଷି ଓ ଚାରଣ ମିଶ୍ର ଏବଂ ନାମ ମାତ୍ର କୃଷି ଅଞ୍ଚଳମାନଙ୍କରେ ଏକ ଆବଦ୍ଧ କ୍ଷେତ୍ର ବ୍ୟବସ୍ଥା ପ୍ରଚଳିତ ଥିଲା । ଆବଦ୍ଧ କ୍ଷେତ୍ର ବ୍ୟବସ୍ଥାର ଚାରିତ୍ରିକ ବୈଶିଷ୍ଟ୍ୟ ଥିଲା ବ୍ୟକ୍ତିଗତ ନିଷ୍ପତ୍ତି ଗ୍ରହଣ । କୃଷକମାନେ ସେମାନଙ୍କ ଭୂମିକୁ ବାଡ଼ପଙ୍କ୍ତି, ପ୍ରସ୍ତର ଅଥବା ବୃକ୍ଷ ଦ୍ୱାରା ବିଶେଷ ଭାବେ ଆବଦ୍ଧ କରୁଥିଲେ । ଗ୍ରାମ ଗୀର୍ଜା ଏକ ପ୍ରମୁଖ ସ୍ଥଳରେ ନିର୍ମିତ ହେଉଥିଲା ଏବଂ ଗୃହ ସମୂହ ଏକାଠି ଏକ ଗ୍ରାମ ରୂପେ ସଂଗଠିତ ହେବା ପରିବର୍ତ୍ତେ ବିକ୍ଷିପ୍ତ ସ୍ଥିତିରେ ରହୁଥିଲା । ଏହି ବ୍ୟକ୍ତିପରକ କ୍ଷେତ୍ର

ବ୍ୟବସ୍ଥା ପୂର୍ବ ଓ ଦକ୍ଷିଣପଶ୍ଚିମ ଇଂଲଣ୍ଡ, ଫ୍ରାନସର ନର୍ମାଣ୍ଡି ଓ ବ୍ରିଟାନି ଏବଂ ସମଗ୍ର ଇଉରୋପରେ ଇତସ୍ତତଃ ପ୍ରଚଳିତ ଥିଲା ।

## ୫.୬ କୃଷକମାନଙ୍କ ଧାରଣ

ସବୁ କୃଷକଙ୍କର ସମାନ ପରିମାଣର କୃଷି ଜମି ନ ଥିଲା । ଖ୍ରୀ.୧୨୭୯ରେ ଇଂଲଣ୍ଡର ସାତୋଟି କାଉଣ୍ଟିରେ କରାଯାଇ ଥିବା ସର୍ବେକ୍ଷଣରୁ ୪୬ ପ୍ରତିଶତ କୃଷକଙ୍କ ପାଖରେ ୪.୦ ହେକ୍ଟର ବା ୧୦ ଏକରରୁ କମ୍ ଭୂମି ଥିବା ଜଣାଯାଇ ଥିଲା । ଏତିକି ଜମି ଗୋଟିଏ ପରିବାର ଚଳାଇବା ପାଇଁ ଥିଲା ଅପର୍ଯ୍ୟାପ୍ତ । କିଛି କୃଷକ ଥିଲେ ସମ୍ପୂର୍ଣ୍ଣ ଭୂମିହୀନ । ଆଉ କେତେକଙ୍କର ଘର ସନ୍ନିହିତରେ ମାତ୍ର କ୍ଷୁଦ୍ର ଉଦ୍ୟାନଟିଏ ରହିଥିଲା । ସମ୍ଭବତଃ ସମଗ୍ର ଇଉରୋପର ଚିତ୍ର ଥିଲା ଏଇ ଭଳି । ଗରିବ କୃଷକମାନେ ବହୁ ସମୟରେ ଧନୀ କୃଷକଙ୍କ ଜମିରେ କାମ କରୁଥିଲେ ଅଥବା କୃଷି ଅତିରିକ୍ତ ଏକ ବ୍ୟବସାୟରେ ଲିପ୍ତ ଥିଲେ ।

ତେତିଶି ପ୍ରତିଶତ କୃଷକଙ୍କ ପାଖରେ ପ୍ରାୟ ଅଧ ବର୍ଗଟ*(Virgate)*- ୪.୯ରୁ ୬.୫ ହେକ୍ଟର ବା ୧୨ରୁ ୧୬ ଏକର- ଭୂମି ରହିଥିଲା । ଅଧିକାଂଶ ବର୍ଷ ପରିବାରଟିଏ ଚଳିଯିବାକୁ ଏହା ଥିଲା ଯଥେଷ୍ଟ । କୋଡ଼ିଏ ପ୍ରତିଶତ କୃଷକଙ୍କ ଜମି ପରିମାଣ ଥିଲା ଏକ ପୂର୍ଣ୍ଣ ବର୍ଗଟ । ଏହା କେବଳ ପରିବାର ପୋଷଣ ପାଇଁ ଯଥେଷ୍ଟ ନ ଥିଲା; ଏଥିରୁ କିଛି ଉଦ୍‌ବୃତ୍ତ ମଧ୍ୟ ରହୁଥିଲା । ଅଭିଜାତବର୍ଗରେ ଅନ୍ତର୍ଭୁକ୍ତ ନ ଥିଲେ ସୁଦ୍ଧା ସାମାନ୍ୟ କିଛି କୃଷକ ଗୋଟିଏ ବର୍ଗଟରୁ ଅଧିକ ଜମି ଧାରଣ କରିଥିଲେ ଏବଂ ଏ ଦୃଷ୍ଟିରୁ ଥିଲେ ଅପେକ୍ଷାକୃତ ସମ୍ପନ୍ନ । ଏ ଧନୀ କୃଷକମାନେ ସମ୍ଭବତଃ ନିଜେ ଥିଲେ ଭୂମ୍ୟଧିକାରୀ ଏବଂ ଜମିରେ କାମ କରିବାକୁ ମଜୁରୀ ଦେଇ ଶ୍ରମିକ ନିୟୋଜନ କରୁଥିଲେ ।

କୃଷିଯୋଗ୍ୟ ଜମିର ବତିଶି ପ୍ରତିଶତ ଥିଲା ଗଡ଼ପତିଙ୍କର । ଗଡ଼ର କୃଷକମାନଙ୍କୁ ଗଡ଼ପତିଙ୍କ ଜମିରେ ପ୍ରତ୍ୟେକ ବର୍ଷ ନିର୍ଦ୍ଦିଷ୍ଟ ସଂଖ୍ୟକ ଦିନ କାମ କରିବାକୁ ଅଥବା ସେମାନେ ଚାଷ କରୁଥିବା ଜମିର ଭଡ଼ା ଗଡ଼ପତିଙ୍କୁ ଦେବାକୁ ପଡୁଥିଲା ।

# ୫.୭ ଫସଲ

ପରବର୍ତ୍ତୀ ରୋମ ସାମ୍ରାଜ୍ୟ କାଳରେ ଇଉରୋପରେ ସର୍ବାଧିକ ମହତ୍ୱପୂର୍ଣ୍ଣ ଫସଲ ଥିଲା ଇଟାଲୀରେ ରୁଟି ଗହମ ଏବଂ ଉତ୍ତର ଇଉରୋପ ଓ ବଲକାନ ଅଞ୍ଚଳରେ ଯବ । ଭୂମଧ୍ୟସାଗର ସନ୍ନିହିତ ଅଞ୍ଚଳରେ ଅଙ୍ଗୁର ଓ ଅଲିଭ ଚାଷ ଥିଲା ମହତ୍ୱପୂର୍ଣ୍ଣ । ରାଇ ଓ ଜଇ କ୍ରମଶଃ ପ୍ରମୁଖ ଫସଲରେ ପରିଣତ ହେଉଥିଲା । ରୋମୀୟମାନେ ଅଧିକ ଉତ୍ତରକୁ ଥିବା ପ୍ୟାରିସ, ମୋସଲ ଉପତ୍ୟକା ଓ ରାଇନ ନଦୀକୂଳରେ ଅଙ୍ଗୁର ଚାଷ ପ୍ରବର୍ତ୍ତନ କରିଥିଲେ । ମଧ୍ୟଯୁଗୀୟ ଫ୍ରାନସରେ ଇଟାଲୀ ସୀମାନ୍ତ ଦକ୍ଷିଣପୂର୍ବ ଉପକୂଳରେ ଅଲିଭ ଚାଷ ଥିଲା ପାରମ୍ପରିକ । କିନ୍ତୁ ଆପାତତଃ ୧୫ଶ ଶତାବ୍ଦୀରେ ଲଙ୍ଗଡକରେ ବୃହତ୍ ମାତ୍ରାରେ ଅଲିଭ ଚାଷ ଆରମ୍ଭ ହେଲା ।

ରୋମୀୟ କାଳରେ ସ୍ପେଲ୍ଟ ଗହମ ଥିଲା ଜର୍ମାନୀର ଉପର ଦାନ୍ୟୁବ ଉପତ୍ୟକାର ସ୍ୱାବିଆରେ କରାଯାଉ ଥିବା ସର୍ବାଧିକ ସାଧାରଣ ଶସ୍ୟ ଚାଷ । ସମଗ୍ର ମଧ୍ୟଯୁଗରେ ଇଉରୋପର ଅନେକ ଅଞ୍ଚଳରେ ଏକ ମହତ୍ୱପୂର୍ଣ୍ଣ ଫସଲ ରୂପେ ଏହାର ନିରନ୍ତରତା ବଜାୟ ରହିଥିଲା । ସ୍ୱାବିଆ ସମେତ ଇଉରୋପର ଅଧିକାଂଶ ଅଞ୍ଚଳରେ ଏମ୍ମର ଗହମ ଥିଲା ଖୁବ୍ କମ୍ ମହତ୍ୱପୂର୍ଣ୍ଣ । ସ୍ୱାବିଆରେ ରୁଟି ଗହମ ଥିଲା ଅପେକ୍ଷାକୃତ ମହତ୍ୱହୀନ ।

ଖ୍ରୀ.୮ମରୁ ଖ୍ରୀ.୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍ତର ଫ୍ରାନସରେ ମହତ୍ୱପୂର୍ଣ୍ଣ ଫସଲ ଥିଲା ଯଥାକ୍ରମେ ରାଇ, ରୁଟି ଗହମ, ଯବ ଓ ଜଇ । ନର୍ମାଣ୍ଡି ଓ ବ୍ରିଟାନିରେ ସର୍ବାଧିକ ମହତ୍ୱପୂର୍ଣ୍ଣ ଫସଲ ଥିଲା ଯବ ଓ ଜଇ । ଗହମ ଅପେକ୍ଷା ରାଇ ଅଧିକ ଶୀତ ସହନକାରୀ ଏବଂ ଅନୁର୍ବର ମୃତ୍ତିକାରେ ଚାଷ ଉପଯୋଗୀ । ଏ ଦୃଷ୍ଟିରୁ ଇଉରୋପର ଅନୁର୍ବର ଓ ଚରମ ଉତ୍ତରସ୍ଥ ଅନେକ ସ୍ଥଳରେ ଏହା ପ୍ରଧାନ ଫସଲରେ ପରିଣତ ହେଲା । ଅନ୍ୟ ଏକ କଠୋର ଫସଲ ଏକ ପ୍ରକାର ଯବ ସ୍କାଣ୍ଡିନେଭିଆ ଓ ଇଂଲଣ୍ଡରେ ବିଶେଷତଃ ସ୍କଟଲାଣ୍ଡର ଅନୁର୍ବର କୃଷି ଅଞ୍ଚଳରେ ଚାଷ କରାଯାଉ ଥିଲା ।

ନେଦରଲାଣ୍ଡ ଓ ସନ୍ନିହିତ ଫ୍ରାନସର ନିମ୍ନଭୂମିରେ ମୃତ୍ତିକା ଥିଲା ଫସଲ ଚାଷର ପ୍ରଭାବୀ ନିର୍ଦ୍ଧାରକ । ବାଲିଆ ମାଟିରେ ତ୍ରିକ୍ଷେତ୍ର ବ୍ୟବସ୍ଥାରେ ଶୀତ ଫସଲ ରୂପେ ରାଇ ଏବଂ ମୁଖ୍ୟ ବସନ୍ତ ଫସଲ ରୂପେ ଜଇ ଓ ଯବ ଚାଷ କରାଯାଉ ଥିଲା । ଗହମ ଚାଷ ଥିଲା ପ୍ରାୟ ଅନୁପସ୍ଥିତ । ଅଧିକ ଉର୍ବର ଲୋଏସ ଓ ଦୋରସା ମାଟି ଥିବା ଅନେକ ଅଞ୍ଚଳରେ ରାଇ ପରିବର୍ତ୍ତେ ସ୍ପେଲ୍ଟ ସମେତ ଗହମ ଚାଷ ଥିଲା ଅତି ଅଧିକ ମହତ୍ୱପୂର୍ଣ୍ଣ । ପନିପରିବା, ଫଳ, ବିନ୍ ଓ ମଟର ଆଦି ଡାଲିଜାତୀୟ ଅନ୍ୟ ଫସଲ ମଧ୍ୟ ଚାଷ କରାଯାଉ ଥିଲା । ବାଲିଆ ଅପେକ୍ଷା ଲୋଏସ ଓ ଦୋରସା ମୃତ୍ତିକାରେ କୃଷକମାନେ ଅଧିକ ପ୍ରକାର ଫସଲ ଚାଷ କରୁଥିଲେ ।

ଖ୍ରୀ.୧୩ଶ ଓ ୧୪ଶ ଶତାବ୍ଦୀରେ ଇଂଲଣ୍ଡର ୱିଲ୍ଟସାୟରରେ ଚାଷ କରାଯାଉ ଥିବା ତିନୋଟି ସର୍ବାଧିକ ସାଧାରଣ ଫସଲ ଥିଲା ଗହମ, ଜବ ଓ ଜଇ । ବିଭିନ୍ନ ଗଡ଼ରେ ଏଗୁଡ଼ିକ ଭିନ୍ନ ଭିନ୍ନ ମାତ୍ରାରେ ଚାଷ କରାଯାଉ ଥିଲା । ସାଧାରଣ କ୍ଷେତ୍ରର ୮ ପ୍ରତିଶତ ପର୍ଯ୍ୟନ୍ତ ଡାଲି ଜାତୀୟ ଫସଲ ଚାଷ କରାଯାଉ ଥିଲା । ମୁକ୍ତ କ୍ଷେତ୍ର ବ୍ୟବସ୍ଥାରେ କୃଷକ ଗୃହ ସନ୍ନିହିତ କ୍ଷୁଦ୍ର ଉଦ୍ୟାନରେ ବନ୍ଧାକୋବି, ପିଆଜ, ମଟର ଓ ବିନ୍ ଚାଷ କରୁଥିଲେ; ଏପଲ, ଚେରି ଅଥବା ନାସ୍‌ପାତି ଗଛଟିଏ ଲଗାଉଥିଲେ; ଗୋଟିଏ ଦୁଇଟି ଘୁଷୁରୀ ଅଥବା ଗାଣ୍ଡେ ପାତିହଂସ ପାଳୁଥିଲେ ।

ଗ୍ରୀଷ୍ମ ଋତୁର ଶୁଷ୍କ ପାଗରେ ପଶୁ ଖାଦ୍ୟ ହ୍ରାସ ପାଉଥିବା ଭୂମଧ୍ୟସାଗରୀୟ ଅଞ୍ଚଳ ଅପେକ୍ଷା ଉତ୍ତର ଇଉରୋପରେ ପଶୁପାଳନ ଥିଲା ଅଧିକ ମହତ୍ୱପୂର୍ଣ୍ଣ । ଭୂମଧ୍ୟସାଗର ସନ୍ନିହିତ ଅଞ୍ଚଳରେ ଛେଳି ଓ ମେଣ୍ଢା ଥିଲା ସର୍ବାଧିକ ମହତ୍ୱପୂର୍ଣ୍ଣ ପାଳିତ ପଶୁ । ଏ ଅଞ୍ଚଳରେ ପଶୁମାନଙ୍କ ଋତୁକାଳୀନ ଚଳାଚଳ ଥିଲା ସାଧାରଣ ଘଟଣା । ଉତ୍ତର ଇଉରୋପରେ ଗାଈଗୋରୁ, ଘୁଷୁରୀ ଓ ଘୋଡ଼ା ମଧ୍ୟ ଥିଲା ମହତ୍ୱପୂର୍ଣ୍ଣ । ଉତ୍ତର ଇଉରୋପ ଅପେକ୍ଷା ଭୂମଧ୍ୟସାଗରୀୟ ମୃତ୍ତିକା ଥିଲା ସାଧାରଣତଃ ହାଲୁକା । ଏ ଦୃଷ୍ଟିରୁ ଭୂମଧ୍ୟସାଗରୀୟ କୃଷକ ପାଇଁ ହଳ ଆଦି କଠୋର କାର୍ଯ୍ୟ ନିମିତ୍ତ ବଳଦ ଓ ଘୋଡ଼ାର ଆବଶ୍ୟକତା ଥିଲା କମ୍ । କିନ୍ତୁ ଉତ୍ତର ଇଉରୋପରେ ହଳ ଆଦି କଠୋର କାର୍ଯ୍ୟ ନିମିତ୍ତ ବିଶେଷତଃ ବଳଦ ଥିଲା ପ୍ରାଣାଧାର । ଏଠାରେ କଠିନ ମୃତ୍ତିକାର ହଳ ପାଇଁ ଆଠଟି ବଦଳକୁ ନେଇ ଗଠିତ ଏକ ଦଳ ଆଦର୍ଶ ରୂପେ ଗୃହୀତ ହେଉଥିଲା । ରୋମୀୟ କାଳରେ ପ୍ରାୟତଃ ସମ୍ପଦଶାଳୀମାନେ ଘୋଡ଼ା ରଖୁଥିଲେ । କିନ୍ତୁ ପାଖାପାଖି ଖ୍ରୀ.୧୦୦୦ ପରେ ବଳଦ ପରିବର୍ତ୍ତେ ହଳ ଆଦି କଠୋର କାର୍ଯ୍ୟ

ପାଇଁ ଉତ୍ତରୋତ୍ତର ଅଶ୍ୱ ବ୍ୟବହୃତ ହେଲା । ବଳଦର କ୍ରୟ ଓ ପୋଷଣ ଥିଲା ଶସ୍ତା । କିନ୍ତୁ ଅଶ୍ୱ ଥିଲା ଦ୍ରୁତତର । ମଧ୍ୟଯୁଗୀୟ ଇଂଲଣ୍ଡ ଏବଂ ଉତ୍ତର ଇଉରୋପର ଅନ୍ୟ ଅଞ୍ଚଳରେ ମାଂସ ପାଇଁ ଘୁଷୁରୀ ପାଳନ ଥିଲା ସର୍ବାଧିକ ମହତ୍ୱପୂର୍ଣ୍ଣ । ଘୁଷୁରୀ ଥିଲା ବହୁପ୍ରଜ । ଏଥି ପାଇଁ ଯତ୍ନର ଆବଶ୍ୟକତା ଥିଲା କମ୍ । ଘୁଷୁରୀ ଅପେକ୍ଷା କମ୍ ବଜାର ମୂଲ୍ୟ ସତ୍ତ୍ୱେ ମେଣ୍ଢା ଠାରୁ କ୍ଷୀର, ମାଂସ, ପଶମ ଏବଂ ଚର୍ମପତ୍ର ପାଇଁ ଛାଲ ପ୍ରାପ୍ତ ହେଉଥିଲା ।

## ୫.୮ ଉତ୍ପାଦକତା

ମଧ୍ୟଯୁଗୀୟ ଫସଲର ଉତ୍ପାଦକତା ୨୧ଶ ଶତାବ୍ଦୀ ତୁଳନାରେ ଅତ୍ୟନ୍ତ ନିମ୍ନ କୋଟୀର ଥିଲେ ସୁଦ୍ଧା ପୂର୍ବବର୍ତ୍ତୀ ରୋମୀୟ ସାମ୍ରାଜ୍ୟ ଓ ପରବର୍ତ୍ତୀ ଆଦି ଆଧୁନିକ କାଳ ଠାରୁ ବିଶେଷ ନ୍ୟୂନ ନ ଥିଲା । ଉପଜ ଆକଳନର ସର୍ବାଧିକ ସାଧାରଣ ଉପାୟ ଥିଲା ବୁଣାଯିବା ଓ ଅମଳ କରାଯିବା ବିହନ ସଂଖ୍ୟାର ତୁଳନା । ଦୃଷ୍ଟାନ୍ତ ସ୍ୱରୂପ ଇଂଲଣ୍ଡ ଅନ୍ତର୍ଗତ ସସେକ୍ସର ବିଭିନ୍ନ ଗଡ଼ରେ ଖ୍ରୀ.୧୩୫୦-୧୩୯୯ ବର୍ଷମାନଙ୍କରେ ବୁଣାଯାଇ ଥିବା ବିହନ ପିଚ୍ଛା ଉପଜ ଥିଲା ଗହମ ପାଇଁ ୪.୩୪, ଯବ ୪.୦୧, ଏବଂ ଜଇ ୨.୮୭ । ଖ୍ରୀ.୧୨୫୦ରୁ ଖ୍ରୀ.୧୪୫୦ ପର୍ଯ୍ୟନ୍ତ ଇଂଲଣ୍ଡରେ ଶସ୍ୟ ଫସଲର ଉପଜ ଥିଲା ଏକର ପିଚ୍ଛା ୭ରୁ ୧୫ ବସଲ ବା ହେକ୍ଟର ପିଚ୍ଛା ୪୭୦ରୁ ୧୦୦୦ କିଲୋଗ୍ରାମ । ତେବେ ଅପାଳକ ବର୍ଷଗୁଡ଼ିକରେ ଏକର ପିଚ୍ଛା ଉପଜ ୪ ବସଲ ଠାରୁ ନିମ୍ନକୁ ମଧ ହ୍ରାସ ପାଉଥିଲା । ଏହାର ବିପରୀତରେ ୨୧ଶ ଶତାବ୍ଦୀରେ ଉପଜ ହେଉଛି ଏକର ପିଚ୍ଛା ୬୦ ବସଲରୁ ଊର୍ଦ୍ଧ୍ୱ । ଇଂଲଣ୍ଡର ଉପଜ ଥିଲା ମଧ୍ୟଯୁଗରେ ସମ୍ଭବତଃ ସମଗ୍ର ଇଉରୋପର ନମୁନା ।

ବିଦ୍ୱାନମାନେ ଅଧିକାଂଶ ସମୟରେ ମଧ୍ୟଯୁଗୀୟ କୃଷିର ଅସାମର୍ଥ୍ୟ ଓ ନିମ୍ନ ଉତ୍ପାଦକତାକୁ ସମାଲୋଚନା କରନ୍ତି । ଏକ ପ୍ରତିଷ୍ଠିତ ବ୍ୟବସ୍ଥାର ଜଡ଼ତ୍ୱକୁ ଦାୟୀ କରାଯାଏ । 'ଫସଲ, ଅମଳ ଓ ନିର୍ମାଣରେ ପ୍ରତ୍ୟେକେ ଗ୍ରାମ ଆଦର୍ଶର ଅନୁରୂପ ହେବାକୁ ବାଧ ହେଉଥିଲେ ।' ମୁକ୍ତ କ୍ଷେତ୍ର ବ୍ୟବସ୍ଥାର ଦୁଇଟି ପ୍ରମୁଖ ଅସାମର୍ଥ୍ୟ ଖୁବ୍ ଜଣାଶୁଣା । ପ୍ରଥମତଃ ଭୂମିର ସାମୁଦାୟିକ ପରିଚାଳନା । ଏହାର ପରିଣାମ ଥିଲା ସଂସାଧନର ଅପକୃଷ୍ଟ ବିନିଯୋଗ । ଦ୍ୱିତୀୟତଃ କ୍ଷୁଦ୍ର, ବିକ୍ଷିପ୍ତ ଭୂମିଭାଗରେ

କୃଷି । ଏହା ଫଳରେ ଗୋଟିଏ ଭାଗରୁ ଅପର ଭାଗକୁ ଯାତ୍ରାରେ ସମୟ ନଷ୍ଟ ହେଉଥିଲା । ଜଣାଶୁଣା ଅସାମର୍ଥ୍ୟ ସତ୍ତ୍ୱେ ମୁକ୍ତ କ୍ଷେତ୍ର ବ୍ୟବସ୍ଥା ଇଉରୋପର ଅଧିକାଂଶ ଭାଗରେ ପ୍ରାୟ ଏକ ହଜାର ବର୍ଷ ଧରି ପ୍ରଚଳିତ ଥିଲା ଏବଂ ଖ୍ରୀ.୧୫୦୦ରୁ ଖ୍ରୀ.୧୮୦୦ ମଧ୍ୟରେ ଏହା ଧୀରେ ଧୀରେ ଲୋପ ପାଇଲା । ଅଧିକନ୍ତୁ ସମାଜର ଅନେକ ତତ୍ତ୍ୱ ସମ୍ପଦର ବ୍ୟକ୍ତିଗତ ମାଲିକାନା ଦ୍ୱାରା ମୁକ୍ତ କ୍ଷେତ୍ର ବ୍ୟବସ୍ଥାର ପ୍ରତିସ୍ଥାପନକୁ ଭୟଙ୍କର ପ୍ରତିରୋଧ କରିଥିଲେ । ଖ୍ରୀ.୧୬ଶ ଶତାବ୍ଦୀ ପର ଠାରୁ 'ଉତ୍ସାହଶୀଳ ନୂତନ ବିଶ୍ୱ'ର କଠୋର, ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଓ ପୁଞ୍ଜିବାଦୀ ସମାଜ ମୁକ୍ତ କ୍ଷେତ୍ର ବ୍ୟବସ୍ଥାର ନିରାପତ୍ତା ଓ ସୁନିଶ୍ଚିତତାକୁ ଧ୍ୱଂସ କରିଦେଲା ।

ମଧ୍ୟଯୁଗୀୟ କୃଷିର ନିମ୍ନ ଉତ୍ପାଦକତାର ଏକ କାରକ ଭାବେ 'ପୋଷ୍ଟାନ ସିଦ୍ଧାନ୍ତ' ଉଲ୍ଲେଖ କରାଯାଏ । ଅପର୍ଯ୍ୟାପ୍ତ ଉର୍ବରଣ ଯୋଗୁଁ ଭୂମିର ଉତ୍ପନ୍ନଶୀଳତା ଏବଂ ପରିଣାମରେ ଉତ୍ପାଦକତା ବାଧାପ୍ରାପ୍ତ ହେଉଥିଲା । ଏହାର କାରଣ ଥିଲା କୃଷି ପଶୁଙ୍କ ପାଇଁ ଚାରଣ ଭୂମିର ସ୍ୱଳ୍ପତା ଏବଂ ସେଥିଯୋଗୁଁ କୃଷିଯୋଗ୍ୟ ଭୂମିକୁ ଉର୍ବର କରିବା ନିମିତ୍ତ ଯବକ୍ଷାର ଯୁକ୍ତ ଖତର ଅଭାବ । ଅଧିକନ୍ତୁ ଖ୍ରୀ.୧୦୦୦ ପରେ ଜନସଂଖ୍ୟା ବୃଦ୍ଧି ହେତୁ ଅନୁର୍ବର, ଗୋଚର ଓ ଜଙ୍ଗଲ ଜମିକୁ କୃଷିକ୍ଷେତ୍ରରେ ପରିଣତ କରାଯିବାରୁ କୃଷି ପଶୁ ସଂଖ୍ୟା ଏବଂ ଖତର ପରିମାଣ ଅଧିକ ହ୍ରାସ ପାଇଲା ।

ଖ୍ରୀ.୧୪ଶ ଓ ୧୫ଶ ଶତାବ୍ଦୀରେ ନେଦରଲାଣ୍ଡ ଓ ବେଲଜିୟମର ନିମ୍ନ ଦେଶ ସମୂହ ଏବଂ ଉତ୍ତର ଫ୍ରାନସର ଫ୍ଲାଣ୍ଡର୍ସରୁ ଉତ୍ପାଦକତା ବୃଦ୍ଧିରେ ପ୍ରଗତିଶୀଳତାର ଆଦ୍ୟତମ ସାକ୍ଷ୍ୟ ଉପଲବ୍ଧ ହୁଏ । ଓ୍ୱେଚ- ମଟର ଜାତୀୟ ଉଦ୍ଭିଦ ବିଶେଷ, ବିନ୍‌ସ, ସାଲଗମ ଓ ଖଡ଼ ଆଦି ଆବରଣ ଏବଂ ଅଣସୋରିଷ, ମଞ୍ଜିଷ୍ଠା ଓ ରାଜକ- ଭାଙ୍ଗ ଜାତୀୟ ଲତା ବିଶେଷ- ପ୍ରଭୃତି ଉଚ୍ଚ ମୂଲ୍ୟ ଫସଲ ଚାଷ ପୂର୍ବକ ପଡ଼ିଆ ଜମି ପ୍ରାୟ ନିର୍ମୂଳନ କରିବାର କୃଷି ଚଳଣି ଏ ସବୁ ଅଞ୍ଚଳରେ ରହିଥିଲା । ମଧ୍ୟକାଳୀନ ବ୍ୟାପକ କୃଷି ବିପରୀତରେ ଏ ନୂତନ ପ୍ରବିଧିରେ କ୍ଷୁଦ୍ର ଭୂମିଖଣ୍ଡରେ ସଘନ ଚାଷ କରାଯାଉ ଥିଲା । କୃଷି ଦୃଷ୍ଟିରୁ କହିବାକୁ ଗଲେ ସଘନ ଚାଷ ପ୍ରବିଧି ଇଂଲଣ୍ଡର ସର୍ବାଧିକ ଅଗ୍ରଣୀ ଅଞ୍ଚଳ ନରଫକରେ ତୁରନ୍ତ ପରିବ୍ୟାପ୍ତ ହୋଇଗଲା । ଏ ଅଗ୍ରଗାମିତ୍ୱ ବାଦ୍‌ ବ୍ରିଟିଶ କୃଷି ବିପ୍ଳବ ପୂର୍ବରୁ ଖ୍ରୀ.୧୭ଶ ଶତାବ୍ଦୀରେ ଇଂଲଣ୍ଡରେ କୃଷି ଉତ୍ପାଦକତାରେ ବ୍ୟାପକ ବୃଦ୍ଧି ଘଟିଥିଲା ।

ଋଷ ଏବଂ ଅନ୍ୟ କେତେକ ଅଞ୍ଚଳରେ ଖ୍ରୀ.୧୯ଶ ଶତାବ୍ଦୀ ପର୍ଯ୍ୟନ୍ତ ମଧ୍ୟଯୁଗୀୟ ଉପଜର ନିମ୍ନ ସ୍ତର ବଜାୟ ରହିଥିଲା । ଖ୍ରୀ.୧୮୫୦ରେ ଋଷରେ ହାରାହାରି ଶସ୍ୟ ଉପଜ ଥିଲା ଏକର ପିଛା ପ୍ରାୟ ୯ ବସଲ ବା ହେକ୍ଟର ପିଛା ୬୦୦କେ.ଜି; ତତ୍କାଳୀନ ଇଂଲଣ୍ଡ ଓ ନିମ୍ନଦେଶ ସମୂହର ଉପଜର ଅଧାରୁ କମ୍ ।

## ୫.୯ ଦୁର୍ଭିକ୍ଷ

ଫସଲହାନି ଓ ଅପାଳକ ଯୋଗୁଁ ଦୁର୍ଭିକ୍ଷ ଥିଲା ମଧ୍ୟଯୁଗୀୟ ଇଉରୋପରେ ଏକ ଚିରନ୍ତନ ଆପଦ । ବହୁ ସମୟରେ ଅପର ଅଞ୍ଚଳରୁ ଫସଲ ଆମଦାନୀ କରି ଗୋଟିଏ ଅଞ୍ଚଳରେ ଦୁର୍ଭିକ୍ଷରୁ ଆଶ୍ୱସ୍ତି ପ୍ରାପ୍ତି ମଧ୍ୟ ସମ୍ଭବପର ନ ଥିଲା । କାରଣ ଭୂପରିବହନ ଜନିତ ଆୟାସ ହେତୁ ପ୍ରତି ୫୦ ମାଇଲ୍‌ରେ ଶସ୍ୟର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୋଇଯାଉ ଥିଲା ।

ଖ୍ରୀ.୭୫୦ରୁ ଖ୍ରୀ.୯୫୦ ମଧ୍ୟରେ ହାରାହାରି ପ୍ରତି ୨୦ ବର୍ଷରେ ଥରେ ଇଉରୋପ ଦୁର୍ଭିକ୍ଷର ସମ୍ମୁଖୀନ ହେଉଥିବା ଏକ ଅଧ୍ୟୟନରୁ ଜଣାଯାଇଛି । ଦୁର୍ଭିକ୍ଷର ପ୍ରମୁଖ କାରଣ ଯୁଦ୍ଧ ନ ଥିଲା । ଏହାର ପ୍ରମୁଖ କାରଣ ଥିଲା କଠୋର ପାଗ ଏବଂ ଜଳବାୟୁଗତ ଅସଙ୍ଗତି ହେତୁ କୃଷି ଉତ୍ପାଦନ ହ୍ରାସ । ଖ୍ରୀ. ୧୨୩୨ରୁ ଖ୍ରୀ.୧୩୪୯ ମଧ୍ୟରେ ଇଂଲଣ୍ଡର ଓ୍ୱିଞ୍ଚେଷ୍ଟରରେ ଫସଲହାନି ଉପରେ କରାଯାଇ ଥିବା ଏକ ଅଧ୍ୟୟନରୁ ହାରାହାରି ପ୍ରତି ୧୨ ବର୍ଷରେ ଥରେ ଗହମ ଏବଂ ୮ ବର୍ଷରେ ଥରେ ଯବ ଓ ଜଇ ଅମଳରେ ହାନି ହେଉଥିବା ଜଣାପଡ଼ିଛି । ଗୋଟିଏ ବା ତତୋଽଧିକ ଫସଲହାନି ଯୋଗୁଁ ସ୍ଥାନୀୟ ଦୁର୍ଭିକ୍ଷ ମଧ୍ୟ ଘଟୁଥିଲା । ପାଗ ମଧ୍ୟ ପ୍ରଧାନ କାରଣ ଥିବା ଚିହ୍ନଟ କରାଯାଇଛି । ଜଳବାୟୁଗତ ପରିବର୍ତ୍ତନ ମଧ୍ୟ ଥିଲା ଏଥିପାଇଁ ଦାୟୀ । କାରଣ ଖ୍ରୀ.୧୨୭୫ରୁ ଖ୍ରୀ.୧୩୦୦ ମଧ୍ୟରେ ସମ୍ଭବତଃ କ୍ଷୁଦ୍ର ହିମ ଯୁଗର ପ୍ରାରମ୍ଭ ଯୋଗୁଁ ଫସଲ ଋତୁର ଦୈର୍ଘ୍ୟ ହ୍ରାସ ପାଇଥିଲା ।

ଖ୍ରୀ.୧୨୪୩ରୁ ଖ୍ରୀ.୧୨୪୫ ମଧ୍ୟରେ ହଙ୍ଗେରୀରେ ଏକ ପ୍ରଧାନ ଦୁର୍ଭିକ୍ଷର କାରଣ ଯୁଦ୍ଧ ଥିବା ସ୍ପଷ୍ଟତଃ ଜଣାଯାଏ । ଏହା ଥିଲା ମଙ୍ଗୋଲ ଆକ୍ରମଣ ଓ ବିସ୍ତର ବିଧ୍ୱଂସର ପରବର୍ତ୍ତୀ କାଳ । କ୍ଷୁଧା

ଏବଂ ଯୁଦ୍ଧ ହେତୁ ହଙ୍ଗେରୀ ଜନସଂଖ୍ୟାର କୋଡ଼ିଏରୁ ପଚାଶ ପ୍ରତିଶତ ମୃତ୍ୟୁ ମୁଖରେ ପତିତ ହୋଇଥିବା ଆକଳନ କରାଯାଇଛି ।

ମଧ୍ୟଯୁଗର ସର୍ବାଧିକ ବିଦିତ ଓ ସର୍ବ ବ୍ୟାପକ ଦୁର୍ଭିକ୍ଷ ଥିଲା ଖ୍ରୀ.୧୩୧୫-୧୩୧୭ର ମହାଦୁର୍ଭିକ୍ଷ । ବାସ୍ତବରେ ଖ୍ରୀ.୧୩୨୨ ପର୍ଯ୍ୟନ୍ତ ଏହା ବଜାୟ ରହିଥିଲା । ଉତ୍ତର ଇଉରୋପର ୩୦ ନିୟୁତ ଜନତାଙ୍କୁ ଏହା ପ୍ରଭାବିତ କରିଥିଲା । ଏଥି ମଧ୍ୟରୁ ପାଞ୍ଚରୁ ଦଶ ପ୍ରତିଶତ ମୃତ୍ୟୁ ବରଣ କରିଥିଲେ । ଜନସଂଖ୍ୟା ଓ ପ୍ରାଚୁର୍ଯ୍ୟରେ ତିନି ଶତାବ୍ଦୀର ଅଭିବୃଦ୍ଧି ପରେ ଏ ଦୁର୍ଭିକ୍ଷ ଆସିଥିଲା । କାରଣ ଥିଲା 'କଠୋର ଶୀତ ଏବଂ ବର୍ଷିଷ୍ଣୁ ବସନ୍ତ, ଗ୍ରୀଷ୍ମ ଓ ଶରତ' । ଫସଲର ଉପଜ ଏକତୃତୀୟାଂଶ ଅଥବା ଏକଚତୁର୍ଥାଂଶକୁ ହ୍ରାସ ପାଇଲା ଏବଂ ହଳ ଆଦି କଠିନ କୃଷି କାର୍ଯ୍ୟ କରୁଥିବା ପଶୁ ବହୁ ସଂଖ୍ୟାରେ ମୃତ୍ୟୁ ମୁଖରେ ପଡ଼ିଲେ । ଖ୍ରୀ.୧୩୪୭-୧୩୫୨ର କୃଷ୍ଣ ମୃତ୍ୟୁ ଥିଲା ଅଧିକ ଘାତକ । କିନ୍ତୁ ମହାଦୁର୍ଭିକ୍ଷ ଥିଲା ପରବର୍ତ୍ତୀ ମଧ୍ୟଯୁଗର ସବୁଠାରୁ ଭୟଙ୍କର ପ୍ରାକୃତିକ ଆପଦ ।

## ୫.୧୦ ପ୍ରଯୁକ୍ତିଗତ ନବାଚାର

ଖ୍ରୀ.୧୦୦୦ ପାଖାପାଖି ଛାଞ୍ଚପଟା ଲଙ୍ଗଳ ଓ ଏହାର ଘନିଷ୍ଠ ଆତ୍ମୀୟ ଭାରି ଲଙ୍ଗଳର ବ୍ୟାପକ ବ୍ୟବହାର ଥିଲା ମଧ୍ୟଯୁଗୀୟ କୃଷିରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରାବିଧିକ ନବାଚାର । ଏ ଦୁଇ ଲଙ୍ଗଳ ମଧ୍ୟଯୁଗୀୟ କୃଷକକୁ ଉତ୍ତର ଇଉରୋପର ଉର୍ବର କିନ୍ତୁ ଭାରି ଚିକିଟା ମାଟିର ଉପଯୋଗ ପାଇଁ ସମର୍ଥ କଲା । ରୋମୀୟ ଯୁଗରେ ହାଲୁକା ମାଟି ପାଇଁ ଆଞ୍ଚୁ ଲଙ୍ଗଳ ଥିଲା ଯଥେଷ୍ଟ । ଛାଞ୍ଚପଟା ଓ ଭାରି ଲଙ୍ଗଳରେ ମାଟି ଓଲଟି ପାରିଲା । ଫଳରେ ଅପତୃଣ ନିୟନ୍ତ୍ରଣ ଏବଂ ମାଟିରେ ସେ ସବୁର ମିଶ୍ରଣ ଯୋଗୁଁ ଉର୍ବରତା ବୃଦ୍ଧି ସମ୍ଭବପର ହେଲା । ଛାଞ୍ଚପଟା ଲଙ୍ଗଳରେ ଚାଷ ହେତୁ ମଧ୍ୟଯୁଗୀୟ କ୍ଷେତ୍ରର ସୁପରିଚିତ ମେଢ଼ ଓ ଖାଇ ଢାଞ୍ଚାର ବିକାଶ ଘଟିଲା । ଏଥି ଯୋଗୁଁ ଅତିରିକ୍ତ ଜଳ ନିଷ୍କାସନ ସୁବିଧାଜନକ ହେଲା । 'ଉତ୍ତମ କ୍ଷେତ୍ର ନିଷ୍କାସନ, ସର୍ବାଧିକ ଉର୍ବର ମୃତ୍ତିକାର ଅଭିଗମ୍ୟତା ଏବଂ କୃଷକର ଶ୍ରମ ଓ ସମୟ ସଞ୍ଚୟ ପୂର୍ବକ ଭାରି ଲଙ୍ଗଳ ଖାଦ୍ୟ ଉତ୍ପାଦନ ଏବଂ ପରିଣାମରେ ଜନସଂଖ୍ୟା ବୃଦ୍ଧି, ପ୍ରକାର୍ଯ୍ୟର ବିଶିଷ୍ଟୀକରଣ, ସହରୀକରଣ ଓ ଅବସର ବୃଦ୍ଧିକୁ ପ୍ରୋତ୍ସାହିତ କଲା' ।

ଖ୍ରୀ.୧୦୦୦ ପାଖାପାଖି ଇଉରୋପରେ ସାଧାରଣ ଉପଯୋଗକୁ ଆସିଥିବା ଆଉ ଦୁଇଟି ବିକାଶ ଥିଲା ଘୋଡ଼ାର ଗ୍ରୀବା ବନ୍ଧନୀ ଓ ନାଲ । ଗ୍ରୀବା ବନ୍ଧନୀ ଯୋଗୁଁ ଘୋଡ଼ାର ଟାଣିବା ସାମର୍ଥ୍ୟ ବୃଦ୍ଧି ପାଇଲା । ଘୋଡ଼ାନାଲ ଯୋଗୁଁ ଘୋଡ଼ାର ଖୁରା ସୁରକ୍ଷିତ ହେଲା । ଏ ବିକାଶର ପରିଣାମ ସ୍ୱରୂପ ଧୀର ଗତି ବଳଦର ବିକଳ୍ପ ହଳ ଓ ପରିବହନ ପଶୁ ରୂପେ ଅଶ୍ୱର ଉଦୟ ହେଲା ।

ଏଇ ପ୍ରଯୁକ୍ତିଗତ ନବାଚାର ଏବଂ ଏଥି ଯୋଗୁଁ ପ୍ରୋତ୍ସାହିତ ଅତିରିକ୍ତ କୃଷି ଉତ୍ପାଦନ ଫଳରେ ଇଉରୋପରେ ଖ୍ରୀ.୧୦୦୦ ଅଥବା ତତ୍ ପୂର୍ବରୁ ଖ୍ରୀ.୧୩୦୦ ପର୍ଯ୍ୟନ୍ତ ଜନସଂଖ୍ୟାରେ ବିପୁଳ ବୃଦ୍ଧି ଘଟିଲା । ତେବେ ଖ୍ରୀ.୧୪ଶ ଶତାବ୍ଦୀର ମହାଦୁର୍ଭିକ୍ଷ ଏବଂ କୃଷ୍ଣ ମୃତ୍ୟୁ ଏହାକୁ ବିପରୀତମୁଖୀ କରିଦେଲା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଇଉରୋପରେ ସାମନ୍ତବାଦର ଅଭ୍ୟୁଦୟ ହେତୁ କୃଷି ଶ୍ରମିକମାନେ କିଭଳି ପୀଡ଼ା ଭୋଗ କଲେ ? ଦଶ ଧାଡ଼ିରେ ଉତ୍ତର ଉଲ୍ଲେଖ କରନ୍ତୁ ।

........................................................................................................

........................................................................................................

........................................................................................................

........................................................................................................

........................................................................................................

........................................................................................................

........................................................................................................

........................................................................................................

........................................................................................................

........................................................................................................

**ପ୍ରଶ୍ନ ୨.** ମଧ୍ୟଯୁଗୀୟ ଇଉରୋପରେ କୃଷି ପ୍ରଯୁକ୍ତିରେ ବିଭିନ୍ନ ନବାଚାର ଉପରେ ଏକ ବିବରଣ ପ୍ରଦାନ କରନ୍ତୁ । ପାଞ୍ଚ ଧାଡ଼ିରେ ଉତ୍ତର ଉଲ୍ଲେଖ କରନ୍ତୁ ।

........................................................................................................

| |
|---|
| ................................................................................................................................ |
| ................................................................................................................................ |
| ................................................................................................................................ |
| ................................................................................................................................ |

## ୫.୧୧ ସାରାଂଶ

ରୋମୀୟ କାଳ ତୁଳନାରେ ମଧ୍ୟଯୁଗୀୟ ପଶ୍ଚିମ ଇଉରୋପରେ ସ୍ୱାବଲମ୍ବନ ଅଧିକ ମାତ୍ରାରେ କୃଷିର କେନ୍ଦ୍ର ବିନ୍ଦୁରେ ପରିଣତ ହେଲା । ଅଧିକାଂଶ ଇଉରୋପୀୟ ଅଞ୍ଚଳରେ ସର୍ବାଧିକ ମହତ୍ୱପୂର୍ଣ୍ଣ ଫସଲ ଥିଲା ଯବ ଓ ଗହମ । ବିବିଧ ପନିପରିବା, ଫଳ ସମେତ ଜଇ ଓ ରାଇ ମଧ ଚାଷ କରାଯାଉ ଥିଲା । ହଳ ପଶୁ ଭାବେ ବଳଦ ଓ ଅଶ୍ୱର ଉପଯୋଗ କରାଯାଉ ଥିଲା । ପଶମ ପାଇଁ ମେଣ୍ଢା ଓ ମାଂସ ପାଇଁ ଘୁଷୁରୀ ପାଳନ କରାଯାଉ ଥିଲା । ସମଗ୍ର ମଧ୍ୟଯୁଗରେ ଖରାପ ପାଗ ଯୋଗୁଁ ବାରଂବାର ଫସଲ ହାନି ଏବଂ ପରିଣାମରେ ଦୁର୍ଭିକ୍ଷ ଘଟୁଥିଲା । ନିମ୍ନ ଦେଶମାନଙ୍କରେ ଅଧିକ ସଘନ କୃଷି ପଦ୍ଧତିର ବିକାଶ ଏବଂ ଖ୍ରୀ.୧୩୪୭-୧୩୫୧ରେ କୃଷ୍ଣ ମୃତ୍ୟୁ ଯୋଗୁଁ ଜନସଂଖ୍ୟା ହାନି ହେତୁ କମ୍ ସଂଖ୍ୟକ କୃଷକଙ୍କୁ ଅଧିକ ଜମି ଉପଲବ୍ଧ ହେବା ଫଳରେ ଖ୍ରୀ.୧୪ଶ ଶତାବ୍ଦୀରେ ମଧ୍ୟଯୁଗୀୟ କୃଷି ବ୍ୟବସ୍ଥା ଭାଙ୍ଗିବାକୁ ଆରମ୍ଭ କଲା । ତେବେ ସାମାନ୍ୟ ପରିବର୍ତ୍ତନ ସହ ମଧ୍ୟଯୁଗୀୟ କୃଷି ଚଳଣି ସ୍ଲାଭୀୟ ଅଞ୍ଚଳ ଓ ଅପର କେତେକ କ୍ଷେତ୍ରରେ ଖ୍ରୀ.୧୯ଶ ଶତାବ୍ଦୀର ମଧ ଭାଗ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା।

## ୫.୧୨ ସୂଚକ ଶବ୍ଦାବଳୀ

**ରାଇ:** ଶସ୍ୟ, ଆବରଣ ଓ ଚାରା ଫସଲ ରୂପେ ବ୍ୟାପକ ଚାଷ କରାଯାଉ ଥିବା ଏକ ତୃଣ ।

**କୃଷିଦାସ:** ସାମନ୍ତୀୟ ବ୍ୟବସ୍ଥାରେ ମାଲିକଙ୍କ ଜାଗିରରେ କର୍ମ କରିବାକୁ ବନ୍ଧା ଜଣେ କୃଷି ଶ୍ରମିକ ।

## ୫.୧୩ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୫.୪ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୫.୧୦ ଦେଖନ୍ତୁ ।

## ୫.୧୪ ପରବର୍ତ୍ତୀ ପଠନ


Anderson, P. 2013. *Passages from Antiquity to Feudalism*. Verso World History Series.

Bloch, M. 1964. *Feudal Society* (2 Vols). University of Chicago Press.

Coulborne, R. 1956. *Feudalism in History*. Shoe String Press.

Durant, W. 1993. *The Story of Civilization* (vols. I & II). Fine Communications, US.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd.

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.

# ଷଷ୍ଠ ଏକକ:    ସହର ଓ ବାଣିଜ୍ୟ

## ବିଷୟ ଗଠନ:


୬.୦ ପଠନର ଉଦ୍ଦେଶ୍ୟ

୬.୧ ଉପକ୍ରମ

୬.୨ ଇଉରୋପରେ ମଧ୍ୟଯୁଗୀୟ ସହରର ବିକାଶ

୬.୨.୧ ମଧ୍ୟଯୁଗୀୟ ଇଉରୋପୀୟ ସହରର ଅବଦାନ

୬.୩ ମଧ୍ୟଯୁଗୀୟ ଇଉରୋପରେ ବାଣିଜ୍ୟ

୬.୩.୧ ବଜାର ଓ ଦୋକାନ

୬.୩.୨ ବାଣିଜ୍ୟ ମେଳା

୬.୩.୩ ଆନ୍ତର୍ଜାତିକ ବାଣିଜ୍ୟର ବିସ୍ତାର

୬.୩.୪ ବାଣିଜ୍ୟିକ ବନ୍ଦର ଓ ନିୟମନ

୬.୪ ସାରାଂଶ

୬.୫ ସୂଚକ ଶବ୍ଦାବଳୀ

୬.୬ ପ୍ରଗତି ପରିମାପକ ଉତ୍ତର

୬.୭ ପରବର୍ତ୍ତୀ ପଠନ


## ୬.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ଇଉରୋପରେ ମଧ୍ୟଯୁଗୀୟ ସହରର ବିକାଶ ଓ ମହତ୍ୱ
- ମଧ୍ୟଯୁଗୀୟ ଇଉରୋପରେ ବ୍ୟବସାୟ ଓ ବାଣିଜ୍ୟର ବିକାଶ

## ୬.୧ ଉପକ୍ରମ

ଉଚ୍ଚ ମଧ୍ୟଯୁଗୀୟ ଇଉରୋପରେ ସର୍ବତ୍ର ଆଶାବାଦର ଉତ୍ପ୍ଲାବନ ପରିଦୃଷ୍ଟ ହେଉଥିଲା । ଏଇ ଇଉରୋପ କ୍ରୁସେଡ ଯୁଦ୍ଧରେ ନିଜ ପଡ଼ୋଶୀଙ୍କୁ ପ୍ରହାର କରୁଥିବା, ଏକ ଅଭୂତପୂର୍ବ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବା, ପ୍ରଥମେ ରୋମୀୟ ଓ ପରେ ଗଥୀୟ ସ୍ଥାପତ୍ୟ ଶୈଳୀରେ ସର୍ବତ୍ର ପ୍ରଧାନ ଗୀର୍ଜା ଓ ଗୀର୍ଜାଘରମାନ ନିର୍ମାଣ କରୁଥିବା, କେଲଟୀୟ ଜଗତରୁ ସ୍କାଣ୍ଡିନେଭିଆ ଦେଇ ସ୍ଲାଭୀୟ ବିଶ୍ୱ ପର୍ଯ୍ୟନ୍ତ ନୂତନ ରାଷ୍ଟ୍ର ସବୁ ଗଠନ କରୁଥିବା ଆମେ ଦେଖିବାକୁ ପାଉ । ଏହା ଯଥାର୍ଥରେ ଏକ ଉଲ୍ଲେଖନୀୟ ଓ ଗତିଶୀଳ କାଳ ଏବଂ ଜନସଂଖ୍ୟାରେ ଆଖିଦୃଶିଆ ଅଭିବୃଦ୍ଧି ବିନା ଏହା ସମ୍ଭବପର ହୋଇ ନ ଥାନ୍ତା । ଖ୍ରୀ.୭୦୦ରୁ ଖ୍ରୀ.୧୪୦୦ ମଧ୍ୟରେ ମାନବ ଇତିହାସରେ ନିରନ୍ତର ବିକାଶର ଏକ ଦୀର୍ଘତମ କାଳ ଇଉରୋପରେ ଅନୁଭୂତ ହୋଇଥିଲା । ଏତିକିବେଳେ ଜୀବନର ସକଳ ବିଭାବରେ ବିକାଶ ଆମେ ଦେଖିବାକୁ ପାଉ । ଏବଂ ଏଇ ବିକାଶ ଥିଲା ଏ କାଳର ରାଜନୀତିକ ଓ ସାଂସ୍କୃତିକ ସାଫଲ୍ୟର ନିର୍ଣ୍ଣାୟକ ପୃଷ୍ଠଭୂମି ।

## ୬.୨ ଇଉରୋପରେ ମଧ୍ୟଯୁଗୀୟ ସହରର ବିକାଶ

ରୋମ ସାମ୍ରାଜ୍ୟ ବିଖଣ୍ଡିତ ହେବାର ବହୁ ଶତାବ୍ଦୀ ଅତିବାହିତ ହେବା ପରେ ଏକାଦଶ ଶତାବ୍ଦୀରେ ପଶ୍ଚିମ ଇଉରୋପରେ ଆର୍ଥିକ ପୁନରୁଦ୍ଧାରର ସକାରାତ୍ମକ ସୂଚନାର ପ୍ରଥମ ସାକ୍ଷ୍ୟ ମିଳେ । ଏକାଦଶ ଶତାବ୍ଦୀରେ ହିଁ ଆମେ ବର୍ଦ୍ଧିତ ବାଣିଜ୍ୟିକ କ୍ରିୟାକଳାପ, ପ୍ରଧାନ ସଡ଼କ ଓ ସମୁଦ୍ରମାର୍ଗ କଡ଼େକଡ଼େ ବାଣିଜ୍ୟିକ ବସତି, ବିଶାଳ ପାଟର ଅପବାହନ ଏବଂ କୃଷିର ପ୍ରକ୍ଷେପିତ ବିସ୍ତାର ସମ୍ବନ୍ଧରେ ଶୁଣିବାକୁ ପାଉ । ଖ୍ରୀଷ୍ଟୀୟ ପ୍ରଥମ ଦଶଟି ଶତାବ୍ଦୀରେ ନଗରଗୁଡ଼ିକର ଇତିହାସ କୁହେଳିକାଛନ୍ନ । ବର୍ବର ଆକ୍ରମଣ କାଳରେ ପ୍ରାଚୀନ ଗାଲୀୟ ଓ ରୋମୀୟ ସହରଗୁଡ଼ିକ ଅତି କଠୋର ଭାବେ ପ୍ରଭାବିତ ହୋଇଥିଲା । କିନ୍ତୁ ବର୍ବରମାନେ ପ୍ରଶାନ୍ତ ଜୀବନଯାପନ ଆରମ୍ଭ କରିବା ସଙ୍ଗେ ସଙ୍ଗେ ସହର ଓ ନଗରଗୁଡ଼ିକର ପୂର୍ବ ମହତ୍ୱ ଓ କ୍ରିୟାକଳାପ ଫେରିଆସିଲା । ବର୍ବର ଆକ୍ରମଣ କାଳରେ ଏବଂ ପରବର୍ତ୍ତୀ ସମୟରେ ସହର ଓ ନଗରଗୁଡ଼ିକର ନିୟନ୍ତ୍ରଣ ପୌର ପ୍ରଶାସନ ହାତରୁ ଧର୍ମାଧ୍ୟକ୍ଷ ଅଥବା ଅଭିଜାତମାନଙ୍କ ପାଖକୁ ଚାଲିଗଲା । ବେଳେବେଳେ ନିୟନ୍ତ୍ରଣ ଧର୍ମାଧ୍ୟକ୍ଷ ଓ ଅଭିଜାତବର୍ଗଙ୍କ ମଧ୍ୟରେ ବିଭକ୍ତ ହୋଇଗଲା ।

ଚାର୍ଲସ ମହାନ ନଗରଗୁଡ଼ିକୁ କାଉଣ୍ଟ ଉପାଧିଧାରୀ ଜଣେ ଜଣେ ଅଧିକାରୀଙ୍କ ଅଧୀନରେ ସ୍ଥାପନ କରି ଶାସନରେ ସମରୂପତା ପ୍ରବର୍ତ୍ତନ କଲେ । ଗୀର୍ଜାର ଲୋକ ଅଥବା ସାଧାରଣ ନାଗରିକ ଥିବା କାଉଣ୍ଟମାନେ ସେମାନଙ୍କ ପ୍ରଶାସନ ପାଇଁ ଚାର୍ଲସଙ୍କ ନିକଟରେ ଉତ୍ତରଦାୟୀ ଥିଲେ । ସମ୍ରାଟଙ୍କ ନାମରେ ସେମାନେ ନଗର ଶାସନ କରୁଥିଲେ । କିନ୍ତୁ ସାମ୍ରାଜ୍ୟର ବିଖଣ୍ଡନ ଓ ସାମନ୍ତବାଦ ପ୍ରତିଷ୍ଠା ପରେ ଏଇ କାଉଣ୍ଟମାନେ ନଗରଗୁଡ଼ିକ ଉପରେ ସାମନ୍ତୀ ପ୍ରଭୁତ୍ୱ ଲଦି ଦେଲେ । ସମଗ୍ର ଦ୍ୱାଦଶ ଶତାବ୍ଦୀରେ ସହର ଓ ନଗରଗୁଡ଼ିକର ସଂଖ୍ୟା ଲଗାତାର ବୃଦ୍ଧି ପାଇଲା । ଏଗୁଡ଼ିକର ଉଦ୍ଭବ, ବୈଧାନିକ ପ୍ରତିଷ୍ଠା, ଆକାର ଓ ମହତ୍ୱ ଥିଲା ଭିନ୍ନ ଭିନ୍ନ । ପ୍ରତ୍ୟେକେ ଅନ୍ୟ ଠାରୁ ଥିଲେ ପୃଥକ୍ । ତଥାପି ସମସ୍ତଙ୍କ ମଧ୍ୟରେ କିଛି ପାରିବାରିକ ସାଦୃଶ୍ୟ ରହିଥିଲା । ସେ ସମୟର ହିଂସା ବିଶେଷତଃ ହୂଣ ଓ ନରୱେଜୀୟମାନଙ୍କ ଆକ୍ରମଣ ଜନତାଙ୍କୁ ପ୍ରାଚୀର ବେଷ୍ଟନୀ ମଧ୍ୟରେ ଏକାଠି ବଞ୍ଚିବାକୁ ବାଧ କଲା ଏବଂ ଏଗୁଡ଼ିକ ସମୟକ୍ରମେ ନଗରରେ ପରିଣତ ହେଲା । ବ୍ୟବସାୟ ଓ ବାଣିଜ୍ୟର ଅଭିବୃଦ୍ଧି ମଧ୍ୟ ସହର ଓ ନଗର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କଲା । ଏହିପରି ସ୍ଥଳ ଓ ଜଳ ବାଣିଜ୍ୟମାର୍ଗ ପାର୍ଶ୍ୱରେ ସହରମାନ ଗଢ଼ିଉଠିଲା । ପ୍ରାଚୀର ବେଷ୍ଟିତ ଓ କଠୋର ପ୍ରହରୀ ନିୟୋଜିତ ସହରର ସଂକୀର୍ଣ୍ଣ ପରିସର ଭିତରେ ସକଳ ବିଷୟ ପୂରି ରହିଥିଲା ।

ପ୍ରଖ୍ୟାତ ସହର ଓ ନଗରମାନଙ୍କରେ ଗୀର୍ଜା, ପ୍ରାର୍ଥନାଳୟ, ମଠ, ହିସାବ ଗୃହ, ନଗର ଗୃହ, ଶ୍ରେଣୀ ଓ ସମାଜ ଗୃହ, ଅଗ୍ରଣୀ ନାଗରିକମାନଙ୍କ ଆବାସ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଆଦି ସକଳ ବିଷୟ ରହୁଥିଲା । ସହରୀ ଜୀବନର ସବୁ ଠାରୁ ଉଲ୍ଲେଖନୀୟ ଚରିତ୍ର ଥିଲା ସାଧାରଣ ସ୍ୱାର୍ଥ ଆଧାରରେ ଜନତା ଶ୍ରେଣୀ*(Guild)*ରେ ସଂଗଠିତ ହେବା । ପ୍ରମୁଖ ଜମିମାଲିକ ଓ ବ୍ୟବସାୟୀ ବଣିକ ଶ୍ରେଣୀ ଗଠନ କଲା ବେଳେ ବୁଣାକାର, ସୂତାକଟାଳି, ପାଣ୍ଠୋଇ ନିର୍ମାତା, ଚକିଚାଳକ, ବଢ଼େଇ, ରୁଟି ସେକାଳି ଆଦି ସମାନ ଦ୍ରବ୍ୟ ବା ପଣ୍ୟ ପ୍ରସ୍ତୁତକାରୀ ନିଜ ନିଜର ସ୍ୱତନ୍ତ୍ର କାରିଗର ଶ୍ରେଣୀ ଗଠନ କରୁଥିଲେ । ଉଲ୍ଲେଖନୀୟ ଯେ ଇଉରୋପର ବିଭିନ୍ନ ଅଂଶରେ ନଗରଗୁଡ଼ିକର ବିକାଶ ପଶ୍ଚାତ୍‌ରେ ଭିନ୍ନ ଭିନ୍ନ କାରଣମାନ ରହିଥିଲା । ଇଟାଲୀୟ ନଗରଗୁଡ଼ିକ ପାଇଁ ଭୂମଧ୍ୟସାଗର ଦେଇ ଏସିଆ ଓ ଇଉରୋପ ମଧ୍ୟରେ ହେଉଥିବା ବାଣିଜ୍ୟରେ ଅଂଶଗ୍ରହଣର ସୁବିଧା ଉପଲବ୍ଧ ଥିଲା । ସମ୍ପଦ ଅଧିଗ୍ରହଣ କ୍ଷମତା ଆହରଣ ପାଇଁ ପଥ ଉନ୍ମୁକ୍ତ କଲା । ଇଟାଲୀୟ ସହରଗୁଡ଼ିକର ଅଭିବୃଦ୍ଧି ଓ ବିକାଶର ପ୍ରଧାନ କାରଣ ଥିଲା ପ୍ରାଚ୍ୟ ସହ ବାଣିଜ୍ୟ ଏବଂ କ୍ରୁସେଡ ଯୋଗୁଁ ପ୍ରାପ୍ତ ପ୍ରୋତ୍ସାହନ ।

ଯାଯାବର ବଣିକମାନେ ଗୋଟିଏ ବା ଅପର ସ୍ଥାନରେ ସ୍ଥାୟୀ ରୂପେ ବାସ କରି ବ୍ୟବସାୟୀ ହୋଇଯିବା ଫଳରେ ମଧ୍ୟ ସହରମାନଙ୍କର ଅଭିବୃଦ୍ଧି ଘଟୁଥିଲା । ପ୍ରାଚୀର ପରିବେଷ୍ଟିତ ଧର୍ମାଧିକ୍ଷୀୟ କେନ୍ଦ୍ର ଓ ମଠଗୁଡ଼ିକ ମଧ୍ୟ ସହରର ନାଭି ରୂପେ କାର୍ଯ୍ୟ କରୁଥିଲା । ସମ୍ପଦ ଆସିବାରୁ କ୍ଷମତା ଆସିଲା ଏବଂ ପ୍ରମୁଖ ଇଟାଲୀୟ ସହରଗୁଡ଼ିକ ସ୍ୱୟଂଶାସିତ ରାଷ୍ଟ୍ରରେ ପରିଣତ ହେଲେ । ପୋପ ଅଥବା ସମ୍ରାଟଙ୍କ ଉପରେ ଏମାନଙ୍କ ନିର୍ଭରଶୀଳତା ଥିଲା କେବଳ ଲୋକଦେଖାଣିଆ । ସମୟ କ୍ରମେ ଅଧିକ ମହତ୍ୱପୂର୍ଣ୍ଣ କେତେକ ନଗର ସମ୍ପୂର୍ଣ୍ଣ ସ୍ୱାଧୀନ ଇଟାଲୀୟ ସହରୀ ଗଣରାଜ୍ୟରେ ରୂପାନ୍ତରିତ ହେଲା । ବୃହତ୍ ଓ କ୍ଷୁଦ୍ର ନଗରଗୁଡ଼ିକ ମଧ୍ୟରେ ଏକ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ରହିଥିଲା । ଦୃଷ୍ଟାନ୍ତ ସ୍ୱରୂପ ଭେନିସ, ମିଲନ, ଫ୍ଲୋରେନ୍ସ, ଜେନୋଆ ଆଦି ନଗର ଅମଲଫି, ସିଏନା ଓ ସେଭଳି ତୁଳନାତ୍ମକ ଭାବେ କ୍ଷୁଦ୍ର ଆଉ ଡଜନେ ସହରକୁ ନିମ୍ନ ଦୃଷ୍ଟିରେ ଦେଖୁଥିଲେ ।

ଫ୍ରାନସର ସ୍ୱକୀୟ ନଗରମାନ ରହିଥିଲା । ପ୍ରୋଭେନ୍ସର ଭବ୍ୟ ସନ୍ଥ ଲୁଇସ ବସତି, ଐଗସମର୍ତସ, ସାମ୍ପେନର ସହର ସମୂହ ଦ୍ୱାଦଶ ଶତାବ୍ଦୀ ଇଉରୋପରେ ଥିଲା ସର୍ବାଧିକ ଗୌରବଶାଳୀ । କିନ୍ତୁ ଏଗୁଡ଼ିକ ମହତ୍ୱ ହରାଇଲେ । ବ୍ୟବସାୟ ବାଣିଜ୍ୟକୁ ସେମାନେ ଆଦୌ ଆକୃଷ୍ଟ କରି ପାରିଲେ ନାହିଁ । ସେଥିରୁ ଅଧିକାଂଶରେ ପୁଣି ଘାସ ମାଡ଼ିଗଲା । ସେମାନେ ପୂର୍ବର କୃଷି ସ୍ଥିତିକୁ ଫେରି ଆସିଲେ । ଫ୍ରାନସରେ ଗୋଟିଏ ମଧ୍ୟ ନଗର ସ୍ୱାଧୀନ ଗଣରାଜ୍ୟରେ ପରିଣତ ହେଲା ନାହିଁ । ଏପରିକି ଫ୍ରାନସର ନଗରଗୁଡ଼ିକ ସାମନ୍ତୀ ପ୍ରଭୁମାନଙ୍କ କବଳରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରିବାରେ କୃତକାର୍ଯ୍ୟ ହେଲେ ନାହିଁ । ପ୍ରଭୂତ ସଂଗ୍ରାମ ପରେ ନଗରଗୁଡ଼ିକ କେବଳ କେତେକ ସ୍ୱାତନ୍ତ୍ର୍ୟ ଅର୍ଜନ କଲେ । ଅଧିକାଂଶ କ୍ଷେତ୍ରରେ ପ୍ରଭୁଙ୍କୁ ଦେୟ ପ୍ରଦାନ କରି ଏ ସ୍ୱାତନ୍ତ୍ର୍ୟ କ୍ରୟ କରାଯାଇ ଥିଲା । ସ୍ୱାତନ୍ତ୍ର୍ୟ ଅର୍ଜନ କରିବାରେ ସଫଳତାର ପରିମାପ ଦୃଷ୍ଟିରୁ ଫ୍ରାନସର ନଗରଗୁଡ଼ିକୁ ତିନୋଟି ବର୍ଗରେ ବିଭକ୍ତ କରାଯାଇ ପାରେ ।

ବୁର୍ଜୁଆ ନଗର(*villes de bourgeoisie*)ଗୁଡ଼ିକ ଥିଲେ ପ୍ରଥମ ବର୍ଗର । ଏଗୁଡ଼ିକରେ ନାଗରିକମାନଙ୍କ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ସମେତ କେତେକ ସାମନ୍ତୀ ଦେୟ ଛାଡ଼ ଥିଲା ଅନୁମୋଦିତ । ଦ୍ୱିତୀୟ ବର୍ଗର କନସଲୀ ନଗରଗୁଡ଼ିକର ନ୍ୟାୟ ପ୍ରଦାନ ବ୍ୟତୀତ ଅନ୍ୟ ସମସ୍ତ ପ୍ରାଶାସନିକ ଅଧିକାର ରହିଥିଲା । ଅଦାଲତଗୁଡ଼ିକ ସାମନ୍ତ ପ୍ରଭୁଙ୍କ ହାତରେ ଥିଲା । ନଗରର ପ୍ରଶାସନ ପାଇଁ

କନସଲ ପ୍ରଭୁଙ୍କ ପ୍ରତି ଉତ୍ତରଦାୟୀ ଥିଲେ । କନସଲ ଅନୁଷ୍ଠାନଟି ଯେ ରୋମୀୟ ବ୍ୟବସ୍ଥାର ଅନୁକରଣ ଥିଲା ଏହା କହିବା ଅନାବଶ୍ୟକ । ତୃତୀୟ ବର୍ଗର ନଗରଗୁଡ଼ିକ ଥିଲା ଯଥାର୍ଥ ସଙ୍ଗତ *(commune proper)* । ଦୁଇଟି ମାର୍ଗରେ ନଗର ଉପରେ ପ୍ରଭୁଙ୍କ ଅଧିକାର ସ୍ୱୀକୃତ ହୋଇଥିଲା । ପ୍ରଥମତଃ ନଗର ପ୍ରଭୁଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ମାହାସୁଲ ଓ କର ପ୍ରଦାନ କରୁଥିଲା । ଦ୍ୱିତୀୟରେ ନଗରର ଗୁହାରି ଶୁଣାଣିର ଅଧିକାର ପ୍ରଭୁଙ୍କର ରହିଥିଲା । ତେବେ ନଗର ପ୍ରଶାସନରୁ ପ୍ରଭୁଙ୍କୁ ବାଦ୍ ଦିଆଯାଇ ଥିଲା । ପ୍ରଶାସନର ମୁଖ୍ୟ ଥିଲେ ମହାପୌର*(Mayor)* । ଏକ ପରିଷଦ ତାଙ୍କର ସହାୟତା କରୁଥିଲା । ହିଂସା ଏବଂ ପ୍ରାଶାସନିକ କୁପରିଚାଳନା ଯୋଗୁଁ ଫରାସୀ ସଙ୍ଗତଗୁଡ଼ିକ ଧ୍ୱଂସାଭିମୁଖୀ ହେଲା । ସମୟ କ୍ରମେ ପ୍ରାଶାସନିକ କ୍ଷମତା ରାଜାଙ୍କ ହାତକୁ ଚାଲିଗଲା ।

ଜର୍ମାନୀରେ ବଣିକ ଏବଂ ପରବର୍ତ୍ତୀ ଇତିହାସରେ ସେମାନଙ୍କ ଉତ୍ତରାଧିକାରୀ ଓ୍ୱାଇକିଂ- ମୂଳତଃ ନରୱେଜୀୟ ଜଳଦସ୍ୟୁ- ଥିଲେ ଯାଯାବର । ଏ ବଣିକମାନଙ୍କର ଗୋଟିଏ ବା ଅପର ସ୍ଥାନରେ ଉପନିବେଶ ଅଥବା କୌଣସି ସୁବିଧାଜନକ ସ୍ଥାନରେ ବସତି ସ୍ଥାପନ କରିବା ପ୍ରବୃତ୍ତି ଯୋଗୁଁ ଅନେକ ସହର ଓ ନଗର ଗଢ଼ି ଉଠିଲା । ବିଶେଷତଃ ରାଇନ ନଦୀ ସନ୍ନିହିତ ସହରଗୁଡ଼ିକ ଦ୍ୱାଦଶ ଶତାବ୍ଦୀରେ ଖ୍ୟାତି ଅର୍ଜନ କଲା । ଇଂଲଣ୍ଡର ମଧ୍ୟଯୁଗୀୟ ସହରଗୁଡ଼ିକ ଥିଲା ସେମାନଙ୍କ ଅଧିକାଂଶ ମହାଦେଶୀୟ ଭଗିନୀ ତୁଲ୍ୟ କ୍ଷୁଦ୍ର । ଜନସଂଖ୍ୟା ଥିଲା ଏକରୁ ଛ' ହଜାର । କେବଳ ୟର୍କ ଓ ଲଣ୍ଡନ ଥିଲା ବ୍ୟତିକ୍ରମ । ଏପରିକି ଆଙ୍ଗ୍ଲୋ ସାକ୍‌ସନ କାଳରେ ଲଣ୍ଡନ ନଗରୀର ମହତ୍ୱ ଥିଲା ଦୃଷ୍ଟି ଆକର୍ଷକ । ମଧ୍ୟଯୁଗୀୟ ଇଉରୋପର ସହରଗୁଡ଼ିକ ନିକଟ ପ୍ରାଚ୍ୟ, ଆରବ ଜଗତ ଏବଂ ଋଷର ସହର ଠାରୁ ଥିଲା ମୂଳତଃ ଭିନ୍ନ । ଅଣଇଉରୋପୀୟ ସହର ଓ ନଗରଗୁଡ଼ିକ ପ୍ରଯୁକ୍ତି, ପରିମଳ, ଶିଳ୍ପାୟନ ଓ ସଭ୍ୟତାର ସାଧାରଣ ସ୍ତର ଦୃଷ୍ଟିରୁ ବହୁଳାଂଶରେ ଥିଲା ଇଉରୋପୀୟ ସହର ଓ ନଗରଗୁଡ଼ିକ ଠାରୁ ଯଥେଷ୍ଟ ଅଗ୍ରଗାମୀ । ଏପରିକି ନବମ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଋଷୀୟ ସହରଗୁଡ଼ିକ ଅନେକ ଉତ୍ତର ଇଉରୋପୀୟ ସହର ଠାରୁ ଥିଲା ଉତ୍କୃଷ୍ଟତର । ଇଉରୋପରେ ସର୍ବତ୍ର ସହର ଓ ନଗରଗୁଡ଼ିକର ଲକ୍ଷ୍ୟ ଥିଲା କୃଷିଦାସତ୍ୱ ଓ ଏହାର ପୀଡ଼ାଦାୟକ ଜଟିଳତାରୁ ମୁକ୍ତି । ସହରବାସୀ ଚଳାଚଳ, ବାଣିଜ୍ୟ, ବିବାହ ଓ ସମ୍ପଦରେ ସନ୍ତାନ ସନ୍ତତିଙ୍କ ଉତ୍ତରାଧିକାରରେ ସେମାନଙ୍କ ସାମନ୍ତୀୟ ପ୍ରଭୁଙ୍କର ହସ୍ତକ୍ଷେପ ରହିତ ସ୍ୱାଧୀନତା ପାଇଁ ଥିଲେ ଅଭିଳାଷୀ ।

ଏଭଳି ସ୍ୱାତନ୍ତ୍ର୍ୟ ପାଇଁ ସଂଗ୍ରାମ ବହୁ ମାତ୍ରାରେ ସଫଳକାମ ହେଲା ଏବଂ ସହରଗୁଡ଼ିକର ବିଶେଷାଧିକାରକୁ ସୁନିଶ୍ଚିତ କରି ସନନ୍ଦ ସବୁ ଅନୁମୋଦିତ ହେଲା । ସହରଗୁଡ଼ିକ ଯାହାକୁ ବି ଆଶ୍ରୟ ପ୍ରଦାନ କରିପାରୁ ଥିଲେ । ଏପରିକି ପଳାୟନକାରୀ କ୍ରୀତଦାସ ଓ କୃଷିଦାସମାନେ ସହର ଓ ନଗରରେ ନିର୍ଦ୍ଦିଷ୍ଟ କାଳର ନିରନ୍ତର ରହଣି ପରେ ମୁକ୍ତ ହୋଇପାରୁ ଥିଲେ । ତେଣୁ ଢଗଟିଏ ଗଢ଼ି ଉଠିଥିଲା: ନଗରର ପବନ ମଣିଷକୁ ମୁକ୍ତ କରେ । ଇଟାଲୀରେ ନଗର ଗଣରାଜ୍ୟ ଭଳି ସମ୍ପୂର୍ଣ୍ଣ ସ୍ୱାଧୀନ କେତେକ ସହର ରହିଥିଲେ ମଧ୍ୟ ଅଧିକାଂଶ ସହର ମୌଳିକ ସହରୀ ସ୍ୱାତନ୍ତ୍ର୍ୟ ଠାରୁ କିଛି ଅଧିକ କେବେ ମଧ୍ୟ ହାସଲ କରିପାରି ନ ଥିଲେ । ଏ ସହର ସବୁ ପୌର ଦଣ୍ଡଧରଙ୍କ ନିୟନ୍ତ୍ରଣରେ ରହିଥିଲା; ସର୍ବୋଚ୍ଚ ନ୍ୟାୟିକ କର୍ତ୍ତୃତ୍ୱ, କର କ୍ଷମତା, ସାମରିକ ନିୟନ୍ତ୍ରଣ ନିୟମିତ ରୂପେ ସାମନ୍ତ ଅଥବା ସାର୍ବଭୌମଙ୍କ ହସ୍ତରେ ନ୍ୟସ୍ତ ଥିଲା । ଲୌକିକ ପ୍ରଭୁମାନେ ସହରକୁ ଆଂଶିକ ସ୍ୱୟଂଶାସନ ମର୍ଯ୍ୟାଦା ପ୍ରଦାନ କରିବା ପାଇଁ ଅଧିକ ସହଜରେ ରାଜି ହୋଇଯାଉ ଥିଲେ ମଧ୍ୟ ଧର୍ମୀୟ ପ୍ରଭୁମାନେ ବାଟକୁ ଆସିବାକୁ ସମୟ ଲାଗୁଥିଲା । ଉତ୍ତର ଇଟାଲୀ ଓ ରାଇନ ସନ୍ନିହିତ ସହରଗୁଡ଼ିକୁ ହିଂସକ ମାର୍ଗ ଅବଲମ୍ବନ କରି ଧର୍ମୀୟ ପ୍ରଭୁଙ୍କ ଠାରୁ ବିଶେଷାଧିକାର ଛଡ଼ାଇ ନେବାକୁ ପଡ଼ିଥିଲା ।

ସ୍ୱାତନ୍ତ୍ର୍ୟର ସୁରକ୍ଷା ପାଇଁ ସହରଗୁଡ଼ିକ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏଥି ପାଇଁ ସେମାନଙ୍କୁ ସେନା ଯୋଗାଡ଼ କରିବାକୁ ପଡୁଥିଲା । ଅତଏବ ଉଭୟ ପ୍ରତିରକ୍ଷା ଓ ପ୍ରଶାସନ ଲାଗି ସହରବାସୀଙ୍କୁ କର ଗଣିବାକୁ ହେଉଥିଲା । ଏକା ଏକା ନିଜର ସୁରକ୍ଷା କରିବା କୌଣସି ବି ସହର ପାଇଁ ଥିଲା ଏକ ରକମ ଅସମ୍ଭବ । ତେଣୁ ଉତ୍ତର ଇଟାଲୀର ଲୋମ୍ବାର୍ଡ ଲିଗ, ସ୍ୱେନୀୟ ଲିଗ, ରାଇନୀୟ ଲିଗ, ସ୍ୱାବୀୟ ଲିଗ ଓ ହାନସୀୟ ଲିଗ ଭଳି ଅନେକ ସହର ସଂଘ ଗଢ଼ି ଉଠିଥିଲା । ସଂଗଠିତ ଜନତାଙ୍କୁ ନେଇ ଗଠିତ ବିଭିନ୍ନ ଶ୍ରେଣୀର ପ୍ରତିନିଧିମାନେ ସ୍ୱୟଂଶାସିତ ସହରଗୁଡ଼ିକରେ ପ୍ରଶାସନ ପରିଚାଳନା କରୁଥିଲେ । କୌଣସି ଶ୍ରେଣୀର ସଦସ୍ୟ ନ ହୋଇ କେହି ବିଦେଶୀ ସହରରେ ବାଣିଜ୍ୟ କରିବାକୁ ଅନୁମତି ପ୍ରାପ୍ତ ହେଉ ନ ଥିଲେ । ଶ୍ରେଣୀର ଏବଂ ଏଇ ଦୃଷ୍ଟିରୁ ସହରର ପ୍ରଧାନ ଚାରିତ୍ରିକ ବୈଶିଷ୍ଟ୍ୟ ଥିଲା ପ୍ରତିଷ୍ଠାର ସମତା । ଦେଶର ସୁରକ୍ଷା ପାଇଁ ସମସ୍ତଙ୍କୁ ଏକାଠି ହେବା ଏବଂ ଏଥି ପାଇଁ ଦେୟ ଦେବାକୁ ପଡୁଥିଲା । ସହରର ଜନସଂଖ୍ୟା କ୍ଷୁଦ୍ର ହେବାର ଏହା ଥିଲା ଅପେକ୍ଷିତ କାରଣ ।

### ୬.୨.୧ ମଧ୍ୟଯୁଗୀୟ ଇଉରୋପୀୟ ସହରର ଅବଦାନ

ଏକାଦଶ ଓ ଦ୍ୱାଦଶ ଶତାବ୍ଦୀର ସହରୀ ବିପ୍ଲବର ଆର୍ଥିକ, ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ପ୍ରଭାବ ଥିଲା ସୁଦୂର ପ୍ରସାରୀ । ଏଇ ବିବିଧ ଦିଗକୁ ଆଧାର କରି ମଧ୍ୟଯୁଗୀୟ ସହରଗୁଡ଼ିକର ଅବଦାନ ଆଲୋଚିତ ହେବା ଆବଶ୍ୟକ ।

୧. ମଧ୍ୟଯୁଗୀୟ ସହର ଦ୍ୱାରା ସମାଜରେ ଦୁଇଟି ନୂତନ ଶ୍ରେଣୀ ପ୍ରବର୍ତ୍ତିତ ହେଲା ।

(କ) ବ୍ୟବସାୟୀ, ଜଣାଶୁଣା ମହାଜନ, ପୁଞ୍ଜିପତି, ଶିଳ୍ପପତି ପ୍ରଭୃତିଙ୍କ ବୁର୍ଜୁଆ ଶ୍ରେଣୀ ।

(ଖ) ଉଭୟ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ନେଇ ଗଠିତ କର୍ମଜୀବୀ ଶ୍ରେଣୀ ।

ଆରମ୍ଭରୁ ପାଶ୍ଚାତ୍ୟର ଆର୍ଥିକ, ସାମାଜିକ ଏପରିକି ରାଜନୀତିକ ଇତିହାସରେ ଏ ଦୁଇ ଶ୍ରେଣୀର ପ୍ରାଧାନ୍ୟ ବହୁଳାଂଶରେ ପରିଲକ୍ଷିତ ହେଲା । କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ନେଇ ଗଠିତ କର୍ମଜୀବୀ ଶ୍ରେଣୀରେ ଆମେ ଭବିଷ୍ୟତର ପ୍ରୋଲିଟାରିଏଟ ଶ୍ରେଣୀର ପ୍ରାରମ୍ଭ ଲକ୍ଷ୍ୟ କରୁ । ଏବଂ ବୁର୍ଜୁଆ ଥିଲା ଏକ ନୂତନ ଶୃଙ୍ଖଳା ଅର୍ଥାତ୍ ଅଘୋଷିତ ତୃତୀୟ ଅନୁକ୍ରମର ଅୟମାରମ୍ଭ । ଆଧୁନିକ ଇତିହାସରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଥିଲା ଏ ଗୋଷ୍ଠୀର ଅନ୍ତର୍ଭୁକ୍ତ ସାଧାରଣଙ୍କ ଭାଗ୍ୟଲିପି ।

ସାମନ୍ତ ଓ ଗଡ଼ ବ୍ୟବସ୍ଥାକୁ ଦୁର୍ବଳ କରିଦେବାରେ ସହରଗୁଡ଼ିକର ଭୂମିକା ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଜମି ମାଲିକାନା ଏଣିକି ଅନୁକ୍ରମ ଓ ପ୍ରତିଷ୍ଠାର ଏକ ମାତ୍ର ନିର୍ଣ୍ଣାୟକ ହୋଇ ରହିଲା ନାହିଁ । ଶିଳ୍ପ ଓ ବାଣିଜ୍ୟରୁ ଅର୍ଜିତ ବିପୁଳ ସମ୍ପଦ ପୁଞ୍ଜିପତିମାନଙ୍କୁ ସାମନ୍ତଙ୍କ ଠାରୁ ଅଧିକ ନ ହେଲେ ମଧ୍ୟ ତତ୍ତୁଲ୍ୟ ମହତ୍ୱ ପ୍ରଦାନ କଲା ।

ସହର ଓ ନଗରଗୁଡ଼ିକ କୃଷିଦାସମାନଙ୍କ ପାଇଁ ସ୍ୱାଧୀନତାର ସୁରକ୍ଷିତ ଆଶ୍ରୟ ସ୍ଥଳରେ ପରିଣତ ହେଲା । ସହରଗୁଡ଼ିକ ଥିଲା କୃଷିଦାସତ୍ୱର ଶ୍ମଶାନ ଭୂମି । ଏଠାରେ ସେମାନଙ୍କ ପାଇଁ କୌଣସି ସାମନ୍ତୀ ବନ୍ଧନ ନ ଥିଲା ଏବଂ ଅର୍ଥ ପାଇଁ ଖୋଲା ବଜାରରେ କୃଷି ଉତ୍ପାଦ ବିକ୍ରି କରିବାର ସୁବିଧା ରହିଥିଲା । ପଳାୟନକାରୀ କୃଷିଦାସମାନେ ସହର ଓ ନଗରଗୁଡ଼ିକରେ ସହଜରେ ଆଶ୍ରୟ ପ୍ରାପ୍ତ ହେଉଥିଲେ । ଏଠାରେ ନବେ ଦିନର ନିରନ୍ତର

ରହଣି ସେମାନଙ୍କୁ ମୁକ୍ତ ନାଗରିକରେ ପରିଣତ କରୁଥିଲା । ଏଇ ଚଳଣିରୁ ଏକ ଢଗର ଅଭ୍ୟୁଦୟ ହେଲା: ନଗରର ପବନ ମଣିଷକୁ ମୁକ୍ତ କରେ ।

୨. ଏକଛତ୍ର ରାଷ୍ଟ୍ରୀୟ ରାଜତନ୍ତ୍ରର ଅଭ୍ୟୁଦୟ ଥିଲା ସହରଗୁଡ଼ିକର ରାଜନୀତିକ ପ୍ରଭାବର ଅବଦାନ । ରାଜାମାନେ ବୁର୍ଜୁଆ ବା ମଧ୍ୟମ ବର୍ଗଙ୍କୁ ନିର୍ଭରଯୋଗ୍ୟ ମନେ କଲେ । ସେମାନଙ୍କୁ ସଂସଦ ଓ ରାଷ୍ଟ୍ରୀୟ ବିଧାନସଭା*(States Generals or the Cortes)*କୁ ଟାଣି ଆଣିଲେ ।

ବୁର୍ଜୁଆ ବା ତୃତୀୟ ଅନୁକ୍ରମ ମଧ୍ୟରେ ରାଜାମାନେ ସାମନ୍ତୀ ଅରାଜକତା ଓ ଅବଜ୍ଞା ବିରୋଧରେ ଜଣେ ମିତ୍ର ପ୍ରାପ୍ତ ହେଲେ । ମଧ୍ୟମ ବର୍ଗ ସ୍ଥାୟୀ ସେନାର ପୋଷଣ ପାଇଁ ଅର୍ଥ ପ୍ରଦାନ କଲେ । ରାଜାମାନଙ୍କୁ ଏହା ସାମନ୍ତୀ ସାମରିକ ସେବା ଉପରେ ନିର୍ଭରଶୀଳତାରୁ ମୁକ୍ତ କଲା । ମଧ୍ୟମ ବର୍ଗଙ୍କ ବିନା ପରବର୍ତ୍ତୀ ମଧ୍ୟଯୁଗ ଓ ଆଧୁନିକ କାଳର ରାଜନୀତିକ ବିକାଶ ଅଚିନ୍ତନୀୟ ।

୩. ଆର୍ଥନୀତିକ ଦୃଷ୍ଟିରୁ ମଧ୍ୟଯୁଗୀୟ ସହର ମଧ୍ୟକାଳୀନ ଓ ଆଧୁନିକ ଆର୍ଥିକ ବ୍ୟବସ୍ଥାକୁ ଯୋଡୁଥିବା ଏକ ଅନ୍ତର୍ବର୍ତ୍ତୀ ସଂରଚନା ବିବେଚିତ ହୁଏ । ମଧ୍ୟଯୁଗୀୟ ସହର ଓ ନଗରଗୁଡ଼ିକ ଥିଲା ସ୍ୱାଧୀନ ଆର୍ଥିକ ଏକକ । ସେମାନଙ୍କର ନିଜ ନିଜର ସୀମା ପ୍ରତିବନ୍ଧକ ରହିଥିଲା । ଏହା ଆଧୁନିକ ରାଷ୍ଟ୍ରର ସ୍ୱାଭାବିକ ଅର୍ଥବ୍ୟବସ୍ଥା ଓ ମଧ୍ୟଯୁଗୀୟ ଗଡ଼ ମଧ୍ୟରେ ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ ରୂପେ କାର୍ଯ୍ୟ କଲା ।

ମଧ୍ୟକାଳୀନ ସହରରେ ଆରବ୍ଧ ବଣିକବାଦ ଥିଲା ଇଉରୋପର ଏକଛତ୍ର ସମ୍ରାଟମାନଙ୍କ ହସ୍ତରେ ଏକ ପ୍ରମୁଖ ଆର୍ଥିକ ଅସ୍ତ୍ର । ମଧ୍ୟଯୁଗୀୟ ସହର ଓ ନଗରଗୁଡ଼ିକ ଥିଲା ଶୈଳ୍ପିକ ଓ ବାଣିଜ୍ୟିକ ଜୀବନର କେନ୍ଦ୍ର ଏବଂ ମଧ୍ୟକାଳୀନ ସହରଗୁଡ଼ିକରୁ ହିଁ ଆନ୍ତର୍ଜାତିକ ବିନିମୟ ଓ ଯାତାୟତ ବ୍ୟବସ୍ଥାର ଅଭ୍ୟୁଦୟ ଘଟିଥିଲା ଯାହା ଆଧୁନିକ ଇଉରୋପୀୟ ସଭ୍ୟତାର ଅନ୍ୟତମ ପ୍ରମୁଖ ଚାରିତ୍ରିକ ବୈଶିଷ୍ଟ୍ୟ ।

୪. ସାଂସ୍କୃତିକ ଦୃଷ୍ଟିରୁ କହିବାକୁ ଗଲେ ସହର ଓ ନଗରଗୁଡ଼ିକର ବିକାଶର ଅର୍ଥ ଅଭିବୃଦ୍ଧି ଓ ପରିବର୍ତ୍ତନର ସମସ୍ତ ସାମାଜିକ ପ୍ରକ୍ରିୟାର ଗତି ବର୍ଦ୍ଧନ । ବଣିକ ଓ ପଣ୍ୟକୁ ଅନୁସରଣ କରି ନୂତନ ଭାବଧାରାମାନ ସହରରୁ ସହରକୁ ଯାତ୍ରା କଲା ।

ବିତ୍ତଶାଳୀ ମଧ୍ୟମ ବର୍ଗ ସହର ଓ ନଗରଗୁଡ଼ିକର ଉନ୍ନୟନ ପାଇଁ ପର୍ଯ୍ୟାପ୍ତ ଦାନ ଦେଲେ । ସହରୀ ଜନସଂଖ୍ୟାରେ ବୃଦ୍ଧି ସହ ଉଦ୍ଭୁତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପୌର ଜୀବନରେ ନୂତନ ପରୀକ୍ଷା ନିରୀକ୍ଷାମାନ ଆରବ୍ଧ ହେଲା । ମଧ୍ୟମବର୍ଗ ବା ବଣିକମାନଙ୍କ ସମ୍ପଦ କଳା, ସ୍ଥାପତ୍ୟ, ଚିତ୍ର ଆଦିକୁ ଉଦାର ପୃଷ୍ଠପୋଷକତା ପ୍ରଦାନ କଲା ।

ଜର୍ଜର ଉଚ୍ଚ ସୂଚ୍ୟାକୃତି ଗୃହ, ସୁଦୃଶ୍ୟ ଶ୍ରେଣୀ ଭବନ, କଳାତ୍ମକ ପ୍ରବେଶମାର୍ଗ, ଭବ୍ୟ ପ୍ରାସାଦ, ପ୍ରଭାବୋତ୍ପାଦକ ବିଶାଳ ଗୀର୍ଜା ସମୂହ ଆଜି ମଧ୍ୟ ମଧ୍ୟଯୁଗୀୟ ସହର ଓ ନଗରଗୁଡ଼ିକ ସଂସ୍କୃତିର ପାଳନ ଗୃହ ଥିବାର ସାକ୍ଷ୍ୟ ବହନ କରେ । ସହରୀ ଜୀବନ ସକଳ ସୁଖ ସାଧନ ସହ ଜୀବନକୁ ବଞ୍ଚିବା ଯୋଗ୍ୟ କଲା ଏବଂ ସମ୍ପଦ ଲାଭର ପରିଣାମ ସ୍ୱରୂପ ଆସିଥିବା ବିଳାସମୟତା ମଠ ଜୀବନ ଓ ସନ୍ନ୍ୟାସବାଦକୁ ସ୍ୱାଭାବିକ ରୂପେ କମ୍ ଆକର୍ଷକ କରିଦେଲା ।

## ୬.୩ ମଧ୍ୟଯୁଗୀୟ ଇଉରୋପରେ ବାଣିଜ୍ୟ

ମଧ୍ୟକାଳୀନ ଜଗତରେ ବ୍ୟବସାୟ ଓ ବାଣିଜ୍ୟ ଏତେ ପରିମାଣରେ ବିକଶିତ ହେଲା ଯେ ଅପେକ୍ଷାକୃତ କ୍ଷୁଦ୍ର କ୍ଷୁଦ୍ର ସମୁଦାୟ ମଧ୍ୟ ସାପ୍ତାହିକ ହାଟରେ ପ୍ରବେଶ କରୁଥିଲେ । ସମ୍ଭବତଃ ଦିନକର ବାଟ ଏବଂ ବୃହତ୍ ହାଟଗୁଡ଼ିକର ଆବୃତ୍ତି କମ୍ ଥିଲେ ମଧ୍ୟ ସେଠାରେ ଉପଲବ୍ଧ ସେକାଳର ସମସ୍ତ ଖାଉଟି ଦ୍ରବ୍ୟ ଦୋକାନୀ ଏବଂ କ୍ଷୁଦ୍ର ଖୁଚୁରା ବିକ୍ରେତାଙ୍କୁ ପ୍ରଲୁବ୍ଧ କରିବାକୁ ଥିଲା ଯଥେଷ୍ଟ । ବୃହତ୍ ଭୂସ୍ୱାମୀ, ନଗର ପରିଷଦ ଏବଂ କେତେକ ଗୀର୍ଜା ଓ ମଠ ବଜାର ଓ ହାଟର ଆୟୋଜନ କରୁଥିଲେ । ଏଥିପାଇଁ ସେମାନଙ୍କ ପାଖରେ ସାର୍ବଭୌମ ଅନୁଜ୍ଞା ରହିଥିଲା । ପସରାଧାରୀଙ୍କ ଶୁଳ୍କରୁ ରାଜସ୍ୱ

ଲାଭ ଏବଂ ସ୍ଥାନୀୟ ଅର୍ଥବ୍ୟବସ୍ଥାର ବଢ଼ତି ଥିଲା ସେମାନଙ୍କ ପ୍ରତ୍ୟାଶା । କାରଣ ଦୋକାନୀମାନେ ସୀମାନ୍ତବର୍ତ୍ତୀ ସେବାର ଉପଯୋଗ କରୁଥିଲେ । ରୋମୀୟ କାଳରୁ ଆନ୍ତର୍ଜାତିକ ବାଣିଜ୍ୟର ପ୍ରଚଳନ ରହିଥିଲା । କିନ୍ତୁ ପରିବହନ ଓ ମହାଜନିର ଉନ୍ନତି ଏବଂ ଉତ୍ତର ଇଉରୋପର ଆର୍ଥିକ ବିକାଶ ହେତୁ ଖ୍ରୀ.୯ମ ଶତାବ୍ଦୀରେ ଏଥିରେ ଅଚାନକ ବୃଦ୍ଧି ଘଟିଲା । ଦୃଷ୍ଟାନ୍ତ ସ୍ୱରୂପ ଇଂଲଣ୍ଡରୁ ବିପୁଳ ପରିମାଣର ପଶମ ଫ୍ଲାଣ୍ଡର୍ସର ପ୍ରସ୍ତୁତକର୍ତ୍ତାମାନଙ୍କ ପାଖକୁ ପ୍ରେରଣ କରାଯାଉ ଥିଲା । କ୍ରୁସେଡ ଯୁଦ୍ଧ ପରେ ଭେନେସୀୟମାନଙ୍କ ବାଣିଜ୍ୟିକ ସ୍ୱାର୍ଥ ବାଇଜାଣ୍ଟାଇନ ସାମ୍ରାଜ୍ୟ ଓ ଲିଓ୍ୱାଣ୍ଟରେ  ବିସ୍ତୃତି ଲାଭ କରିଥିଲା ଏବଂ ନୂତନ ଆର୍ଥିକ ସାଧନର ବିକାଶ ସମୁଦ୍ର ଓ ସ୍ଥଳ ପଥରେ ଇଉରୋପର ସକଳ ଦିଗରେ ପରିବ୍ୟାପ୍ତ ବାଣିଜ୍ୟିକ ଅଭିଯାନକୁ ପାଣ୍ଠି ଯୋଗାଣ ଲାଗି କ୍ଷୁଦ୍ର ନିବେଶକମାନଙ୍କୁ ମଧ୍ୟ ପ୍ରୋତ୍ସାହିତ କଲା ।

### ୬.୩.୧ ବଜାର ଓ ଦୋକାନ

ସମ୍ରାଟଙ୍କ ଅନୁଜ୍ଞା ବଳରେ ବିଶେଷାଧିକାର ପ୍ରାପ୍ତ ଗ୍ରାମ, ସହର ଓ ବୃହତ୍ ନଗରମାନଙ୍କରେ ସାର୍ବଜନୀନ ଛକ (ଅଥବା ବେଳେବେଳେ ତ୍ରିକୋଣ), ପ୍ରଶସ୍ତ ସଡ଼କ ଅଥବା ସେଇ ଉଦ୍ଦେଶ୍ୟରେ ନିର୍ମିତ ଭବନମାନଙ୍କରେ ନିୟମିତ ବଜାର ବସୁଥିଲା । ଅନେକ ଦୁର୍ଗ ଅଥବା ମଠ ସନ୍ନିହିତ ବାହ୍ୟାଞ୍ଚଳରେ ମଧ୍ୟ ବଜାର ଆୟୋଜିତ ହେଉଥିଲା । ବଜାର ସପ୍ତାହକୁ ହାରାହାରି ଥରେ ବା ଦୁଇ ଥର ବସୁଥିଲା । ତେବେ ବୃହତ୍ ସହର ଓ ନଗରଗୁଡ଼ିକରେ ବଜାର ଥିଲା ଦୈନିକ । ଏଗୁଡ଼ିକ ଆବର୍ତ୍ତନ ଭିତ୍ତିରେ ଦିବସ ଅନୁସାରେ ନଗରର ବିଭିନ୍ନ ଅଂଶରେ ବସୁଥିଲା ଅଥବା ମାଛ, ମାଂସ, ରୁଟି ଆଦି ବିଶେଷ ଦ୍ରବ୍ୟ ପାଇଁ ଭିନ୍ନ ଭିନ୍ନ ବଜାର ରହିଥିଲା । ପ୍ରତିଯୋଗିତାକୁ ତୀବ୍ର କରିବା ପାଇଁ ଭୂସ୍ୱାମୀ, ସହର ଅଥବା ନଗର ପରିଷଦକୁ ଶୁଳ୍କ ପ୍ରଦାନ କରି ପସରା ବସାଇବାର ବିଶେଷାଧିକାର ପ୍ରାପ୍ତ ନିର୍ଦ୍ଦିଷ୍ଟ ଦ୍ରବ୍ୟ ବିକ୍ରେତାମାନଙ୍କୁ ପରସ୍ପର ପାର୍ଶ୍ୱରେ ସ୍ଥାନ ଦିଆଯାଉ ଥିଲା । ମାଂସ ଓ ରୁଟି ବିକ୍ରେତାମାନେ ପ୍ରାୟତଃ ଥିଲେ ପୁରୁଷ । କିନ୍ତୁ ଅନେକତ୍ର ସଂଖ୍ୟାଗରିଷ୍ଠ ମହିଳା ଅଣ୍ଡା, ଦୁଗ୍ଧଜ ଉତ୍ପାଦ, ପକ୍ଷୀମାଂସ ଓ ବିୟର ଜାତୀୟ ମଦ୍ୟ*(Ale)* ବିକ୍ରୟ କରୁଥିଲେ । ରିଗ୍ରେଟର ନାମରେ ବିଦିତ କେତେକ ମଧ୍ୟସ୍ଥ ପୁରୁଷ ଓ ମହିଳା ଉତ୍ପାଦକଙ୍କ ଠାରୁ ଦ୍ରବ୍ୟ କ୍ରୟ କରି ବଜାରରେ ପସରାଧାରୀଙ୍କୁ ବିକ୍ରି କରୁଥିଲେ । ଅଥବା ଉତ୍ପାଦକମାନେ ସେମାନଙ୍କ ତରଫରୁ ଦ୍ରବ୍ୟ ବିକ୍ରି ପାଇଁ ବିକ୍ରେତାଙ୍କୁ କିଛି

ଦେୟ ପ୍ରଦାନ କରୁଥିଲେ । ଏହା ସଙ୍ଗକୁ ଫେରିବାଲା(*Huckster*)ମାନେ ମଧ୍ୟ ଦ୍ୱାର ଦ୍ୱାର ବୁଲି ସାମାନ ବିକ୍ରି କରୁଥିଲେ ।

ପରିବହନ ମୂଲ୍ୟ ହେତୁ ସାଧାରଣ, କମ୍ ଦାମ୍ ଦ୍ରବ୍ୟର ବାଣିଜ୍ୟ ଥିଲା ପ୍ରଧାନତଃ ଏକ ସ୍ଥାନୀୟ ବ୍ୟାପାର । ସଡ଼କର ନିର୍ଦ୍ଦିଷ୍ଟ ବିନ୍ଦୁରେ ଏବଂ ସେତୁ ଅଥବା ଗିରିବର୍ତ୍ମ ଆଦି ନିର୍ଣ୍ଣାୟକ ସ୍ଥଳରେ ବ୍ୟବସାୟୀମାନଙ୍କୁ ପଥକର ଦେବାକୁ ପଡୁଥିଲା । ଏ ଦୃଷ୍ଟିରୁ କେବଳ ବିଳାସ ଦ୍ରବ୍ୟ ହିଁ ଥିଲା ସୁଦୂର ପରିବହନ ପାଇଁ ଯୋଗ୍ୟ । ସ୍ଥଳ ଅପେକ୍ଷା ନାବ ଅଥବା ଜାହାଜରେ ଦ୍ରବ୍ୟ ପରିବହନ ଥିଲା ଅପେକ୍ଷାକୃତ ସୁଲଭ ଓ ସୁରକ୍ଷିତ । କିନ୍ତୁ ସେଥିରେ ଖରାପ ପାଗ ଏବଂ ଜଳଦସ୍ୟୁମାନଙ୍କ ଠାରୁ ସମ୍ଭାବିତ କ୍ଷତିର ଆଶଙ୍କା ରହିଥିଲା । ପରିଣାମ ସ୍ୱରୂପ ସ୍ଥାନୀୟ ବଜାରକୁ ପରିପାର୍ଶ୍ୱର କୃଷି ଜାଗିରରୁ ମାଲ୍ ଯୋଗାଣ ହେଉଥିଲା ଏବଂ ବସ୍ତ୍ର, ମଦ୍ୟ ଆଦି ଅଣଦୈନନ୍ଦିନ ସାମଗ୍ରୀ ଅଭିଳାଷୀମାନେ ଅର୍ଦ୍ଧ ଦିବସ ଅଥବା ତହିଁରୁ ଅଧିକ କାଳ ଚାଲି ନିକଟସ୍ଥ ସହରକୁ ଯାଉଥିଲେ ।

ସହରରେ ଖାଉଟିଙ୍କ ପାଇଁ ବଜାର ଅତିରିକ୍ତ ଦୋକାନ ମଧ୍ୟ ଉପଲବ୍ଧ ଥିଲା । ବଣିକମାନେ ସାଧାରଣତଃ ଦୋକାନ ଉପରେ ବାସ କରୁଥିଲେ । ଦୋକାନରେ ସଡ଼କ ପଟକୁ ଏକ ବୃହତ୍ ଝରକା ରହୁଥିଲା । ବାହ୍ୟ ଭାଗକୁ ପ୍ରକ୍ଷେପିତ କାଠ ଚାନ୍ଦୁଆ ତଳେ ପସରା ବସୁଥିଲା । ନଗରମାନଙ୍କରେ ସମାନ ରକମର ଦ୍ରବ୍ୟ ବିକ୍ରି କରୁଥିବା ଦୋକାନଗୁଡ଼ିକ ବହୁଳାଂଶରେ ଗୁଚ୍ଛାକାରରେ ଅଡ଼ିଶା ପଡ଼ିଶାରେ ଏକାଠି ରହୁଥିଲା । ଏହାର ଲକ୍ଷ୍ୟ ଥିଲା ପ୍ରତିଯୋଗିତା ବୃଦ୍ଧି ଏବଂ ନଗର ଜୀବନ ଓ ଶ୍ରେଣୀ ନିରୀକ୍ଷକଙ୍କ କାର୍ଯ୍ୟକୁ ସହଜତର କରିବା । ବେଳେବେଳେ ଦୋକାନର ଅବସ୍ଥାନ ଥିଲା ପ୍ରତ୍ୟକ୍ଷ ଭାବେ ବିକ୍ରି ଦ୍ରବ୍ୟ ସହ ସମ୍ବନ୍ଧିତ । ଦୃଷ୍ଟାନ୍ତ ସ୍ୱରୂପ ଅଶ୍ୱ ବିକ୍ରେତାମାନେ ବିଶେଷ ଭାବେ ନଗର ଦ୍ୱାର ନିକଟରେ ବସୁଥିଲେ । ଏହାର ଉଦ୍ଦେଶ୍ୟ ଥିଲା ସଡ଼କରେ ଯାଉଥିବା ପର୍ଯ୍ୟଟକମାନଙ୍କୁ ପ୍ରଲୁବ୍ଧ କରିବା । ସେହିପରି ପୁସ୍ତକ ବିକ୍ରେତାମାନେ ପ୍ରଧାନ ଗୀର୍ଜା ଅଥବା ଏହା ସହ ସଂଶ୍ଲିଷ୍ଟ ବିଦ୍ୟାଳୟ ନିକଟରେ ବସୁଥିଲେ । ଦ୍ରବ୍ୟର ମାନ ନିୟନ୍ତ୍ରଣ ନିହାତି ଆବଶ୍ୟକ ଥିବା ସୁନାରି ଓ ଶସ୍ତ୍ରକାରମାନଙ୍କୁ ସାଧାରଣତଃ ନଗର ପରିଷଦର ପ୍ରାଶାସନିକ ଭବନ ନିକଟରେ ବସାଯାଉ ଥିଲା । ଏଠାରୁ ନିୟାମକମାନେ ସେମାନଙ୍କ ଉପରେ ଆଖି ରଖିବା ଥିଲା ସୁବିଧାଜନକ । ସହରରେ ବ୍ୟାଙ୍କ ଓ ଋଣଦାତା ମହାଜନ ମଧ୍ୟ ରହିଥିଲେ । ଏମାନଙ୍କୁ ମଧ୍ୟରୁ ଅଧିକାଂଶ ଥିଲେ ଇହୁଦୀ । କାରଣ ଗୀର୍ଜା

ଦ୍ଵାରା ଖ୍ରୀଷ୍ଟ ଧର୍ମାବଲମ୍ବୀ ସୁଧ କାରବାର କରିବା ଥିଲା ନିଷିଦ୍ଧ । ବାଣିଜ୍ୟର ଏ ଗୁଚ୍ଛୀକରଣ ଫଳରେ ଅନେକ ସଡ଼କ ଏଠାରେ ବିଶେଷ କାରବାର ହେଉଥିବା ଦ୍ରବ୍ୟ ନାମରେ ନାମିତ ହୋଇଥିଲା । ଏ ନାମରୁ ଅଧିକାଂଶ ଆଜି ମଧ୍ୟ ପ୍ରଚଳିତ ।

### ୬.୩.୨ ବାଣିଜ୍ୟ ମେଳା

ବାଣିଜ୍ୟ ମେଳା ଥିଲା ବୃହତ୍ ଧରଣର ବିକ୍ରି କାର୍ଯ୍ୟକ୍ରମ । ବଡ଼ ବଡ଼ ସହରମାନଙ୍କରେ ଏହା ବିଶେଷ ରୂପେ ବର୍ଷକୁ ଥରେ ଆୟୋଜିତ ହେଉଥିଲା । ଏଠାରେ ଜନତା ସ୍ଥାନୀୟ ବଜାର ଅପେକ୍ଷା ଅଧିକ ରକମର ଦ୍ରବ୍ୟ ପାଇବାର ସମ୍ଭାବନା ରହିଥିଲା । ବଣିକମାନେ ପାଇକାରୀ ଦ୍ରବ୍ୟ କିଣି ପାରୁଥିଲେ । ମୂଲ୍ୟ ମଧ୍ୟ ଥିଲା ଅପେକ୍ଷାକୃତ ସୁଲଭ । କାରଣ ନିର୍ଦ୍ଦିଷ୍ଟ ଦ୍ରବ୍ୟର ବିକ୍ରେତାଙ୍କ ମଧ୍ୟରେ ପ୍ରତିଦ୍ଵନ୍ଦ୍ଵିତା ଥିଲା ଅଧିକ । ଦ୍ଵାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ଫ୍ରାନସ, ଇଂଲଣ୍ଡ, ଫ୍ଲାଣ୍ଡର୍ସ ଓ ଜର୍ମାନୀରେ ମେଳା ସଂଖ୍ୟାରେ ଆଶାତୀତ ବୃଦ୍ଧି ଘଟିଥିଲା । ମେଳା ପାଇଁ ସବୁଠାରୁ ପ୍ରଖ୍ୟାତ କ୍ଷେତ୍ର ଥିଲା ଫ୍ରାନସର ସାମ୍ପେନ ଅଞ୍ଚଳ ।

ସାମ୍ପେନର କାଉଣ୍ଟମାନେ ଜୁନ ଓ ଅକ୍ଟୋବରରେ ଟ୍ରୟ, ମେ ଓ ସେପ୍ଟେମ୍ବରରେ ସେଣ୍ଟ ଅୟୁଲ, ଲେଣ୍ଟ ବା ଚାଳିସା ଉପବାସ କାଳ- ଆସ୍ ବୁଧବାରରୁ ପବିତ୍ର ଶନିବାର ପର୍ଯ୍ୟନ୍ତ ୪୦ଟି ସାପ୍ତାହିକ ଦିବସ ବ୍ୟାପୀ ସମୟ-ରେ ବରସରଅବେ ଏବଂ ଜାନୁଆରୀରେ ଲଗ୍ନିରେ ଅନୁଷ୍ଠିତ ହେଉଥିବା ମେଳାକୁ ପ୍ରୋତ୍ସାହିତ କରୁଥିଲେ । ଏଥି ପାଇଁ ସେମାନେ ଆରକ୍ଷୀ ସେବା ସମେତ ମେଳାର ତଦାରଖ କରୁଥିବା ସେନା ଅଧିକାରୀଙ୍କ ଦରମା ପ୍ରଦାନ କରୁଥିଲେ । ସମଗ୍ର ଫ୍ରାନସ ଏପରିକି ବିଦେଶରୁ ବିଶେଷତଃ ଫ୍ଲାଣ୍ଡର୍ସ, ସ୍ପେନ, ଇଂଲଣ୍ଡ ଓ ଇଟାଲୀରୁ ପଶମ, ବସ୍ତ୍ର, ମସଲା, ମଦ୍ୟ ଓ ଅପର ସକଳ ଦ୍ରବ୍ୟର ବଣିକ ଏଠାରେ ସମ୍ମିଳିତ ହେଉଥିଲେ । ଏ ମଧ୍ୟରୁ କେତେକ ମେଳା ୪୯ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିଲା ଏବଂ କାଉଣ୍ଟମାନଙ୍କୁ ଯଥେଷ୍ଟ ରାଜସ୍ଵ ମିଳୁଥିଲା । ଏହାର ମହତ୍ଵ ଏତେ ଥିଲା ଯେ ଫ୍ରାନସର ରାଜାମାନେ ମଧ୍ୟ ମେଳାର ବଣିକମାନଙ୍କ ଯିବା ଆସିବା ସୁରକ୍ଷା ସୁନିଶ୍ଚିତ କରୁଥିଲେ । ସାମ୍ପେନର ମେଳାଗୁଡ଼ିକ କେବଳ ସମଗ୍ର ଇଉରୋପରେ ଖ୍ୟାତି ପ୍ରାପ୍ତ ହେଲା ନାହିଁ ସାମ୍ପେନ ମଦ୍ୟର ଆନ୍ତର୍ଜାତିକ ଖ୍ୟାତିକୁ ମଧ୍ୟ ବିପୁଳ ପ୍ରୋତ୍ସାହନ ମିଳିଲା । (ସେ ପର୍ଯ୍ୟନ୍ତ ସାମ୍ପେନ ସେଇ ଉତ୍କୃଷ୍ଟ

ପାନୀୟରେ ପରିଣତ ହୋଇ ନ ଥିଲା ଯାହା ଆମେ ଆଜି ଜାଣୁ । ଡମ ପେରିଗ୍ନନଙ୍କ ଦ୍ୱାରା ଚମକଦାର ପାନୀୟ ସାମ୍ପେନର ପ୍ରବର୍ତ୍ତନ ଖ୍ରୀ.୧୭ଶ ଶତାବ୍ଦୀର ବିଷୟ ।)

ଅଧିକାଂଶ ସାଧାରଣ ଜନତାଙ୍କ ପାଇଁ ଯେ କୌଣସି ସ୍ଥାନରେ ମେଳା ଥିଲା ବର୍ଷର ଏକ ବିଶିଷ୍ଟ ଘଟଣା । ନିକଟବର୍ତ୍ତୀ ମେଳାରେ ପହଞ୍ଚିବାକୁ ଜନତାଙ୍କୁ ସାଧାରଣତଃ ଗୋଟିଏ ଦିନରୁ ଅଧିକ କାଳ ଯାତ୍ରା କରିବାକୁ ପଡୁଥିଲା । ସେମାନଙ୍କୁ ତେଣୁ ମେଳା ଚତୁର୍ପାର୍ଶ୍ୱରେ ଗଢ଼ି ଉଠିଥିବା ସରାଇ ଅଥବା ପାନ୍ଥଶାଳାଗୁଡ଼ିକରେ ଦିନେ ଦୁଇ ଦିନ ଅତିବାହିତ କରିବାକୁ ହେଉଥିଲା । ମେଳା ଅବସରରେ ସାର୍ବଜନୀନ ଆମୋଦ ମଧ୍ୟ ଆୟୋଜିତ ହେଉଥିଲା; ଯଥା- ସାମ୍ପେନର ନୃତ୍ୟାଙ୍ଗନା, ଗଳିକନ୍ଦିରେ କଳା ପ୍ରଦର୍ଶନ କରୁଥିବା କଳାକାର ଏବଂ ଗୀର୍ଜା ଦ୍ୱାରା ନିମ୍ନ ଦୃଷ୍ଟିରେ ଦେଖାଯାଉ ଥିବା ଦ୍ୟୂତ ଓ ବେଶ୍ୟାବୃତ୍ତି ଭଳି କେତେକ ଅରୁଚିକର ବିଭାବ । ଯେ କୌଣସି ସ୍ଥାନରେ ଯେ କୌଣସି ସମୟରେ ଜନତାଙ୍କ ଦ୍ରବ୍ୟ କ୍ରୟର ସମ୍ଭାବନା ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇବାରୁ ଖ୍ରୀ.୧୫ଶ ଶତାବ୍ଦୀ ସୁଦ୍ଧା ବାଣିଜ୍ୟ ମେଳାର ଅବକ୍ଷୟ ଘଟିଲା ।

### ୬.୩.୩ ଆନ୍ତର୍ଜାତିକ ବାଣିଜ୍ୟର ବିସ୍ତାର

ରୋମୀୟ କାଳ ଭଳି ଆଦି ମଧ୍ୟଯୁଗରେ ଇଉରୋପରେ ବାଣିଜ୍ୟର ପ୍ରଚଳନ କେତେ ମାତ୍ରାରେ ଅବ୍ୟାହତ ରହିଥିଲା । ଭୂମଧ୍ୟସାଗରର ଗୋଟିଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ମୂଳତଃ ଜାହାଜରେ ଦ୍ରବ୍ୟ ପରିବହନ କରାଯାଉ ଥିଲା । ନଦୀ ଓ ଜଳ ମାର୍ଗରେ ଉତ୍ତର ଓ ଦକ୍ଷିଣ ମଧ୍ୟରେ ମାଲ୍ ପରିବହନ ହେଉଥିଲା । ତେବେ ଆଦି ମଧ୍ୟଯୁଗରେ ଆନ୍ତର୍ଜାତିକ ବାଣିଜ୍ୟର ମାତ୍ରା ନେଇ ଐତିହାସିକମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି । ଦ୍ରବ୍ୟ ବିଶେଷତଃ ମୂଲ୍ୟବାନ ଧାତୁ, ଅଶ୍ୱ, କ୍ରୀତଦାସ ଆଦି ବିଳାସ ଦ୍ରବ୍ୟର ଗତାଗତ ଅବଶ୍ୟ ରହିଥିଲା । ତେବେ ମାତ୍ରା ଏବଂ କାରବାରର ମାଧ୍ୟମ ଅର୍ଥ, ବିନିମୟ ଅଥବା ଉପହାର-ବଦଳ ଥିଲା ତାହା ଅସ୍ପଷ୍ଟ । ଇହୁଦୀ ଓ ସିରିଆର ବଣିକମାନେ ରୋମ ସାମ୍ରାଜ୍ୟର ବିଲୟ ଦ୍ୱାରା ସୃଷ୍ଟ ଶୂନ୍ୟସ୍ଥାନ ପୂରଣ କରିଥିଲେ । ଉତ୍ତର ଆଫ୍ରିକା ସହ ଲିଓ୍ୱାଣ୍ଟର ଏବଂ ସ୍ପେନରେ ମୁର୍‌ମାନଙ୍କର ବାଣିଜ୍ୟ ଚାଲିଥିଲା । ସମ୍ଭବତଃ ଆନ୍ତର୍ଜାତିକ ବାଣିଜ୍ୟ ତଥାପି ଶିଷ୍ଟ ଅଭିଜାତମାନଙ୍କ ବ୍ୟାପାର ଥିଲା ଏବଂ ଏହା ଅର୍ଥବ୍ୟବସ୍ଥାକୁ ଗତିଦେବା ପରିବର୍ତ୍ତେ ଏହାର ସହାୟକ ହେଉଥିଲା ।

ଖ୍ରୀ.୯ମ ଶତାବ୍ଦୀରୁ ଆନ୍ତର୍ଜାତିକ ବାଣିଜ୍ୟର ଏକ ସ୍ୱଷ୍ଟ ଚିତ୍ର ଅଭ୍ୟୁଦିତ ହେବା ଆରମ୍ଭ କଲା । ବାଇଜାଣ୍ଟାଇନ ସାମ୍ରାଜ୍ୟର ନାମ ମାତ୍ର ଶାସନରେ ଇଟାଲୀୟ ନଗର ରାଜ୍ୟଗୁଡ଼ିକ ବିଶେଷତଃ ଭେନିସ ଓ ଅମଲ ଏବଂ ପରବର୍ତ୍ତୀ କାଳରେ ପିସା, ଜେନୋଆ ଓ ଦକ୍ଷିଣ ଇଟାଲୀର ବନ୍ଦର ସମୂହ ଭୂମଧ୍ୟସାଗରୀୟ ବାଣିଜ୍ୟ ତନ୍ତ୍ରକୁ ନିଜ ହାତକୁ ନେବା ଆରମ୍ଭ କଲେ । ଆରବ ଜଗତ ଏବଂ ଇଉରୋପ ମଧ୍ୟରେ କାରବାର ହେଉଥିବା ଦ୍ରବ୍ୟ ମଧ୍ୟରେ କ୍ରୀତଦାସ, ମସଲା, ସୁଗନ୍ଧ, ସୁବର୍ଣ୍ଣ, ଅଳଙ୍କାର, ଚମଡ଼ା ଉତ୍ପାଦ, ପଶୁ ଛାଲ ଏବଂ ବିଳାସ ବସ୍ତ୍ର ବିଶେଷତଃ ରେଶମ ଅନ୍ତର୍ଭୁକ୍ତ ଥିଲା । ଇଟାଲୀୟ ନଗରଗୁଡ଼ିକର ବୈଶିଷ୍ଟ୍ୟ ଥିଲା ମୂଳତଃ ସ୍ପେନ, ଜର୍ମାନୀ, ଉତ୍ତର ଇଟାଲୀ ଓ ଆଡ୍ରିଆଟିକ ଅଞ୍ଚଳରୁ ଆସୁଥିବା ଅବଳା କାର୍ପାସ, ଶଣବସ୍ତ୍ର ଓ ଲବଣ ଆଦିର ରପ୍ତାନୀ । ଏଠାରେ ମିଲନ ଭଳି ସ୍ଥଳ ବାଣିଜ୍ୟ କେନ୍ଦ୍ର ମଧ୍ୟ ଗଢ଼ି ଉଠିଥିଲା ଯାହା ଅଧିକ ଉତ୍ତରରେ ଅବସ୍ଥିତ ନଗରମାନଙ୍କୁ ଏବଂ ରପ୍ତାନୀ ଉଦ୍ଦେଶ୍ୟରେ ଉପକୂଳ ନଗର ସମୂହକୁ ଦ୍ରବ୍ୟ ପରିବହନ କରୁଥିଲା । ସମଗ୍ର ଭୂମଧ୍ୟସାଗରୀୟ ଅଞ୍ଚଳରେ ବାଣିଜ୍ୟିକ ସଂଯୋଗର ସାକ୍ଷ୍ୟ ଆରବ ଭୌଗୋଳିକମାନଙ୍କ କୃତିରେ ଇଉରୋପୀୟ ବନ୍ଦରଗୁଡ଼ିକର ବର୍ଣ୍ଣନାରୁ ଏବଂ ଇଟାଲୀର ଦକ୍ଷିଣାଂଶ ସମେତ ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ଯଥେଷ୍ଟ ସଂଖ୍ୟକ ଆରବ ସ୍ୱର୍ଣ୍ଣ ମୁଦ୍ରାରୁ ମିଳେ ।

ଖ୍ରୀ. ୧୦ମ ଓ ୧୧ଶ ଶତାବ୍ଦୀରେ ଉତ୍ତର ଇଉରୋପ ମଧ୍ୟ ଆନ୍ତର୍ଜାତିକ ରପ୍ତାନୀ କରୁଥିଲା । ଓ୍ୱାଇକିଂମାନେ ଆକ୍ରମଣ କାଳରେ ବିପୁଳ ସଂଖ୍ୟକ କ୍ରୀତଦାସ ସଂଗ୍ରହ ପୂର୍ବକ ବିକ୍ରି କରୁଥିଲେ । ସାକ୍ସୋନିର ଖଣିମାନଙ୍କରୁ ରୂପା, ଇଂଲଣ୍ଡରୁ ନରଓ୍ୱେକୁ ଶସ୍ୟ, ସ୍କାଣ୍ଡିନେଭିଆରୁ କାଠ ଓ ମାଛ ରପ୍ତାନୀ କରାଯାଉ ଥିଲା । ଖ୍ରୀ.୧୦୬୬ରେ ନର୍ମାନମାନଙ୍କ ବ୍ରିଟେନ ବିଜୟ ପରେ ଇଂଲଣ୍ଡ ଫ୍ରାନସ ଓ ନିମ୍ନ ଦେଶମାନଙ୍କରୁ ବସ୍ତ୍ର ଓ ମଦ୍ୟ ଆମଦାନୀ କରି ସେଠାକୁ ଶସ୍ୟ ଓ ପଶମ ରପ୍ତାନୀ କରୁଥିଲା । ଇଂଲଣ୍ଡର ପଶମରୁ ବେଲଜିୟମର ବୁଣାକାରମାନେ ବସ୍ତ୍ର ପ୍ରସ୍ତୁତ କରୁଥିଲେ ।

ଅଧିକରୁ ଅଧିକ ସମ୍ପଦ ଲାଭ ସହ ଇଟାଲୀୟ ତ୍ରିକ ଭେନିସ, ପିସା ଓ ଜେନୋଆ ଖ୍ରୀ. ୧୨ଶ ଶତାବ୍ଦୀରୁ ନିଜର ବାଣିଜ୍ୟିକ ପଞ୍ଝା ଆହୁରି ବିସ୍ତାର କଲେ । ସେମାନେ ଉତ୍ତର ଆଫ୍ରିକାରେ ବାଣିଜ୍ୟିକ ବନ୍ଦର ପ୍ରତିଷ୍ଠା କଲେ; କ୍ରୁସେଡ ଯୁଦ୍ଧ ପାଇଁ ପରିବହନ, ମନୁଷ୍ୟ ଓ ଲଢୁଆ ଜାହାଜ ଯୋଗାଣର ପ୍ରତିବଦଳରେ ବାଇଜାଣ୍ଟାଇନ ସାମ୍ରାଜ୍ୟର କେତେକ ଅଂଶରେ ବାଣିଜ୍ୟିକ ଏକାଧିପତ୍ୟ ଏବଂ

ଖ୍ରୀଷ୍ଟୀୟ ସେନା ଦ୍ୱାରା ବିଜିତ ଲିଓ୍ୱାଣ୍ଟର ନଗରଗୁଡ଼ିକରେ ସ୍ଥାୟୀ ଉପସ୍ଥିତି ହାସଲ କଲେ । ସେଇ ଶତାବ୍ଦୀରେ ଉତ୍ତର କ୍ରୁସେଡ ଯୋଗୁଁ ଦକ୍ଷିଣ ଇଉରୋପ ଅଧିକ କ୍ରୀତଦାସ ପ୍ରାପ୍ତ କଲା । ଦକ୍ଷିଣକୁ ଯାତ୍ରା ଫଳରେ ଲୁହା, ତମ୍ବା ଓ ଟିଣ ଭଳି ମୂଲ୍ୟବାନ ଧାତୁ ମିଳିଲା । ଖ୍ରୀ. ୧୩ଶ ଶତାବ୍ଦୀରେ ଉନ୍ନତ ସଡ଼କ, କେନାଲ ଏବଂ ବିଶେଷତଃ ପ୍ରଯୁକ୍ତି ଦୃଷ୍ଟିରୁ ଅଧିକ ଅଗ୍ରଗାମୀ ଜାହାଜ ନିର୍ମିତ ହେଲା । ଏ କାରକଗୁଡ଼ିକର ସମନ୍ୱୟ ଯୋଗୁଁ ପରିବହନ ସମୟ ହ୍ରାସ ପାଇଲା; ସାମର୍ଥ୍ୟ ବଢ଼ିଲା; କ୍ଷତି କମିଲା ଏବଂ ମୂଲ୍ୟ ଅଧିକ ଆକର୍ଷଣୀୟ ହେଲା । ଫଳରେ କମ୍ ମୂଲ୍ୟବାନ ଦୈନନ୍ଦିନ ଦ୍ରବ୍ୟର ସୁଦୂର ବାଣିଜ୍ୟ ଦ୍ୱାରା ବଣିକମାନେ ଲାଭାନ୍ୱିତ ହେଲେ । ଅଧିକନ୍ତୁ ବଣିକ ଓ ନିର୍ମାଣ ଶ୍ରମିକଙ୍କ ଯୋଗୁଁ ସହରୀ ଜନସଂଖ୍ୟାରେ ଅଭିବୃଦ୍ଧି ହେତୁ ପଣ୍ୟ ବିକ୍ରୟ ବିନ୍ଦୁରେ ପହଞ୍ଚିବା ବେଳକୁ ହାତରେ ଉଦ୍‌ବୃତ୍ତ ସମ୍ପଦ ଥିବା ଅଧିକ ସଂଖ୍ୟକ ଗ୍ରାହକ ଉପଲବ୍ଧ ହେଲା ।

### ୬.୩.୪ ବାଣିଜ୍ୟିକ ବନ୍ଦର ଓ ନିୟମନ

ବିଦେଶୀ ବଣିକଙ୍କ ଅସ୍ଥାୟୀ ବସବାସ ଓ ବାଣିଜ୍ୟ ନିମିତ୍ତ ନଗର-ବନ୍ଦରଗୁଡ଼ିକରେ ଆନ୍ତର୍ଜାତିକ ବାଣିଜ୍ୟ ଚୌକୀ ପ୍ରତିଷ୍ଠା ଯୋଗୁଁ ଆନ୍ତର୍ଜାତିକ ବାଣିଜ୍ୟରେ ଅଭୂତପୂର୍ବ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା । ଦୃଷ୍ଟାନ୍ତ ସ୍ୱରୂପ ଆଦ୍ୟ ୧୩ଶ ଶତାବ୍ଦୀରେ ଜେନୋଆରେ ଥିବା ୧୯୮ ନିବାସୀ ବଣିକଙ୍କ ମଧ୍ୟରୁ ୯୫ ଜଣ ଥିଲେ ବେଲଜିୟମର ଏବଂ ୫୧ ଜଣ ଫ୍ରାନସର । ଭେନିସର ପ୍ରସିଦ୍ଧ (ଏବଂ ଆଜି ବି ଦଣ୍ଡାୟମାନ) ରିଆଲଟୋ ସେତୁ, ଲଣ୍ଡନର ଇସ୍ପାତପ୍ରାଙ୍ଗଣ ଅଞ୍ଚଳ ଏବଂ ନରଓ୍ୱେର ବର୍ଗନସ୍ଥ ପୋତାଶ୍ରୟ *(Tyske brygge)* ଅଞ୍ଚଳରେ ଜର୍ମାନୀ ବଣିକଙ୍କ ଅସ୍ତିତ୍ୱ ରହିଥିଲା । ଉତ୍ତର ଆଫ୍ରିକାର ବନ୍ଦରଗୁଡ଼ିକରେ ମର୍ସିଲ ଓ ବାର୍ସେଲୋନାର ବଣିକମାନେ ସ୍ଥାୟୀ ଭାବେ ବାସ କରୁଥିଲେ । ଆର୍ଥିକ ଦେଶାନ୍ତର ସଂଖ୍ୟା ଏତେ ବଢ଼ିଗଲା ଯେ ବନ୍ଦରଗୁଡ଼ିକରେ ସ୍ୱଦେଶୀ ବଣିକଙ୍କ ଅଧିକାରର ସୁରକ୍ଷା ପାଇଁ ନିଜ ନିଜର ବାଣିଜ୍ୟିକ ଦୂତାବାସ ଏବଂ ସେମାନଙ୍କ ଖାଦ୍ୟ, ବସ୍ତ୍ର ଓ ଧର୍ମୀୟ ଆବଶ୍ୟକତା ମେଣ୍ଟାଇବାକୁ ଦୋକାନ ଓ ସେବା ସବୁ ଗଢ଼ି ଉଠିଲା ।

ଏ ଅଭିବୃଦ୍ଧି ସହ ରାଷ୍ଟ୍ର ଓ ଶାସକମାନଙ୍କ ମଧ୍ୟରେ ବାଣିଜ୍ୟିକ ସମ୍ବନ୍ଧ ଅଧିକ ଜଟିଳ ହେଲା । ମଧ୍ୟସ୍ଥ ଓ ଦଲାଲମାନେ ଏଥି ସହ ଯୋଡ଼ି ହୋଇଗଲେ । ବାଣିଜ୍ୟିକ ଅଭିଯାନରେ ଧନିକମାନେ ଅର୍ଥ

ନିବେଶ କଲେ । ସମସ୍ତ ପ୍ରାରମ୍ଭିକ ପୁଞ୍ଜି ବିନିଯୋଗ ଦ୍ୱାରା ସେମାନଙ୍କୁ ବହୁ ସମୟରେ ୭୫% ଲାଭ ମିଳୁଥିଲା । ଦ୍ରବ୍ୟ ଏକାଠି କରି ଚାହିଦା ଥିବା ସ୍ଥାନକୁ ଜାହାଜରେ ପ୍ରେରଣ କରୁଥିବା ବ୍ୟବସାୟୀମାନେ ଅବଶିଷ୍ଟ ଲାଭ ନେଉଥିଲେ । ଜେନୋଆରେ ଏଭଳି ବ୍ୟବସ୍ଥାକୁ କମେଣ୍ଡା *(commenda)* କୁହାଯାଉ ଥିଲା । ଅନ୍ୟ ଏକ ବିକଳ୍ପ ଥିଲା ସୋସିଏଟସ ମରିସ *(societas maris)* । ଏ ବ୍ୟବସ୍ଥାରେ ନିବେଶକ ଦୁଇତୃତୀୟାଂଶ ଏବଂ ବଣିକ ଅବଶିଷ୍ଟ ପୁଞ୍ଜି ନିବେଶ କରୁଥିଲେ । ଲାଭ ୫୦-୫୦ ମାତ୍ରାରେ ଭାଗ କରାଯାଉ ଥିଲା । ଏଭଳି ବଡ଼ ବଡ଼ ନିବେଶକଙ୍କ ପଛକୁ କ୍ଷୁଦ୍ର ନିବେଶକମାନଙ୍କ ସଂକାୟ ଗଢ଼ି ଉଠିଲା । ଏମାନେ ଭବିଷ୍ୟତର ଲାଭ ପାଇଁ ପୁଞ୍ଜି ନିବେଶ ତ କରୁଥିଲେ; କିନ୍ତୁ ଏକାକୀ ସମଗ୍ର ଅଭିଯାନର ନିବେଶ ପାଇଁ ସମର୍ଥ ନ ଥିଲେ । ଏଭଳି ଋଣ ଆଦାନ ପ୍ରଦାନର ଆଧୁନିକ ରଚନାତନ୍ତ୍ର ବିକଶିତ ହେଲା । ବିଶେଷତଃ ଇଟାଲୀୟ ନଗରଗୁଡ଼ିକର ବିପୁଳ ସଂଖ୍ୟକ ପରିବାର ଏଥିରେ ସଂପୃକ୍ତ ଥିଲେ । ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଉଧାର ପତ୍ର, ହୁଣ୍ଡି, ସାମୁଦ୍ରିକ ବୀମା ଏବଂ କମ୍ପାନୀରେ ଅଂଶ ଆଦି ଅଧିକରୁ ଅଧିକ ଆର୍ଥିକ ସାଧନର ଉଦ୍ଭବ ଘଟିଲା ।

ଏତିକି ବେଳକୁ ବାଣିଜ୍ୟ ଯେଉଁ ରୂପ ଧାରଣ କଲା ତାକୁ ଆମେ ସାମ୍ପ୍ରତିକ କାଳର ଗୋଟିଏ ପରିବାର ପୀଢ଼ି ପରେ ପୀଢ଼ି ସୁପ୍ରତିଷ୍ଠ ବ୍ୟବସାୟ ଚଳାଇ ରଖିବା ସହ ତୁଳନା କରିପାରିବା । ଦୃଷ୍ଟାନ୍ତ ସ୍ୱରୂପ ଫ୍ଲୋରେନସର ମେଦିସି । ଉତ୍ପାଦର ମାନକୀକରଣ ଏବଂ ବିଭିନ୍ନ ସଂସ୍କୃତିର ମାପ, ଓଜନ ଓ ମୁଦ୍ରାର ତୁଳନାରେ ସହାୟକ ହେବା ଭଳି ଗ୍ରନ୍ଥ ରଚନା ନିମିତ୍ତ ଅଧିକରୁ ଅଧିକ ପ୍ରୟାସ କରାଗଲା । ପ୍ରଥାସିଦ୍ଧ ବାଣିଜ୍ୟିକ ବିଧାନର ସଂହିତାକରଣ ଏବଂ ସାମ୍ପ୍ରତିକ କାଳର ସୁପରିଚିତ କର ଓ ଶୁଳ୍କ ବସାଣ, ସୁରକ୍ଷାବାଦୀ ପରିସୀମନ ସହ ରାଷ୍ଟ୍ରୀୟ ନିୟନ୍ତ୍ରଣ ମଧ୍ୟ ବୃଦ୍ଧି ପାଇଲା । ପରିଶେଷରେ ନିୟମନଗୁଡ଼ିକରୁ ବଣିକମାନେ ବାସ୍ତବ ଫାଇଦା କିପରି ଉଠାଇ ପାରିବେ ସେ ନେଇ ମଧ୍ୟ ଉପଦେଶ ଦିଆଗଲା । ଖ୍ରୀ.୧୪ଶ ଶତାବ୍ଦୀର ଫ୍ଲୋରେନସର ବଣିକ ଫ୍ରାନସେସ୍କୋ ବଲଡୁଚ୍ଚି ପେଗୋଲୋଡ଼ିଙ୍କ ବିଶ୍ୱ ବାଣିଜ୍ୟ ସମ୍ପର୍କିତ ଅନୁଭୂତି ସିଦ୍ଧ ମାର୍ଗଦର୍ଶିକା *La Practica della Mercatura*ରେ କନଷ୍ଟାଣ୍ଟିନୋପଲର ବାଣିଜ୍ୟ ଅଧିକାରୀମାନଙ୍କ ସମ୍ବନ୍ଧରେ ଉଲ୍ଲିଖିତ ନିମ୍ନ ଉଦ୍ଧୃତ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୁଏ:

> ଭଲ ଭାବେ ମନେରଖ ଯେ ଶୁଳ୍କ ଅଧିକାରୀ, ସେମାନଙ୍କ କିରାଣୀ ଓ ହାବିଲଦାରମାନଙ୍କୁ ତୁମେ ସମ୍ମାନ ପ୍ରଦର୍ଶନ କଲେ ଏବଂ କିଛି ଦ୍ରବ୍ୟ ବା ଅର୍ଥ ଚୁପଚାପ୍ ଦେଇଦେଲେ

ସେମାନେ ମଧ୍ୟ ଖୁବ୍ ଭଦ୍ର ବ୍ୟବହାର କରିବେ ଏବଂ ତୁମେ ପରେ ଆଣିଥିବା ଦ୍ରବ୍ୟ ଉପରେ ବାସ୍ତବ ମୂଲ୍ୟରୁ କମ୍‌ରେ କର ଧାର୍ଯ୍ୟ କରିବେ ।

୧୪ଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଇଟାଲୀୟ ନଗରରାଜ୍ୟଗୁଡ଼ିକ ମଙ୍ଗୋଲଙ୍କ ଭଳି ସୁଦୂର ଅଂଶୀଦାରମାନଙ୍କ ସହ ବାଣିଜ୍ୟ କାରବାର କରୁଥିଲେ । ଅବଶ୍ୟ ବୈଶ୍ୱିକ ଯୋଗାଯୋଗରେ ଏ ଅଭିବୃଦ୍ଧିର ଅବାଂଛିତ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଥିଲା । ଇଟାଲୀର ବାଣିଜ୍ୟ ପୋତମାନଙ୍କରେ ଆସିଥିବା ବିପୁଳ ସଂଖ୍ୟକ ମୂଷାଙ୍କ ଦ୍ୱାରା ଇଉରୋପରେ କୃଷ୍ଣ ମୃତ୍ୟୁ (ସର୍ବୋଚ୍ଚ ପ୍ରଭାବ କାଳ ଖ୍ରୀ.୧୩୪୭-୧୩୫୨) ପ୍ରବେଶ କରିଥିଲା । ଏଥିରେ ଦବି ନ ଯାଇ ଇଉରୋପର ଧାର୍ମିକ ଓ ବାଣିଜ୍ୟିକ ଅଗ୍ରଣୀମାନେ ଅପର ଦିଗମାନଙ୍କୁ ଖେଦିଗଲେ । ଏଥିଯୋଗୁଁ ଖ୍ରୀ.୧୪୬୨ରେ ପର୍ତ୍ତୁଗୀଜମାନଙ୍କ ଦ୍ୱାରା କେପ ଭ୍ୱେର୍ଦେ ଦ୍ୱୀପପୁଞ୍ଜର ଆବିଷ୍କାର, ପ୍ରାୟ ତିନି ଦଶନ୍ଧି ପରେ ଖ୍ରୀ. ୧୪୯୨ରେ ଖ୍ରୀଷ୍ଟୋଫର କଲମ୍ବସଙ୍କ ଦ୍ୱାରା ନୂତନ ବିଶ୍ୱର ମାର୍ଗ ଉନ୍ମୋଚନ ଏବଂ ଉତ୍ତମାଶା ଅନ୍ତରୀପ ଦେଇ ଭାସ୍କୋଡାଗାମାଙ୍କ ଭାରତ ପ୍ରବେଶ ସମ୍ଭବପର ହୋଇପାରି ଥିଲା । ଫଳରେ ମଧ୍ୟଯୁଗର ଅନ୍ତ ବେଳକୁ ବିଶ୍ୱ ଅଚାନକ ଭାବେ ଅତ୍ୟଧିକ ମାତ୍ରାରେ ସଂଯୋଜିତ ହୋଇଯାଇ ଥିଲା ଯାହା ଅଳ୍ପ କେତେକଙ୍କ ପାଇଁ ସମ୍ପଦ ଏବଂ ସଂଖ୍ୟାଧିକଙ୍କ ପାଇଁ ବିଷାଦର କାରଣ ହୋଇଥିଲା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ମଧ୍ୟଯୁଗୀୟ ଇଉରୋପୀୟ ସହରମାନଙ୍କ ଅବଦାନ ଉପରେ ଏକ ଟିପ୍ପଣୀ ଉଲ୍ଲେଖ କରନ୍ତୁ ।

.............................................................................................
.............................................................................................
.............................................................................................
.............................................................................................
.............................................................................................
.............................................................................................
.............................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ମଧ୍ୟଯୁଗୀୟ ଇଉରୋପରେ ବ୍ୟବସାୟ ଓ ବାଣିଜ୍ୟର ବିକାଶ ଆଲୋଚନା କରନ୍ତୁ । ଦଶ ଧାଡ଼ିରେ ଉତ୍ତର ଉଲ୍ଲେଖ କରନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

## ୬.୪ ସାରାଂଶ

ମଧ୍ୟଯୁଗୀୟ ଇଉରୋପ ଥିଲା ଗତିଶୀଳ ଓ ସମ୍ପନ୍ନ । ରୋମାନ ଶାନ୍ତି କାଳଠାରୁ ଏଭଳି ବ୍ୟାପକ ସମୃଦ୍ଧି ପରିଦୃଷ୍ଟ ହୋଇ ନ ଥିଲା । କେତେକ ଦୃଷ୍ଟିରୁ ଆଧୁନିକ କାଳର ଉଷୋଦୟ ପର୍ଯ୍ୟନ୍ତ ଏହା ପୁଣି ସମ୍ଭବ ହୋଇପାରି ନ ଥିଲା । ମଧ୍ୟଯୁଗୀୟ ଇଉରୋପର ସମାଜ, ଶାସନ, ରାଜନୀତି, ସଂସ୍କୃତି, କଳା, ସ୍ଥାପତ୍ୟ, ବାଣିଜ୍ୟ ଓ ସାହିତ୍ୟ ସମ୍ବନ୍ଧରେ ଆଲୋଚନା ବେଳେ ଏକ ଅଭିବୃଦ୍ଧି ସମ୍ପନ୍ନ, ବିସ୍ତାରଶୀଳ ଇଉରୋପର ଚିତ୍ର ଆମ ମାନସ ପଟରେ ସ୍ୱତଃ ପ୍ରତିଭାତ ହୁଏ ।

## ୬.୫ ସୂଚକ ଶବ୍ଦାବଳୀ

**ସାମ୍ପେନ:** ସାମ୍ପେନରେ ନିର୍ମିତ ଏକ ଶୁଭ୍ର, ଚମକଦାର ମଦ୍ୟ ।

**ରିଗ୍ରେଟର:** ଆଗୁଆ ପଣ୍ୟ କିଣି ପରେ ବିଶେଷତଃ ସଙ୍କଟ କାଳରେ ଚଢ଼ା ଦରରେ ବିକ୍ରି କରୁଥିବା ବ୍ୟକ୍ତି ।

## ୬.୬ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୬.୨ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୬.୩ ଦେଖନ୍ତୁ ।

## ୬.୭ ପରବର୍ତ୍ତୀ ପଠନ

Anderson, P. 2013. *Passages from Antiquity to Feudalism*. Verso World History Series.

Bloch, M. 1964*. Feudal Society* (2 Vols). University of Chicago Press.

Coulborne, R. 1956. *Feudalism in History*. Shoe String Press.

Durant, W. 1993. *The Story of Civilization* (vols. I & II). Fine Communications, US.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd.

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.

# ସପ୍ତମ ଏକକ: ସାମନ୍ତବାଦ: ଉଦ୍ଭବ, ବିକାଶ ଓ ବିଲୟ

## ବିଷୟ ଗଠନ:


୭.୦ ପଠନର ଉଦ୍ଦେଶ୍ୟ

୭.୧ ଉପକ୍ରମ

୭.୨ ସାମନ୍ତବାଦର ସଂଜ୍ଞା

୭.୩ ସାମନ୍ତବାଦର ସ୍ୱରୂପ ଓ ସଂରଚନା

୭.୩.୧ ପ୍ରଭୁ, ଅଧସ୍ତନ ଓ ସମାଦର

୭.୩.୨ ଜାଗିର, ଲଗାଣ ଓ ସ୍ୱାଧୀନ ସ୍ୱତ୍ୱ

୭.୩.୩ ଗଡ଼

୭.୩.୪ ଯୋଦ୍ଧା, ପ୍ରତିଯୋଗିତା ଶୃଙ୍ଖଳ ଓ ଶୌର୍ଯ୍ୟ

୭.୪ ସାମନ୍ତବାଦୀ ଉଦ୍‌ବର୍ତ୍ତନର ଦୁଇ ପର୍ଯ୍ୟାୟ

୭.୫ ସାମନ୍ତବାଦର ବିଲୟ

୭.୬ ସାରାଂଶ

୭.୭ ସୂଚକ ଶବ୍ଦାବଳୀ

୭.୮ ପ୍ରଗତି ପରିମାପକ ଉତ୍ତର

୭.୯ ପରବର୍ତ୍ତୀ ପଠନ


## ୭.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ସାମନ୍ତବାଦର ଉଦ୍ଭବ ଓ ବିକାଶ ପାଇଁ ଦାୟୀ ପରିସ୍ଥିତି
- ସାମନ୍ତବାଦର ବିବିଧ ସ୍ୱରୂପ ଓ ସଂରଚନା
- ଇଉରୋପରେ ସାମନ୍ତବାଦୀ ଉଦ୍‌ବର୍ତ୍ତନର ବିବିଧ ପର୍ଯ୍ୟାୟ
- ସାମନ୍ତବାଦର ବିଲୟର କାରଣ ସମୂହ

## ୭.୧ ଉପକ୍ରମ

ସାମନ୍ତବାଦ ଥିଲା ଖ୍ରୀ. ୯ମରୁ ୧୫ଶ ଶତାବ୍ଦୀ ମଧ୍ୟରେ ଇଉରୋପରେ ବିକଶିତ ବୈଧାନିକ ଓ ସାମରିକ ପ୍ରଥାଗୁଡ଼ିକର ଏକ ସମ୍ମିଶ୍ରଣ । ମୋଟାମୋଟି ଏହା ଥିଲା ଶ୍ରମ ଅଥବା ସେବା ବିନିମୟରେ ଭୂଧାରଣରୁ ବ୍ୟୁତ୍ପନ୍ନ ସମ୍ବନ୍ଧ ଆଧାରରେ ସମାଜ ବିନ୍ୟାସର ଏକ ମାର୍ଗ । ତତ୍କାଳରେ ପ୍ରଚଳିତ ଜାଗିର *(fief)* ବୋଧକ ଲାଟିନ ଭାଷାର ମୂଳ ଶବ୍ଦ *feodum* ଅଥବା *feudum*ରୁ ବ୍ୟୁତ୍ପନ୍ନ ସାମନ୍ତବାଦ *(feudalism)* ଶବ୍ଦ ଏବଂ ଏହା ବୁଝାଉଥିବା ବ୍ୟବସ୍ଥାଟି ମଧ୍ୟଯୁଗୀୟ ଜନତାଙ୍କ ଦ୍ୱାରା ଏକ ବିଧିବଦ୍ଧ ରାଜନୀତିକ ବ୍ୟବସ୍ଥା ରୂପେ ପରିକଳ୍ପିତ ହୋଇ ନ ଥିଲା । ଖ୍ରୀ. ୧୯୪୪ରେ ଫ୍ରାଙ୍କ ଲୁଇ ଗନସଫଙ୍କ ପ୍ରଦତ୍ତ ଆଦର୍ଶ ସଂଜ୍ଞାରେ ଏହା ତିନୋଟି ମୂଳ ପ୍ରତ୍ୟୟ ପ୍ରଭୁ, ସାମନ୍ତ ଓ ଜାଗିରକୁ କେନ୍ଦ୍ର କରି ଘୂର୍ଣ୍ଣନଶୀଳ ଯୋଦ୍ଧା ଅଭିଜାତବର୍ଗଙ୍କ ମଧ୍ୟରେ ପାରସ୍ପରିକ ବୈଧାନିକ ଓ ସାମରିକ ଦାୟ ସମୁଚ୍ଚୟ ରୂପେ ବର୍ଣ୍ଣିତ ।

ମାର୍କ ବ୍ଲଖ(ଖ୍ରୀ.୧୯୩୯)ଙ୍କ ବର୍ଣ୍ଣିତ ସାମନ୍ତବାଦର ବ୍ୟାପକ ସଂଜ୍ଞାରେ କେବଳ ଯୋଦ୍ଧା ଅଭିଜାତବର୍ଗ ନୁହେ ଗଡ଼ବାଦରେ ବନ୍ଧା ଦେଶର ସକଳ ତିନୋଟି ଅନୁକ୍ରମ ଅଭିଜାତ, ଯାଜକ ଓ କୃଷକଙ୍କ ଦାୟ ମଧ୍ୟ ଅନ୍ତର୍ଭୁକ୍ତ । ଏହା ବେଳେବେଳେ 'ସାମନ୍ତୀ ସମାଜ' ରୂପେ ଅଭିହିତ ହୁଏ । ଏଲିଜାବେଥ ଅକ୍ସିନସନ ରସ ବ୍ରନଙ୍କ *The Tyranny of a Construct* (୧୯୭୪) ଏବଂ ସୁସନ ରିନଲଡସଙ୍କ *Fiefs and Vassals* (୧୯୯୪) ପ୍ରକାଶନ କାଳରୁ ମଧ୍ୟକାଳୀନ ଐତିହାସିକଙ୍କ ମଧ୍ୟରେ ମଧ୍ୟଯୁଗୀୟ ସମାଜର ଅବବୋଧ ପାଇଁ ସାମନ୍ତବାଦ ଏକ ଉପଯୋଗୀ ନିର୍ମାଣ କି ନୁହେ ସେ ନେଇ ଅସମାପ୍ତ ଆଲୋଚନା ଚଳିଆସିଛି ।

## ୭.୨ ସାମନ୍ତବାଦର ସଂଜ୍ଞା

ଅନ୍ତତଃ ବିଦ୍ୱାନମାନଙ୍କ ମଧ୍ୟରେ ସାମନ୍ତବାଦର କୌଣସି ସାଧାରଣ ସ୍ୱୀକୃତ ଆଧୁନିକ ସଂଜ୍ଞା ନାହିଁ । ସାମନ୍ତୀ *(feudal)* ବିଶେଷଣଟିର ଗଠନ ୧୭ଶ ଶତାବ୍ଦୀର କଥା । ଏବଂ ବହୁଳାଂଶରେ ରାଜନୀତି ଓ

ପ୍ରଚାର ପରିପ୍ରେକ୍ଷୀରେ ବ୍ୟବହୃତ ବିଶେଷ୍ୟ ପଦ ସାମନ୍ତବାଦ *(feudalism)* ୧୯ଶ ଶତାବ୍ଦୀ ପର୍ଯ୍ୟନ୍ତ ରଚିତ ହୋଇ ନ ଥିଲା । ଏହାର ମୂଳ ଫରାସୀ ଶବ୍ଦ *féodalité (feudality)* ମଧ୍ୟ ୧୮ଶ ଶତାବ୍ଦୀର ଏକ ସୃଷ୍ଟି ।

ଖ୍ରୀ. ୧୯୪୪ରେ ଫ୍ରାଙ୍କ ଲୁଇ ଗନସଫଙ୍କ ପ୍ରଦତ୍ତ ଆଦର୍ଶ ସଂଜ୍ଞାରେ ଏହା ତିନୋଟି ମୂଳ ପ୍ରତ୍ୟୟ ପ୍ରଭୁ, ସାମନ୍ତ ଓ ଜାଗିରକୁ କେନ୍ଦ୍ର କରି ଘୂର୍ଣ୍ଣନଶୀଳ ଯୋଦ୍ଧା ଅଭିଜାତବର୍ଗଙ୍କ ମଧ୍ୟରେ ପାରସ୍ପରିକ ବୈଧାନିକ ଓ ସାମରିକ ଦାୟ ସମୁଚ୍ଚୟ ରୂପେ ବର୍ଣ୍ଣିତ । ତେବେ ସ୍ୱୟଂ ଗନସଫ ତାଙ୍କ ଚର୍ଚ୍ଚା କେବଳ 'ଶବ୍ଦଟିର ସଂକୀର୍ଣ୍ଣ ପାରିଭାଷିକ ବୈଧାନିକ ବୋଧ' ସହ ସମ୍ବନ୍ଧିତ ବୋଲି ଉଲ୍ଲେଖ କରିଛନ୍ତି ।

ମାର୍କ ବ୍ଲୁଖଙ୍କ *ସାମନ୍ତୀ ସମାଜ (Feudal Society, 1939)* ପୁସ୍ତକରେ ବର୍ଣ୍ଣିତ ସାମନ୍ତବାଦର ବ୍ୟାପକ ସଂଜ୍ଞାରେ କେବଳ ଯୋଦ୍ଧା ଅଭିଜାତବର୍ଗ ନୁହେ ଗଡ଼ବାଦରେ ବନ୍ଧା ଦେଶର ସକଳ ତିନୋଟି ଅନୁକ୍ରମ ଅଭିଜାତ, ଯାଜକ ଓ ଶ୍ରମଜୀବୀ ବିଶେଷତଃ ପ୍ରତ୍ୟକ୍ଷ ଭାବେ କୃଷକଙ୍କ ଦାୟ ମଧ୍ୟ ଅନ୍ତର୍ଭୁକ୍ତ । ବ୍ଲୁଖଙ୍କ ପ୍ରୟୋଗର ଅନୁଗୁଞ୍ଜନରେ ଏହା ବହୁ ସମୟରେ ଏକ 'ସାମନ୍ତୀ ସମାଜ' ରୂପେ ଅଭିହିତ ହୁଏ ।

ଇଉରୋପୀୟ ପରିପ୍ରେକ୍ଷୀ ବାହାରେ ସାମନ୍ତବାଦ ଅବଧାରଣାଟି ବହୁ ସମୟରେ ସୋଗନମାନଙ୍କ *(shōguns)* ଅଧୀନରେ ସାମନ୍ତୀ ଜାପାନ ଏବଂ ବେଳେବେଳେ କେତେକ ସାମନ୍ତୀ ଚରିତ୍ର – 'ଅର୍ଦ୍ଧ ସାମନ୍ତୀ' ରୂପେ କେବେ କେବେ ଅଭିହିତ- ବହନ କରୁଥିବା ମଧ୍ୟଯୁଗୀୟ ଇଥିଓପିଆର ଜଗଓ୍ୱେ ବଂଶର ଆଲୋଚନା ସମୟରେ ବିଶେଷ ଭାବେ ତୁଲ୍ୟାର୍ଥରେ ବ୍ୟବହୃତ ହୁଏ । ଆଉ କେତେକ ଏ ସାଦୃଶ୍ୟକୁ ଆହୁରି ଆଗକୁ ବଢ଼ାଇ ବସନ୍ତ ଓ ଶରତ କାଳୀନ ଚୀନ, ପ୍ରାଚୀନ ଇଜିପ୍ଟ, ପର୍ଥୀୟ ସାମ୍ରାଜ୍ୟ, ଭାରତୀୟ ଉପମହାଦେଶ ଏବଂ ଯୁଦ୍ଧପୂର୍ବ ଓ ଜିମ କ୍ରୋ ଆମେରିକୀୟ ଦକ୍ଷିଣ ଭଳି ବିବିଧତାପୂର୍ଣ୍ଣ ସ୍ଥାନମାନଙ୍କରେ ସାମନ୍ତବାଦ ଅଥବା ଏହାର ସଙ୍କେତ ଦର୍ଶନ କରନ୍ତି । ଓ୍ୱୁ ତ-କୁନ ରାଜତନ୍ତ୍ର ଆଧାରିତ ଏବଂ ରାଜ ନିୟନ୍ତ୍ରିତ ଭୂମି ସହ ଆବଦ୍ଧ ଚୀନର ଫେଙ୍ଗଜିଆନକୁ ସାମନ୍ତବାଦ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି । ଏଭଳି ତଥ୍ୟ ସତ୍ତ୍ୱେ ଅନୁବାଦ ବେଳେ ଫେଙ୍ଗଜିଆନ*(fengjian)*କୁ ଉଭୟ ଦିଗରେ ବହୁ ସମୟରେ ସାମନ୍ତବାଦ ସହ ଯୋଡ଼ିଦିଆଯାଏ ।

ମଧ୍ୟଯୁଗୀୟ ଇଉରୋପ ସଦୃଶ ଅନୁଷ୍ଠାନ ଓ ପ୍ରବୃତ୍ତିର କଥିତ ପ୍ରଚଳନ ହେତୁ ଅଣପାଶ୍ଚାତ୍ୟ ସମାଜ ସମୂହ ପ୍ରତି ବହୁ ସମୟରେ ଅନୁପଯୁକ୍ତ ଓ ନିନ୍ଦାତ୍ମକ ଢଙ୍ଗରେ ସାମନ୍ତବାଦ ଶବ୍ଦଟି ପ୍ରଯୁକ୍ତ ହୁଏ । ବିବିଧ ମାର୍ଗରେ ବ୍ୟବହାର ଯୋଗୁଁ ସାମନ୍ତବାଦ ଶବ୍ଦଟି ବିଶିଷ୍ଟ ଅର୍ଥରୁ ବଞ୍ଚିତ ଥିବା ବିଶ୍ୱାସ କରି କେତେକ ଐତିହାସିକ ଓ ରାଜନୀତିକ ସିଦ୍ଧାନ୍ତକାର ସମାଜକୁ ବୁଝିବା ପାଇଁ ଏକ ଉପଯୋଗୀ ଅବଧାରଣା ରୂପେ ଏହାକୁ ପ୍ରତ୍ୟାଖ୍ୟାନ କରନ୍ତି ।

## ୭.୩ ସାମନ୍ତବାଦର ସ୍ୱରୂପ ଓ ସଂରଚନା

ସାମନ୍ତବାଦୀ ସମାଜର ସଂରଚନା ଥିଲା ବର୍ଗୀକୃତ । ଏଥିରେ ବ୍ୟକ୍ତିର ସ୍ଥିତି ଥିଲା ନିର୍ଦ୍ଦିଷ୍ଟ । ସଂରଚନାର ଶୀର୍ଷରେ ଥିଲେ ରାଜା । ସେ ଅନେକ ପ୍ରଭୁଙ୍କୁ ଭୂସମ୍ପଦ ଅର୍ପଣ କରୁଥିଲେ । ପ୍ରଭୁମାନେ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଓ ଦାୟ ଥିବା ଅନେକ ଅଧସ୍ତନଙ୍କୁ ଜାଗିର ଆବଣ୍ଟନ କରୁଥିଲେ । ସାମରିକ ଦାୟିତ୍ୱ ନିର୍ବାହକାରୀ ନାଇଟ୍‌ମାନେ ଥିଲେ ଏ ବର୍ଗୀକରଣରେ ସବୁଠାରୁ ତଳେ । ବ୍ୟକ୍ତିଗତ ଆନୁଗତ୍ୟ ଓ ନିଷ୍ଠାର ଦୃଢ଼ ବନ୍ଧନ ଉପରେ ସମଗ୍ର ବ୍ୟବସ୍ଥାଟି କାର୍ଯ୍ୟ କରୁଥିଲା ।

ପ୍ରଭୁ ଓ ଅଧସ୍ତନମାନଙ୍କ ସ୍ଥିତି ଏବଂ ସେମାନଙ୍କ ମଧ୍ୟରେ ରହିଥିବା ବନ୍ଧନର ପ୍ରକୃତି ସହ ଆପଣଙ୍କୁ ଆମେ ପରିଚିତ କରାଇବୁ । ଜାଗିର ଓ ଲଗାଣର ପ୍ରକୃତି ଆଲୋଚିତ ହେବ । ଗଡ଼ର କୃଷକ ଓ ଲଗାଣକାରୀଙ୍କ ସ୍ଥିତି ମଧ୍ୟ ଆଲୋଚିତ ହେବ । ସାମନ୍ତୀ ବ୍ୟବସ୍ଥାର ନାଇଟ୍ ଅନୁଷ୍ଠାନ ସହ ମଧ୍ୟ ଆପଣଙ୍କୁ ପରିଚିତ କରାଇ ଦିଆଯିବ ।

### ୭.୩.୧ ପ୍ରଭୁ, ଅଧସ୍ତନ ଓ ସମାଦର

ଅଧିନିୟମଗୁଡ଼ିକର ଯେଉଁ ବୈଧାନିକ ପରିସର ଅଧୀନରେ ଜଣେ ମୁକ୍ତ ମନୁଷ୍ୟ ଅପରର ସୁରକ୍ଷାରେ ନିଜକୁ ଅବସ୍ଥାପିତ କରୁଥିଲେ ତାକୁ ସଂସ୍ତବନ *(commendation)* କୁହାଯାଉ ଥିଲା । ଏହା ଫଳରେ ଉଭୟ ପକ୍ଷ କେତେକ ଦାୟରେ ଆବଦ୍ଧ ହେଉଥିଲେ । ନିଜକୁ ସମର୍ପିତ କରୁଥିବା ବ୍ୟକ୍ତିଙ୍କୁ ଅଧସ୍ତନ କୁହାଯାଉ ଥିଲା । ସେ ପ୍ରଭୁ କହୁଥିବା ଉଚ୍ଚତନଙ୍କ ସେବା ଓ ସମ୍ମାନ କରିବାର ଦାୟ ଗ୍ରହଣ

କରୁଥିଲେ । ତେବେ ଏଥିରେ ଗୋଟିଏ ସର୍ତ୍ତ ରହିଥିଲା- ଏ ସେବା ଓ ସମ୍ମାନ ଜଣେ ମୁକ୍ତ ମନୁଷ୍ୟ ଭାବେ ତାଙ୍କ ସ୍ଥିତି ରକ୍ଷଣର ଅନୁକୂଳ ହୋଇଥିବ । ଅପର ପକ୍ଷରେ ପ୍ରଭୁ ଅଧସ୍ତନଙ୍କ ପୋଷଣ ଓ ସୁରକ୍ଷାର ଦାୟ ଗ୍ରହଣ ପାଇଁ ସମ୍ମତ ହେଉଥିଲେ । ସଂସ୍ତବନର ବୈଧତା ଅଧିନିୟମଗୁଡ଼ିକରେ ସଂଲଗ୍ନ ଔପଚାରିକତା ସମୂହର ବିଧିବଦ୍ଧ ସମ୍ପାଦନ ଉପରେ ନିର୍ଭରଶୀଳ ଥିଲା ।

ସଂସ୍ତବନର ପ୍ରାଥମିକ ସଂସ୍କାରକୁ ସମାଦର *(homage)* କୁହାଯାଉ ଥିଲା । ମେରୋଭିଙ୍ଗୀୟ କାଳରେ ସମସ୍ତ ଶ୍ରେଣୀ ଏହା ସମ୍ପାଦନ କରୁଥିଲେ । କିନ୍ତୁ କରୋଲିଙ୍ଗୀୟ ରାଜାମାନେ ଏହାକୁ କେବଳ ଅଭିଜାତ ଶ୍ରେଣୀର ସଦସ୍ୟମାନଙ୍କ ମଧ୍ୟରେ ସୀମିତ କରିଦେଲେ । ସମାଦରର ଦୁଇଟି ଉପାଦାନ ଥିଲା ହସ୍ତମିଳନ *(immixito manuum)* ଓ ଅଭିପ୍ରାୟ ଜ୍ଞାପନ *(volo)* । ପ୍ରଥମ ବିଧିରେ ନଗ୍ନ ମସ୍ତକ, ନିଃଶସ୍ତ୍ର ଅଧସ୍ତନ ସାଧାରଣତଃ ଆଣ୍ଠେଇ ପ୍ରଭୁଙ୍କ ଦୁଇ ହସ୍ତ ମଧ୍ୟରେ କୃତାଞ୍ଜଳି ପୁଟ ପ୍ରସାରଣ କରି ଉପସ୍ଥିତ ହେଉଥିଲେ ଏବଂ ପ୍ରଭୁ ନିଜର ଦୁଇ ହସ୍ତ ତହିଁ ଉପରେ ଆବରଣ ମୁଦ୍ରାରେ ସ୍ଥାପନ କରୁଥିଲେ । ଦ୍ୱିତୀୟ ବିଧିରେ ପ୍ରଭୁଙ୍କ ଠାରେ ଅଧସ୍ତନଙ୍କ ବ୍ୟକ୍ତିଗତ ସମର୍ପଣ ଏବଂ ଏଥିପ୍ରତି ପ୍ରଭୁଙ୍କ ସ୍ୱୀକୃତି ମୌଖିକ ରୂପେ ପ୍ରକାଶିତ ହେଉଥିଲା ।

ଅଷ୍ଟମ ଶତାବ୍ଦୀର ମଧ୍ୟଭାଗ ବେଳକୁ ଅଧସ୍ତନମାନଙ୍କ ସ୍ଥିତିରେ ଉନ୍ନତି ଆସିଥିଲା । ଏହାର ପ୍ରତିଫଳନ କରୋଲିଙ୍ଗୀୟମାନଙ୍କ ଦ୍ୱାରା ସମାଦର ସଂସ୍କାର ସହ ପ୍ରଭୁଙ୍କ ପ୍ରତି ଅଧସ୍ତନଙ୍କ ନିଷ୍ଠାର ଅଧିସ୍ୱୀକୃତି ସ୍ୱରୂପ ନିଷ୍ଠା ପ୍ରତିଜ୍ଞାର ସଂଯୋଗରେ ଘଟିଥିଲା । ଏଣିକି କେବଳ ଅଭିଜାତବର୍ଗଙ୍କୁ ନେଇ ଗଠିତ ଅଧସ୍ତନମାନେ ମୁକ୍ତ ମାନବ ରୂପେ ସେବା କରିବାକୁ ନିଷ୍ଠା ପ୍ରତିଜ୍ଞାରେ ଜୋର୍ ଦିଆଯାଉ ଥିଲା । ସମାଦର ସଂସ୍କାର ସମାପନ ପରେ ଆଣ୍ଠେଇ ପଡ଼ିଥିବା ଅଧସ୍ତନ ମୁକ୍ତ ମାନବର ଯୋଗ୍ୟ ଦଣ୍ଡାୟମାନ ମୁଦ୍ରାରେ ଧର୍ମଗ୍ରନ୍ଥ ଅଥବା ପବିତ୍ରାବଶେଷ ରହିଥିବା ସମ୍ପୁଟ ଉପରେ ହସ୍ତ ସ୍ଥାପନ କରି ପ୍ରଭୁଙ୍କ ପ୍ରତି ଅନୁଗତ ରହିବାକୁ ପ୍ରତିଜ୍ଞା କରୁଥିଲେ । ବସ୍ତୁତଃ ପ୍ରଭୁ ଯେତେବେଳେ ଚାହୁଁଥିଲେ ବିଶେଷତଃ ଅଧସ୍ତନଙ୍କ ଆନୁଗତ୍ୟକୁ ସନ୍ଦେହ କଲା ଭଳି କାରଣ ପାଇଲେ ନିଷ୍ଠା ପ୍ରତିଜ୍ଞା ପାଇଁ ଦାବି କରୁଥିଲେ । ସମାଦର ଓ ନିଷ୍ଠା ପ୍ରତିଜ୍ଞା ବିଧିର ମାନ୍ୟତା ଗୋଟିଏ ପକ୍ଷର ମୃତ୍ୟୁ ପର୍ଯ୍ୟନ୍ତ ଥିଲା ବାଧ୍ୟତାମୂଳକ । ଥରେ ସମ୍ପାଦିତ ହେଲେ ଅନୁବନ୍ଧକୁ ଏକତରଫା ସମାପ୍ତ କରାଯାଇ ପାରୁ ନ ଥିଲା । ଅନ୍ତତଃ ନୀତିଗତ ଭାବେ ଅଧସ୍ତନତାର ଅନୁବନ୍ଧ ଦୁଇ ପକ୍ଷଙ୍କ ମଧ୍ୟରେ ମୁକ୍ତ ଭାବେ ସମ୍ପାଦିତ ହୋଇଥିବା

ବିବେଚିତ ହେଉଥିଲା । ସମାଦର ଓ ନିଷ୍ଠା ପ୍ରତିଜ୍ଞା ସହ ବହୁ ସମୟରେ ବିଶେଷତଃ ଫ୍ରାନସରେ ଔପଚାରିକ ଚୁମ୍ବନ *(osculum)* ବିଧି ଅନୁଷ୍ଠିତ ହେଉଥିଲା । ଏହା କେବଳ ଦୁଇ ପକ୍ଷ ମଧ୍ୟରେ ଅନୁବନ୍ଧିତ ଦାୟ ପୁଷ୍ଟୀକରଣର ଏକ ଭବ୍ୟ ପ୍ରଦର୍ଶନ ମାର୍ଗ ନ ଥିଲା; ଅଧସ୍ତନଙ୍କ ପ୍ରତିଷ୍ଠାକୁ ଗରିମା ମଧ୍ୟ ପ୍ରଦାନ କରୁଥିଲା ।

ସାଧାରଣତଃ ସମାଦର ଓ ନିଷ୍ଠା ପ୍ରତିଜ୍ଞା ପରେ ସ୍ୱତ୍ୱାନ୍ତର *(enfeoffment)* ଅନୁଷ୍ଠିତ ହେଉଥିଲା । ଏହା ଥିଲା ସମ୍ପଦର ଅଧିକାର ହସ୍ତାନ୍ତରଣ ଏବଂ ଅଧସ୍ତନ ଏ ଅବସରରେ ଗ୍ରହଣ କରିଥିବା ଜାଗିରର ପ୍ରାଶାସନିକ ଦାୟ ଦର୍ଶାଇ କରାଯାଉ ଥିବା ଏକ ପ୍ରତୀକାତ୍ମକ ଅଧିଷ୍ଠାପନ ବିଧି । ଏ ରୀତି ସମ୍ପାଦନ ବେଳେ ପ୍ରଭୁ ଅଧସ୍ତନଙ୍କୁ କିଛି ପ୍ରତୀକାତ୍ମକ ବସ୍ତୁ ହସ୍ତାନ୍ତର କରୁଥିଲେ । କେତେକ କ୍ଷେତ୍ରରେ ବସ୍ତୁଟିର ଅଭିପ୍ରାୟ ଥିଲା ରିହାତି ପ୍ରକଟନ ଏବଂ ପ୍ରଭୁ ବସ୍ତୁଟିକୁ ରଖି ନେଉଥିଲେ । ବ୍ୟକ୍ତିଗତ ସାର୍ବଭୌମତ୍ୱ ଅଥବା ସାମ୍ରାଜ୍ୟୀୟ କର୍ତ୍ତୃତ୍ୱ ସୂଚକ ରାଜଦଣ୍ଡ, ଯଷ୍ଟି, ଅଙ୍ଗୁରୀୟ, ଛୁରିକା, ହସ୍ତତ୍ରାଣ ଆଦି ଏଭଳି ବସ୍ତୁ ରୂପେ ବ୍ୟବହୃତ ହେଉଥିଲା । ଅପର କ୍ଷେତ୍ରମାନଙ୍କରେ ଶସ୍ୟବୃନ୍ତ, ମୃତ୍‌ଖଣ୍ଡ ବା ତୃଣାବୃତ ଢେଲା, ବର୍ଚ୍ଛା, ଧ୍ୱଜା ଆଦି ବସ୍ତୁ ଅଧସ୍ତନଙ୍କ ହାତରେ ରହୁଥିଲା ଏବଂ ଜାଗିରକୁ ସୂଚାଉଥିଲା । ଜର୍ମାନୀ ଏବଂ ୱର୍ମସ ଧର୍ମସନ୍ଧି ପୂର୍ବବର୍ତ୍ତୀ ଇଟାଲୀରେ ରାଜକୀୟ ଧର୍ମାଧ୍ୟକ୍ଷମାନଙ୍କ ଅଧିଷ୍ଠାପନ ବେଳେ ଅଧସ୍ତନଙ୍କ ହସ୍ତଧୃତ ବସ୍ତୁ ରୂପେ ଯାଜକୀୟ ଦଣ୍ଡ ବ୍ୟବହୃତ ହେଉଥିଲା । ଅଧିଷ୍ଠାପନ ଉତ୍ସବ ସେଇ ମୁହୂର୍ତ୍ତର ପ୍ରତିନିଧିତ୍ୱ କରୁଥିଲା ଯେତେବେଳ ଠାରୁ ଅଧସ୍ତନ ଜାଗିରର ଅଧିକାର ଅର୍ଜନ କରୁଥିଲେ ଏବଂ ବଳପ୍ରୟୋଗରୁ ତାକୁ ସୁରକ୍ଷିତ ରଖିବାର ବୈଧାନିକତା ପ୍ରାପ୍ତ ହେଉଥିଲେ । ପରବର୍ତ୍ତୀ ସାମନ୍ତୀ ଯୁଗରେ ଏ ରୀତି ଅନୁସରଣରେ ଜାଗିରର ନିଷ୍କ୍ରମଣ ଉତ୍ସବ ପରିକଳ୍ପିତ ହେଲା । ଏଥିରେ ଅଧସ୍ତନ ମୂଳ ଅଧିଷ୍ଠାପନ ବିଧି ବେଳେ ପ୍ରଭୁଙ୍କ ଠାରୁ ଗ୍ରହଣ କରିଥିବା ବସ୍ତୁଟି ତାଙ୍କୁ ହସ୍ତାନ୍ତର କରି ଆନୁଷ୍ଠାନିକ ଭାବେ ନିଜକୁ ଜାଗିରରୁ ହଟାଇ ନେଉଥିଲେ ।

ନିଷ୍ଠା ଭାବଧାରା ପ୍ରଭୁଙ୍କ ଶରୀର, ସମ୍ମାନ ଓ ସମ୍ପଦ ପ୍ରତି ହାନି ପହଞ୍ଚାଉଥିବା ଯେ କୌଣସି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅଧସ୍ତନଙ୍କ ପ୍ରଧାନ ଦାୟର ନକାରାତ୍ମକ ଦିଗଟିକୁ ସୂଚାଉ ଥିଲା । ଅଧସ୍ତନଙ୍କ କର୍ତ୍ତବ୍ୟର ସକାରାତ୍ମକ ଦିଗଟି ଥିଲା ପ୍ରଭୁଙ୍କୁ ବିଶେଷ ସେବା ପ୍ରଦାନ କରିବା । ସାଧାରଣତଃ ଏହାକୁ ସହାୟତା *(auxilium)* ଓ ମନ୍ତ୍ରଣା *(consilium)* ରୂପେ ବର୍ଗୀକୃତ କରାଯାଇ ଥିଲା ।

ସହାୟତା ବର୍ଗରେ ଅନିବାର୍ଯ୍ୟ ଉପାଦାନ ଥିଲା ସାମରିକ ସେବା । ସାମରିକ ଚରିତ୍ର ଥିଲା ପ୍ରଭୁ ଓ ଅଧସ୍ତନ ବ୍ୟବସ୍ଥାର ବୈଶିଷ୍ଟ୍ୟ । ପ୍ରଭୁ ଅଧସ୍ତନଙ୍କୁ ରଖିଥିଲେ ଏଇଥି ପାଇଁ ଯେ ତାଙ୍କ ନିୟନ୍ତ୍ରଣରେ ସୈନ୍ୟ ଅବଶ୍ୟ ରହିଥିବେ । ବିଶେଷ ବନ୍ଦୋବସ୍ତରେ କେତେକ ଅଧସ୍ତନ କେବଳ ବ୍ୟକ୍ତିଗତ ସେବା ପାଇଁ ବାଧ୍ୟ ଥିଲେ; ଅନ୍ୟମାନେ ସାଧାରଣତଃ ତାଙ୍କ ଅଧସ୍ତନ ନିର୍ଦ୍ଦିଷ୍ଟ ସଂଖ୍ୟକ ନାଇଟ୍‌ଙ୍କ ସହ ସେବା କରିବାର ବାଧ୍ୟତା ରହିଥିଲା । ଏକାଦଶ ଶତାବ୍ଦୀରୁ ଏଇ ସଂଖ୍ୟା ସାଧାରଣତଃ ଅଧସ୍ତନ ଧାରଣ କରିଥିବା ଜାଗିରର ମହତ୍ୱ ସହ ଯୋଡ଼ି ହୋଇଗଲା । ସେତେବେଳକୁ ଅଧସ୍ତନମାନେ ମଧ୍ୟ ପ୍ରଭୁଙ୍କ ଉପରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦିନ (ବହୁଳାଂଶରେ ଚାଳିଶି) ସେବା ପ୍ରଦାନ ଏବଂ ସେଥିରୁ ଅଧିକ ଦିନ ପାଇଁ ବର୍ତ୍ତନ ପ୍ରଦାନର ସର୍ତ୍ତ ଆରୋପ କରିବାକୁ ସମର୍ଥ ହୋଇସାରି ଥିଲେ । ଶୁଦ୍ଧ ସାମରିକ ଦିଗ ଅତିରିକ୍ତ ଗଡ଼ର ପ୍ରଶାସନ ଅଥବା ପ୍ରଭୁଙ୍କ ଘରୋଇ ଦାୟିତ୍ୱ, ବାର୍ତ୍ତା ବହନ, ଅଙ୍ଗରକ୍ଷୀ ପ୍ରଦାନ ଏବଂ ଆବଶ୍ୟକ ହେଲେ ପ୍ରଭୁଙ୍କୁ ଆର୍ଥିକ ସହଯୋଗ ସମର୍ପଣ ସହାୟତା ଦାୟର ଅନ୍ତର୍ଭୁକ୍ତ ଥିଲା । ପ୍ରଭୁ ବନ୍ଦୀ ହେଲେ ନିଷ୍କୃତି ପଣ ପ୍ରଦାନ, ତାଙ୍କ ଜ୍ୟେଷ୍ଠ ପୁତ୍ରଙ୍କ ନାଇଟ୍ ଉତ୍ସବ, ଜ୍ୟେଷ୍ଠ କନ୍ୟାଙ୍କ ବିବାହ ଏବଂ କ୍ରୁସେଡ ପାଇଁ ପ୍ରଭୁଙ୍କ ପ୍ରସ୍ଥାନ ଥିଲା ଏଭଳି ସହାୟତା ପାଇଁ ସର୍ବାଧିକ ସାଧାରଣ ଅବସର । ମନ୍ତ୍ରଣା ଅଧସ୍ତନଙ୍କ ଉପରେ ଅଧିରୋପିତ ପରାମର୍ଶ ପ୍ରଦାନ ଦାୟକୁ ସୂଚାଉ ଥିଲା । ଡକରା ମାତ୍ରେ ସାଧାରଣତଃ ଅପର ଅଧସ୍ତନଙ୍କ ସହ ପ୍ରଭୁଙ୍କୁ ଭେଟିବାକୁ ଅଧସ୍ତନ ବାଧ୍ୟ ଥିଲେ । ପାରମ୍ପରିକ ଭାବେ ଏଭଳି ସମାବେଶ ବର୍ଷକୁ ଦୁଇରୁ ତିନି ଥରରେ ସୀମିତ ଥିଲା । ଏକ ସର୍ବାଧିକ ମହତ୍ୱପୂର୍ଣ୍ଣ ମନ୍ତ୍ରଣା ଦାୟିତ୍ୱ ଥିଲା ପ୍ରଭୁଙ୍କ ଅଧ୍ୟକ୍ଷତାରେ ତାଙ୍କ ଦରବାରକୁ ଆସୁଥିବା ମକଦ୍ଦମାଗୁଡ଼ିକର ବିଚାର ।

ଅପର ପକ୍ଷରେ ଅଧସ୍ତନଙ୍କ ସୁରକ୍ଷା ଓ ପୋଷଣ ଥିଲା ପ୍ରଭୁଙ୍କର ଦାୟ । ପ୍ରଥମଟି ଉଭୟ ଆଇନ ଅଦାଲତରେ ଓ ଅନ୍ୟାୟ ସାମରିକ ଆକ୍ରମଣ ବେଳେ ଶତ୍ରୁ କବଳରୁ ଅଧସ୍ତନଙ୍କୁ ରକ୍ଷା କରିବାକୁ ପ୍ରଭୁଙ୍କ ଦାୟବଦ୍ଧତାକୁ ସୂଚାଉ ଥିଲା । ସାଧରଣତଃ ଜଣେ ଅଧସ୍ତନଙ୍କୁ ଏକ ଜାଗିର ପ୍ରଦାନ କରାଯାଇ ଥିଲେ ଏଥିରୁ ତାଙ୍କୁ ବଞ୍ଚିତ କରିବା ପାଇଁ ହେଉଥିବା ଯେ କୌଣସି ପ୍ରୟାସ ବିରୋଧରେ ଦାନଭୋଗୀଙ୍କ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରଭୁ ବାଧ୍ୟ ଥିଲେ । ପ୍ରଭୁଙ୍କ ଦୃଷ୍ଟିରୁ ପୋଷଣର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଅଧସ୍ତନ ତାଙ୍କୁ ପ୍ରଦାନ କରିବାକୁ ଥିବା ସେବା ବିଶେଷତଃ ସାମରିକ ସେବାକୁ ସମ୍ଭବପର କରାଇବା । ଅଧସ୍ତନଙ୍କୁ ତାଙ୍କ ଦରବାର ଓ ଘରେ ରଖି ଅଥବା ଜାଗିର ଦାନ ପୂର୍ବକ ପ୍ରଭୁ ପୋଷଣ ପ୍ରଦାନ କରୁଥିଲେ । ତେବେ ବୃତ୍ତି ଦାନ ପ୍ରଭୁଙ୍କ ଖର୍ଚ୍ଚରେ ଅନ୍ୟ ପ୍ରକାର

ପୋଷଣକୁ ପ୍ରତିହତ କରୁ ନ ଥିଲେ ମଧ୍ୟ ଏକାଦଶ ଶତାବ୍ଦୀ ବେଳକୁ ସର୍ବାଧିକ ଅଧସ୍ତନ ଶୁଦ୍ଧ ଘରୋଇ ନୁହେ ବୃତ୍ତିଧାରୀ ଥିଲେ ।

ସମାଦର ଓ ନିଷ୍ଠା ଦ୍ୱାରା ସୃଷ୍ଟ ପାରସ୍ପରିକ ଦାୟ ଥିଲା ବ୍ୟକ୍ତିଗତ । ଅତଏବ ଏହା ଅନୁବନ୍ଧିତ ଦୁଇ ପକ୍ଷ ବାହାରେ ଆଉ କାହାରିକୁ ପ୍ରଭାବିତ କରୁ ନ ଥିଲା । ପ୍ରଭୁ ଓ ଉପଅଧସ୍ତନଙ୍କ ମଧ୍ୟରେ ତେଣୁ କୌଣସି ବିଧି ସ୍ୱୀକୃତ ସମ୍ବନ୍ଧ ନ ଥିଲା । ଜଣେ ଅଧସ୍ତନ ପ୍ରଭୁଙ୍କ ସେବା ପାଇଁ ତାଙ୍କ ନିଜର କେତେକ ଅଥବା ସମସ୍ତ ଅଧସ୍ତନଙ୍କୁ ଧରି ଆସିବାକୁ ହୁଏତ ବାଧ୍ୟ ଥିଲେ । କିନ୍ତୁ ସାର୍ବଭୌମ-ପରବର୍ତ୍ତୀ ମଧ୍ୟଯୁଗୀୟ ଫ୍ରାନସରେ ପ୍ରଭୁଙ୍କ ପ୍ରଭୁଙ୍କୁ ଏଭଳି ନାମିତ କରାଯାଇ ଥିଲା-ଙ୍କ ପ୍ରତି ଉପଅଧସ୍ତନଙ୍କର କୌଣସି ପ୍ରତ୍ୟକ୍ଷ ଦାୟ ନ ଥିଲା । ତେବେ ଏ ସାଧାରଣ ନିୟମର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟତିକ୍ରମ ରହିଥିଲା । ନିର୍ଦ୍ଦିଷ୍ଟ ଉତ୍ତରାଧିକାରୀ ବିନା ଜଣେ ପ୍ରଭୁ ମୃତ୍ୟୁ ବରଣ କଲେ ଉତ୍ତରାଧିକାରୀଙ୍କ ବୈଧାନିକ ପ୍ରତିଷ୍ଠା ଲାଭ ପର୍ଯ୍ୟନ୍ତ ମୃତକଙ୍କ ଅଧସ୍ତନମାନେ ତାଙ୍କ ପ୍ରଭୁଙ୍କ ଅଧସ୍ତନ ବିବେଚିତ ହେଉଥିଲେ । ଅନ୍ୟ ଭାବରେ କହିଲେ ଉତ୍ତରାଧିକାରୀହୀନ ଅଧସ୍ତନଙ୍କ ମୃତ୍ୟୁ ପରେ ଜାଗିରର ଅଧିକାର ଜାଗିର ପ୍ରଦାନକାରୀ ପ୍ରଭୁଙ୍କ ନିକଟକୁ ଫେରି ଆସୁଥିଲା ।

ଗୋଟିଏ ପକ୍ଷ ତାଙ୍କ ଦାୟ ପୂରଣରେ ଅସଫଳ ହେଲେ ଦଣ୍ଡର ତାତ୍ତ୍ୱିକ ବିଧାନ ରହିଥିଲେ ମଧ୍ୟ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଥିଲା ସମ୍ପୂର୍ଣ୍ଣ ପ୍ରଭାବ ଶୂନ୍ୟ । ବସ୍ତୁତଃ ଏଭଳି ଚୁକ୍ତି ଭଙ୍ଗରୁ ସଂଜାତ ସଂଘର୍ଷର ସମାଧାନ ବହୁଳାଂଶରେ ଶସ୍ତ୍ର ସହାୟତାରେ କରାଯାଉ ଥିଲା । ଅବଶ୍ୟ ଜାଗିର ବାଜ୍ୟାପ୍ତି ଥିଲା ନିଷ୍ଠା ଭଙ୍ଗର ଅପରିହାର୍ଯ୍ୟ ପରିଣାମ । କାରଣ ଅନୁବନ୍ଧ ଦ୍ୱାରା ଜାଗିର ଦାନର ସର୍ତ୍ତ ଥିଲା ଅଧସ୍ତନତାର ଦାୟ । ତେବେ ଜାଗିର ଉପରେ ଅଧସ୍ତନଙ୍କ ଅଧିକାରର ପ୍ରଗତିଶୀଳ ବିକାଶ ବାଜ୍ୟାପ୍ତିକୁ ବାସ୍ତବରେ ଆୟାସସାଧ୍ୟ କରିଦେଇ ଥିଲା ଏବଂ ଦ୍ୱାଦଶ ଶତାବ୍ଦୀରେ ଫ୍ରାନସରେ ଜାଗିରକୁ ଅସ୍ଥାୟୀ ଭାବେ 'ଜବତ' ଅଥବା 'ଅଧିଗ୍ରହଣ' କରିବା ଏକ କମ୍ କଠୋର ଦଣ୍ଡ ଭାବେ ବିକଶିତ ହୋଇଥିଲା ।

### ୭.୩.୨ ଜାଗିର, ଲଗାଣ ଓ ସ୍ୱାଧୀନ ସ୍ୱତ୍ୱ

ପ୍ରଭୁ ଅଥବା ଏକ ଅଧସ୍ତନ ଗୋଷ୍ଠୀର ମୁଖିଆ ଅଧସ୍ତନଙ୍କୁ ନିଜ ଘରେ ରଖି ନିଜ ଖର୍ଚ୍ଚରେ ଖାଦ୍ୟ, ବସ୍ତ୍ର ଓ ଶସ୍ତ୍ର ପ୍ରଦାନ କରୁଥିଲେ ଅଥବା ଭୂସମ୍ପଦ କିମ୍ବା ଭୂମିରୁ ବ୍ୟୁତ୍ପନ୍ନ ନିୟମିତ ଆୟ ପ୍ରଦାନ କରି ତାଙ୍କ ନିଜର ପାଳନ ପାଇଁ ଛାଡ଼ି ଦେଉଥିଲେ । ଅଧସ୍ତନଙ୍କୁ ତାଙ୍କର ପ୍ରାପ୍ୟ ପୋଷଣ ଜୁଟାଇବା ଏବଂ ଅଧସ୍ତନତା ଅନୁବନ୍ଧର ଅଭୀଷ୍ଟ ସେବା ଯୋଗାଇବା ନିମିତ୍ତ ସାଧନ ପ୍ରଦାନ କରିବା ପାଇଁ ପ୍ରଭୁଙ୍କ ଦ୍ୱାରା ତାଙ୍କୁ ମାଗଣା ପ୍ରଦତ୍ତ ଆଜୀବନ ଆଜୀବିକାକୁ ବୃତ୍ତି ଅଥବା ଜାଗିର କୁହାଯାଉ ଥିଲା । ବୃତ୍ତିଧାରୀଙ୍କ ଅପେକ୍ଷା ଘରୋଇ ଅଧସ୍ତନମାନେ ସମ୍ଭବତଃ ଥିଲେ ଏକ ଅଧିକ ପ୍ରାଚୀନ ରକମର ସମ୍ବନ୍ଧର ପ୍ରତିନିଧି । କିନ୍ତୁ କରୋଲିଙ୍ଗୀୟ ସମୟରୁ ବୃତ୍ତି ବଣ୍ଟନରେ ବିଶେଷ ବୃଦ୍ଧି ଘଟିଲା । ଏହାର କାରଣ ଥିଲା ଏକାଧିକ । ପ୍ରଥମତଃ ଏକ ବିଶେଷ ବିଶାଳ ଗୋଷ୍ଠୀକୁ ନିୟମିତ ରସଦ ଯୋଗାଣ ପ୍ରଭୁଙ୍କ ପକ୍ଷରେ ଖୁବ୍ ଆୟାସସାଧ୍ୟ କାର୍ଯ୍ୟ ରୂପେ ପ୍ରମାଣିତ ହୋଇଥିଲା । ଅପର ପକ୍ଷରେ ଅନେକ ଅଧସ୍ତନ ସେମାନେ ଭୋଗ କରୁଥିବା ରାଜନୀତିକ କର୍ତ୍ତୃତ୍ୱ ସହ ମର୍ଯ୍ୟାଦା ଅନୁରୂପ ପରିସ୍ଥିତିରେ କାର୍ଯ୍ୟ ସମ୍ପାଦନ ନିମିତ୍ତ ସମର୍ଥ ହେବା ପାଇଁ ସ୍ୱାଧୀନ ରାଜସ୍ୱ ଆବଶ୍ୟକ କରୁଥିଲେ । ଅଧିକନ୍ତୁ ପ୍ରଭୁଙ୍କର ଜଣେ ଅଧସ୍ତନ ନିଜ ପ୍ରଦେଶର ତତ୍ତ୍ୱାବଧାନ କାର୍ଯ୍ୟରେ ଅଧିକାଂଶ ସମୟ ଅତିବାହିତ କରିବା ଥିଲା ପ୍ରତ୍ୟାଶିତ ।

ଜାଗିର ସାଧାରଣତଃ ଥିଲା ଅତ୍ୟନ୍ତ ବିବିଧ ଆକାରର ଭୂସମ୍ପଦ । କିନ୍ତୁ ଏହା ମଧ୍ୟ ଥିଲା କିଛି ସାର୍ବଜନୀନ କର୍ତ୍ତୃତ୍ୱ ଅଥବା ଦାୟିତ୍ୱ ଅଥବା ଅଧିକାର । ମାହାସୁଲ, ବଜାର କର, ମୁଦ୍ରା ପ୍ରସ୍ତୁତି ଓ ନ୍ୟାୟ ଆଦି ଅଧିକାର, ଅଧିବକ୍ତା, ମହାପୌର, ଅଭିଗ୍ରାହୀ, ପ୍ରୋଭୋ *(provost)*- ଶିକ୍ଷାନୁଷ୍ଠାନ, ଗୀର୍ଜା, ଥାନା, କାରାଗାର ଆଦିର ବରିଷ୍ଠ ପ୍ରଶାସନିକ ଅଧିକାରୀ- ପ୍ରଭୃତି କାର୍ଯ୍ୟ ଥିଲା ଏହାର ଅନ୍ତର୍ଭୁକ୍ତ । କ୍ଷେତ୍ରାଧାର ନ ଥାଇ କେବଳ ନିୟମିତ ବ୍ୟବଧାନର ନିର୍ଦ୍ଦିଷ୍ଟ ଦେୟ ଉପରେ ଅଧିକାରକୁ ନେଇ ଗଠିତ ଜାଗିରଗୁଡ଼ିକୁ ଅର୍ଥ ଜାଗିର କୁହାଯାଉ ଥିଲା । ଏକାଦଶ ଶତାବ୍ଦୀରୁ ଫ୍ରାନସ, ଜର୍ମାନୀ ଓ ନିମ୍ନ ଦେଶ ସମୂହରେ ଏଗୁଡ଼ିକର ଅସ୍ତିତ୍ୱ ରହିଥିଲା । କିନ୍ତୁ ଅର୍ଥ ଜାଗିରର ସର୍ବାଧିକ ବ୍ୟାପକ ଓ ପଦ୍ଧତିବଦ୍ଧ ଉପଯୋଗ ନର୍ମାନ ଓ ଆଞ୍ଜେଭିନ ଇଂଲିଶ ରାଜତନ୍ତ୍ର ଅଧୀନରେ ହୋଇଥିଲା । ଦଶମ ଓ ଏକାଦଶ ଶତାବ୍ଦୀରେ ବହୁ ସମୟରେ ଅଯାଜକୀୟ ଅଧସ୍ତନଙ୍କୁ ଜାଗିର ରୂପେ ଗୀର୍ଜା- ମଠ, ଗ୍ରାମଗୀର୍ଜା ଓ ପ୍ରାର୍ଥନାଳୟ- ପ୍ରଦାନ କରାଯାଉ ଥିଲା । ଏହା ଫଳରେ ସେମାନଙ୍କୁ ଦଶମାଂଶ, ଗୀର୍ଜାର ଧର୍ମସ୍ୱ ଏପରିକି କେତେକ କ୍ଷେତ୍ରରେ ସ୍ୱୟଂ ଆଧ୍ୟାତ୍ମିକ ଦପ୍ତରରୁ ମିଳୁଥିବା ଆୟ- ଶ୍ରଦ୍ଧାଳୁଙ୍କ

ଦାନ, ଗୀର୍ଜାର ପ୍ରାପ୍ୟ ଆଦି- ପ୍ରାପ୍ତ ହେଉଥିଲା । ଏକାଦଶ ଶତାବ୍ଦୀର ସଂସ୍କାର ଆନ୍ଦୋଳନର ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା ଏ ଧରଣର ଜାଗିରଗୁଡ଼ିକର ଉଚ୍ଛେଦ ଏବଂ ଏ ପ୍ରଥାକୁ ଅଟକାଇବା ଓ ସୀମିତ କରିବାରେ ଆଂଶିକ ସଫଳତା ହାସଲ ହୋଇଥିଲା ।

ପ୍ରଭୁ ଓ ଅଧସ୍ତନ ଉଭୟ ପକ୍ଷ ଭୋଗ କରୁଥିବା ଅଧିକାରଗୁଡ଼ିକ ସ୍ୱଭାବତଃ ବହୁ ଶତାବ୍ଦୀ ଧରି ସମାନ ନ ଥିଲା । ମୌରସୀକରଣ ଓ ଉପସାମନ୍ତୀକରଣ ପ୍ରକ୍ରିୟା ଏ ଅଧିକାରଗୁଡ଼ିକୁ ଯଥେଷ୍ଟ ବଦଳାଇ ଦେଇଥିଲା । ସାମନ୍ତୀ କାଳ ପ୍ରାରମ୍ଭରେ ରୋମୀୟ ବିଧାନରେ ଉଲ୍ଲିଖିତ ମାଲିକାନା ହକ ପ୍ରଭୁଙ୍କ ପାଖରେ ରହିଥିଲା । ଅଧସ୍ତନଙ୍କୁ କେବଳ ରୋମୀୟ ଭାବଧାରାର ଭୋଗାଧିକାର ଅର୍ଥାତ୍ ଜାଗିରର ଉପଯୋଗ, ଉପଭୋଗ ଓ ଉତ୍ପାଦର ବିନିଯୋଗ ଅଧିକାର ଦିଆଯାଉ ଥିଲା । ନବମ ଶତାବ୍ଦୀରୁ ସ୍ଥିତି ଯଥେଷ୍ଟ ମାତ୍ରାରେ ବଦଳିବାକୁ ଆରମ୍ଭ କଲା । ଜାଗିରର ପ୍ରଭାବଶାଳୀ ଦଖଲ ଭୂମି ଉପରେ ବାସ୍ତବ ଅଧିକାରକୁ ଦୃଢ଼ ଓ ପୁଷ୍ଟ କରିବା ପାଇଁ ଅଧସ୍ତନଙ୍କୁ ସମର୍ଥ କଲା ଏବଂ ପରିଣାମ ସ୍ୱରୂପ ପ୍ରଭୁଙ୍କ କ୍ଷମତାରେ ଅବକ୍ଷୟ ଘଟିଲା । ଜାଗିରଗୁଡ଼ିକ ଅଧସ୍ତନଙ୍କ ମୌରସୀ ଅଥବା ଆନୁବଂଶିକ ସମ୍ପଦର ଏକ ଅଂଶ ରୂପେ ବିବେଚିତ ହେବା ଥିଲା ଏହାର ସର୍ବାଧିକ ସୁସ୍ପଷ୍ଟ ପ୍ରମାଣ । ମୂଳତଃ ଆଜୀବନ ଆଜୀବିକା ରୂପେ ଆବଣ୍ଟିତ ଏକ ବୃତ୍ତି ଥିବା ସ୍ୱତ୍ୱାନ୍ତର ଅଧସ୍ତନଙ୍କ ମୃତ୍ୟୁ ପରେ ତାତ୍ତ୍ୱିକ ଭାବେ ସମାପ୍ତ ହେଉଥିଲା ଏବଂ ଜାଗିର ଉପରେ ପ୍ରଭୁଙ୍କର ସାମଗ୍ରିକ ବୈଧାନିକ ଅଧିକାର ପୁନରୁଜ୍ଜୀବିତ ହେଉଥିଲା । ଅଧସ୍ତନତା ଯେହେତୁ ଉତ୍ତରାଧିକାର ସୂତ୍ରରେ ସଞ୍ଚରିତ ହେଉ ନ ଥିଲା ଅଧସ୍ତନଙ୍କ ପାରିତୋଷିକ ମଧ୍ୟ ଏକ ଆନୁବଂଶିକ ଚରିତ୍ର ଗ୍ରହଣ କରିପାରୁ ନ ଥିଲା । କିନ୍ତୁ ବାସ୍ତବ ଚଳଣିରେ ଜଣେ ପୂର୍ବଜ ଛାଡ଼ିଯାଇ ଥିବା ଜାଗିର ପାଇଁ ସାଧାରଣତଃ ଉତ୍ତରାଧିକାରୀଙ୍କର ପ୍ରତ୍ୟାଶା ରହିଥିଲା । ସେ ତତ୍କ୍ଷଣାତ୍ ତାହା ଅଧିକାର କରୁଥିଲେ ଏବଂ ସ୍ଥାନୀୟ ପ୍ରଥା ଦ୍ୱାରା ଅନୁମୋଦିତ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଧିଷ୍ଠାପନ ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ । ପ୍ରଭୁମାନେ ନିରନ୍ତର ପ୍ରତିସଂହରଣ ନୀତି ପ୍ରତି ଆଗ୍ରହ ପ୍ରକାଶ କରୁଥିଲେ; କିନ୍ତୁ ସାଧାରଣତଃ କାର୍ଯ୍ୟାନ୍ୱୟନରୁ ନିବୃତ୍ତ ରହୁଥିଲେ । କାରଣ ପିତାର ଜାଗିର ପୁତ୍ରକୁ ପ୍ରତ୍ୟାଖ୍ୟାନ କରି ପ୍ରଭୁ କେବଳ ନୂତନ ସଂସ୍ତବନକୁ ନିରୁତ୍ସାହିତ କରିବାର ଆପଦ ବରଣ କରୁ ନ ଥିଲେ ସମାନ ପ୍ରତ୍ୟାଶା ପୋଷଣ କରୁଥିବା ଅପର ଅଧସ୍ତନମାନଙ୍କ ଗମ୍ଭୀର ପ୍ରତିକ୍ରିୟାକୁ ପ୍ରଦୀପ୍ତ କରିବାର ବିପଦ ମଧ୍ୟ ତାଙ୍କ ପ୍ରତି ରହିଥିଲା । ପଶ୍ଚିମ ଫ୍ରାନସ ଓ ବର୍ଗଣ୍ଡିରେ ଆଦ୍ୟରୁ ରାଜଶକ୍ତି ଦୁର୍ବଳ ହୋଇଯିବାର ଏକ ପରିଣାମ ସ୍ୱରୂପ ଆନୁବଂଶିକ

ହୋଇଯାଇ ଥିବା ଜାଗିର ମଧ୍ୟରେ ପ୍ରଥମ ଥିଲା ସାର୍ବଜନିକ ଦପ୍ତରକୁ ନେଇ ଗଠିତ ବୃତ୍ତି ସମୂହ । ପ୍ରକ୍ରିୟାଟି ସମଗ୍ର ଫ୍ରାନସରେ ଥିଲା ଅପେକ୍ଷାକୃତ ଦ୍ରୁତ ଓ ବିସ୍ତୃତ; ଜର୍ମାନୀ ଓ ଉତ୍ତର ଇଟାଲୀରେ ଧୀର ଓ ଗତିହୀନ ଏବଂ କେବଳ ଦ୍ୱାଦଶ ଶତାବ୍ଦୀର ଇଂଲଣ୍ଡରେ ସାଧାରଣ । ତେବେ ଦ୍ୱାଦଶ ଶତାବ୍ଦୀ ଶେଷ ସୁଦ୍ଧା ଉତ୍ତରାଧିକାରୀ ସୂତ୍ରରେ ପିତା ପରେ ପୁତ୍ରର ଅଧିଷ୍ଠାପନ ପ୍ରାୟ ସର୍ବତ୍ର ଏକ ବୈଧାନିକ ମର୍ଯ୍ୟାଦା ଅର୍ଜନ କରିସାରି ଥିଲା ।

### *ଜାଗିରର ଉତ୍ତରାଧିକାର*

ଜାଗିରର ଉତ୍ତରାଧିକାର ଏକ ସୁପ୍ରତିଷ୍ଠ ପ୍ରଥାରେ ପରିଣତ ହୋଇ ନ ଥିବା ପର୍ଯ୍ୟନ୍ତ ପ୍ରଭୁ ଅଭିଳାଷୀ ପ୍ରାର୍ଥୀଙ୍କ ଠାରୁ ଅଧସ୍ତନ ଭାବେ ସ୍ୱୀକୃତି ପାଇଁ ନିଷ୍ଠା, ସମାଦର ଓ ଜାଗିରର ଅଧିଷ୍ଠାପନ ପୂର୍ବରୁ କିଛି ପ୍ରତିଦାନ ଦାବି କରୁଥିଲେ । ପ୍ରଭୁ ବଳ ପୂର୍ବକ ମାଗୁଥିବା ଏ ପ୍ରକାର ଦେୟ ସାଧାରଣରେ 'କରମୁକ୍ତି' *(relief)* ରୂପେ ପରିଚିତ ଥିଲା । ଜାଗିରର ମହତ୍ୱ ଉପରେ ନିର୍ଭର କରି ଏହା ଗୋଟିଏ ଘୋଡ଼ା, ଜଣେ ନାଇଟ୍‌ଙ୍କ ସାଜସାମାନ ଠାରୁ ଆରମ୍ଭ କରି ଜାଗିରର ଗୋଟିଏ ବର୍ଷର ରାଜସ୍ୱ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଥିଲା । ତେବେ ଗୀର୍ଜା ସମ୍ବନ୍ଧ ଲଗାଣଗୁଡ଼ିକ ଧାରଣର ନିରନ୍ତରତା ଭଙ୍ଗ ସହ ସଂଯୁକ୍ତ ପ୍ରଭୁଙ୍କ ସାମୟିକ ଅଧିକାରରୁ ଉଦ୍ଭୁତ ବଳପୂର୍ବକ ସାମନ୍ତୀ ଦେୟରୁ ମୁକ୍ତ ଥିଲା । ଆନୁବଂଶିକ ଉତ୍ତରାଧିକାର ସୂତ୍ରରେ ଜଣେ ନାବାଳକଙ୍କୁ ମିଳୁଥିବା ଜାଗିର କ୍ଷେତ୍ରରେ ଜଣେ ନିକଟତମ ଆତ୍ମୀୟ ପ୍ରଭୁଙ୍କ ଅଧସ୍ତନ ହୋଇ ଜାଗିରରେ ଅଧିଷ୍ଠାପିତ ହେଉଥିଲେ ଏବଂ ଉତ୍ତରାଧିକାରୀଙ୍କ ନାବାଳକି କାଳରେ ତାଙ୍କ ପାଳନ ଓ ଶିକ୍ଷଣ ଭାର ଗ୍ରହଣ କରୁଥିଲେ ଅଥବା ସ୍ୱୟଂ ପ୍ରଭୁ ପ୍ରଥାନୁମୋଦିତ ରୂପେ ସାମୟିକ ଜାଗିର ଅଧିଗ୍ରହଣ କରି ଏହାର ସସର୍ତ୍ତ ଭୋଗାଧିକାର ଲାଭ କରୁଥିଲେ । ସର୍ତ୍ତଟି ଥିଲା ନାବାଳକ ଉତ୍ତରାଧିକାରୀଙ୍କ ପାଳନ ଓ ଶିକ୍ଷଣ ।

ତେବେ ଉଭୟ କ୍ଷେତ୍ରରେ ସାବାଳକ ହେବା ପରେ ସମାଦର ଓ ନିଷ୍ଠା ପ୍ରତିଜ୍ଞା ଏବଂ ଏଥି ଯୋଗୁଁ ନିଜ ପାଇଁ ଜାଗିରର ଅଧିଷ୍ଠାପନ ପ୍ରାପ୍ତି ଦାବି କରିବାର ଅଧିକାର ଶିଶୁଟିର ରହିଥିଲା । ମୂଳତଃ ସାମନ୍ତୀ ଉତ୍ତରାଧିକାରରୁ ନାରୀମାନେ ସମ୍ପୂର୍ଣ୍ଣ ବର୍ଜିତ ଥିଲେ ହେଁ ଦଶମ ଶତାବ୍ଦୀ ଶେଷ ସୁଦ୍ଧା

ଅନେକ ମହିଳାଙ୍କ ଉତ୍ତରାଧିକାର ଅନୁମୋଦିତ ହୋଇଥିଲା । ଜର୍ମାନୀ ଅପେକ୍ଷା ଦକ୍ଷିଣ ଫ୍ରାନସ ଓ ନିମ୍ନ ଦେଶଗୁଡ଼ିକରେ ଏଇ ପ୍ରଥାଟି ଆଗ ସ୍ୱୀକୃତ ହୋଇଥିଲା ।

ଉତ୍ତରୋତ୍ତର ମୌରସୀକରଣ ଦ୍ୱାରା ଜାଗିର ଏକ ଅବିଭାଜ୍ୟ ଅଧିକାର ଥିବାର ବୈଧାନିକ ଭାବଧାରାରେ ବାଧା ଉପୁଜିଲା ଏବଂ ଉପସାମନ୍ତୀକରଣ ପ୍ରକ୍ରିୟା ଦ୍ରୁତତର ହୋଇଗଲା । ଗନସଫଙ୍କ ମତରେ ଅଧସ୍ତନ ଜାଗିରକୁ ଯେତେ ଅଧିକ ବ୍ୟକ୍ତିଗତ ସମ୍ପଦର ଏକ ଉପାଦାନ ବିବେଚନା କଲେ ଅପର ପାରିବାରିକ ସମ୍ପଦ ଭଳି ସମସ୍ତ ସନ୍ତାନ ଏଥିରୁ ଉପକୃତ ହୁଅନ୍ତୁ ବୋଲି ସ୍ୱଭାବତଃ ସେତେ ଅଧିକ ବିଚାର କଲେ । ପରିଣାମ ସ୍ୱରୂପ ଇଂଲଣ୍ଡରେ ପୁରୁଷ ଜ୍ୟେଷ୍ଠାଧିକାର ପ୍ରଥାର ଆଧିପତ୍ୟ ରହିଥିଲେ ହେଁ ଜର୍ମାନୀ ଓ ଫ୍ରାନସର ଅଧିକାଂଶ ଅଞ୍ଚଳରେ ଜାଗିରର ବିଭକ୍ତୀକରଣ କ୍ରମେ ସୁପ୍ରତିଷ୍ଠ ଚଳଣିରେ ପରିଣତ ହେଲା । ଅବିଭାଜ୍ୟତା ସହ ଅବିଚ୍ଛେଦ୍ୟତା ମଧ୍ୟ ଶକ୍ତି ହରାଇଲା । ସାମନ୍ତୀ ସମ୍ବନ୍ଧ ପରିସରରେ ସମ୍ପଦ ଉପାଦାନଟିର ପ୍ରବର୍ଦ୍ଧମାନ ପ୍ରାବଲ୍ୟ ସହ ସମ୍ପଦ ଅଧିକାର ସଙ୍ଗରେ ଜଡ଼ିତ ଅନୁବନ୍ଧ ଓ ଦାୟ ବ୍ୟକ୍ତିଗତ ସେବା ନ ହୋଇ ବିଚ୍ଛେଦ୍ୟ ସମ୍ପଦ ସାଥିରେ ଯୋଡ଼ି ହୋଇଗଲା ଯାହା ସର୍ବାଧିକ ନିଲାମକାରୀଙ୍କୁ ବିକ୍ରି କରାଯାଇ ପାରୁଥିଲା । ମୂଳତଃ ପ୍ରଭୁଙ୍କ ଅନୁଜ୍ଞା ବିନା ଜାଗିରର ସାମଗ୍ରିକ ବା ଆଂଶିକ ଉପସାମନ୍ତୀକରଣ ନିଶ୍ଚିତ ରୂପେ ଅନୁମୋଦିତ ନ ଥିଲା । କିନ୍ତୁ ଦଶମ ଶତାବ୍ଦୀରୁ ଫ୍ରାନସ, ଏକାଦଶ ଶତାବ୍ଦୀରୁ ଜର୍ମାନୀ ଏବଂ ନର୍ମାନ ବିଜୟ ପରେ ଇଂଲଣ୍ଡରେ ପ୍ରଭୁଙ୍କ ହସ୍ତକ୍ଷେପ ବିନା ଅଧସ୍ତନଙ୍କ ଦ୍ୱାରା ଜାଗିରର ବିକ୍ରୟ ଅଥବା ଉପହାରର ସାଧାରଣ ଓ ମୁକ୍ତ ଚଳଣି ରହିଥିବା ଅନୁମାନ କରାଯାଏ । ପ୍ରାରମ୍ଭରେ ଅଧସ୍ତନଙ୍କୁ ପ୍ରଭୁଙ୍କ ହସ୍ତରେ ଜାଗିର ସମର୍ପଣ କରିବାକୁ ପଡୁଥିଲା । ପରେ ନିଷ୍ଠା ଓ ସମାଦାର ଗ୍ରହଣ ପୂର୍ବକ ପ୍ରଭୁ ନୂତନ ପ୍ରାର୍ଥୀଙ୍କ ଅଧିଷ୍ଠାପନ କରୁଥିଲେ । କିନ୍ତୁ ପ୍ରଭୁମାନେ ଜାଗିର ବିଚ୍ଛେଦର ପ୍ରଭାବଶାଳୀ ବିରୋଧ କରିବାରେ ଅସମର୍ଥ ହେବାରୁ ପରିଶେଷରେ ସମର୍ପଣ ଓ ପୁନଃଅଧିଷ୍ଠାପନର ଜଟିଳ ରୀତି ପରିତ୍ୟକ୍ତ ହେଲା । ତେବେ ଧାରକ ପରିବର୍ତ୍ତନ ଅବସରରେ ପ୍ରଭୁଙ୍କ ଦେୟ ଦାବି କରିବାର ଅଧିକାର ଅବ୍ୟାହତ ରହିଥିଲା ଏବଂ ତାଙ୍କର ସ୍ପଷ୍ଟ ସମ୍ମତି ତଥାପି ଅପରିହାର୍ଯ୍ୟ ବିବେଚିତ ହେଉଥିଲା । ପ୍ରଭୁଙ୍କ ପୂର୍ବକ୍ରୟ ଅର୍ଥାତ୍ ଇଚ୍ଛା କଲେ ଜାଗିର ପାଇଁ କ୍ରେତା ପ୍ରଦାନ କରିଥିବା ମୂଲ୍ୟ ଫେରସ୍ତ କରି ନିଜକୁ ପ୍ରତିସ୍ଥାପନ କରିବା ଅଧିକାର ମଧ୍ୟ ସୁରକ୍ଷିତ ଥିଲା । ତେବେ ପରିଶେଷରେ ଅଧସ୍ତନଙ୍କ ଅପେକ୍ଷା ପ୍ରଭୁଙ୍କ କ୍ଷେତ୍ରରେ ନିକାଶ ଅଧିକାର ଥିଲା ଖୁବ୍ ସଙ୍କୁଚିତ ।

ନବମ ଶତାବ୍ଦୀ ସମାପ୍ତ ହେବା ପୂର୍ବରୁ ବହୁଭାଗୀ ଅଧସ୍ତନତା ପ୍ରଚଳିତ ହେଲା । ଦଶମ ଶତାବ୍ଦୀରେ ଫ୍ରାନସ ଏବଂ ଏକାଦଶ ଶତାବ୍ଦୀରେ ଜର୍ମାନୀରେ ଜଣେ ଅଧସ୍ତନ ଅନେକ ପ୍ରଭୁଙ୍କ ସମାଦର କରିବା ଥିଲା ବହୁ ପ୍ରଚଳିତ । ନିର୍ଭରଶୀଳତାର ବନ୍ଧନ ଶକ୍ତିକୁ ଅତ୍ୟନ୍ତ ଗମ୍ଭୀର ଭାବେ ଦୁର୍ବଳ କରୁଥିବା ବହୁଭାଗୀ ଅଧୀନତାର ପ୍ରତିବିଧାନ ପାଇଁ ଅନେକ ପ୍ରୟାସ କରାଯାଇ ଥିଲା । ଏ ମଧ୍ୟରେ ସର୍ବାଧିକ ମହତ୍ୱପୂର୍ଣ୍ଣ ଥିଲା ଏକାଦଶ ଶତାବ୍ଦୀ ଶେଷ ସୁଦ୍ଧା ଫ୍ରାନସ, ଇଂଲଣ୍ଡ, ଦକ୍ଷିଣ ଇଟାଲୀ ଓ ଜର୍ମାନୀର କେତେକାଂଶରେ ପ୍ରଚଳିତ ଥିବା ଏକନିଷ୍ଠା *(liegeancy)* ବ୍ୟବସ୍ଥା । ଏ ବ୍ୟବସ୍ଥାରେ ଅଧସ୍ତନ ବହୁ ପ୍ରଭୁଙ୍କ ମଧ୍ୟରୁ ଜଣଙ୍କୁ ପ୍ରାଚୀନ ଅଧସ୍ତନତାର ପୂର୍ଣ୍ଣ କଠୋରତା ସହ ସେବା କରିବାକୁ ସ୍ୱୀକୃତି ପ୍ରଦାନ କରୁଥିଲେ । ଏ ପ୍ରଭୁଙ୍କୁ ଅଧିପ୍ରଭୁ *(liege lord)* କୁହାଯାଉ ଥିଲା । ଅଧସ୍ତନଙ୍କୁ ସେ ସାଧାରଣତଃ ସର୍ବାଧିକ ବୃତ୍ତି ପ୍ରଦାନ କରୁଥିଲେ । ତେବେ ସମୟ କ୍ରମେ ଅଧିସମାଦର ମଧ୍ୟ ବହୁଭାଗୀ ହୋଇଗଲା।

ଜାଗିର ସହ ସଂପୃକ୍ତ ସେବା ଦାୟରେ ପେସାଦାରୀ ବିଶେଷଜ୍ଞତା ଓ ବ୍ୟକ୍ତିଗତ କ୍ରିୟାଶୀଳତାର ସୁନିଶ୍ଚିତ ଉପାଦନ ନିହିତ ଥିଲା । ଏ ଦୃଷ୍ଟିରୁ ଏହା ଥିଲା ଶ୍ରମ ସେବା ଓ ଦ୍ରବ୍ୟ ଭଡ଼ାରେ ଭାରାକ୍ରାନ୍ତ କୃଷିଗୃହୀ ଲଗାଣ *(villein tenement)* ଠାରୁ ସ୍ପଷ୍ଟତଃ ଭିନ୍ନ । ସାଧାରଣତଃ ଦଶରୁ ତିରିଶି ଏକର ମଧ୍ୟରେ ପରିବ୍ୟାପ୍ତ କୃଷିଦାସୀ ଲଗାଣ ଗଡ଼ର ଦୁଇ ବା ତିନୋଟି ମୁକ୍ତ କ୍ଷେତ୍ରରେ ବିକ୍ଷିପ୍ତ ଭାବେ ଆବଣ୍ଟିତ ଥିଲା । ପ୍ରଭୁଙ୍କ ଇଚ୍ଛିତ ରୂପେ ଏ ଧାରଣଗୁଡ଼ିକର ମାନ୍ୟତା ରହିଥିଲା । କିନ୍ତୁ ସ୍ଥାନୀୟ ପ୍ରଥା ଦ୍ୱାରା ଏଗୁଡ଼ିକ ଥିଲା ବହୁଳାଂଶରେ ସୁରକ୍ଷିତ ଏବଂ ସାଧାରଣତଃ କର ପ୍ରଦାନ ସଂକ୍ରାନ୍ତ ଅର୍ଦ୍ଧବୈଧାନିକ ଅଧିକାର ଓ ଉତ୍ତରାଧିକାର ଆଇନର ଅଧୀନ ।

### *ସ୍ୱାଧୀନ ସ୍ୱତ୍ୱ*

ସାମନ୍ତୀ ଭୋଗ- କୃଷିଦାସୀ ଲଗାଣ ଓ ଜାଗିର- ନିଶ୍ଚିତ ରୂପେ ଭୂଧାରଣର ସର୍ବାଧିକ ସାଧାରଣ ରୀତି ଥିଲେ ସୁଦ୍ଧା ବାସ୍ତବ ସମ୍ପଦ ଅଧିକାରର ଏକ ମାତ୍ର ରୂପ ନ ଥିଲା । ନିର୍ଭରଶୀଳ ବନ୍ଧନର ସାମନ୍ତୀ ତନ୍ତ୍ରର ଛିଦ୍ରଳ ଓ ସୀମିତ ସ୍ୱଭାବ ଯୋଗୁଁ ସ୍ୱାଧୀନ ସ୍ୱତ୍ୱଗୁଡ଼ିକ ଥିଲା ବହୁ ମାତ୍ରାରେ ସ୍ୱାଧୀନ । ସ୍ୱାଧୀନ ସ୍ୱତ୍ୱାଧିକାର କୌଣସି ସେବା ସର୍ତ୍ତ ଅଥବା ଦେୟର ଅଧୀନ ନଥାଇ ଥିଲା ଏକ ପରିପୂର୍ଣ୍ଣ ମାଲିକାନା । ଦଶମ ଶତାବ୍ଦୀରୁ ସାମନ୍ତୀ ଭୋଗର ଦ୍ରୁତ ବିସ୍ତାରରେ ସ୍ୱାଧୀନ ସ୍ୱତ୍ୱାଧିକାର ବଳି ପଡ଼ିଥିଲେ ମଧ୍ୟ

ନିର୍ଦ୍ଦିଷ୍ଟ ଭାବେ ଦକ୍ଷିଣ ଫ୍ରାନସ ଓ ଜର୍ମାନୀରେ ଏହା ନିରନ୍ତର ବଞ୍ଚି ରହିଥିଲା । ସ୍ଥାନୀୟ ପରମ୍ପରାରେ ଗଭୀର ଚେର ବିସ୍ତାର କରି ବିକଶିତ ହୋଇଥିବା ସାମନ୍ତବାଦ ଅପେକ୍ଷା ଯେଉଁ ଦେଶଗୁଡ଼ିକରେ ଏହା ଏକ ଆମଦାନୀ ଥିଲା ସେଠାରେ ଅତି ଅଧିକ ସୁବ୍ୟବସ୍ଥିତ ଢଙ୍ଗରେ ସଂଗଠିତ ହୋଇଥିଲା ବୋଲି ମାର୍କ ବ୍ଲଖ ଯୁକ୍ତି ଉପସ୍ଥାପନ କରନ୍ତି । ତେଣୁ ସିରିଆ ଓ ଇଂଲଣ୍ଡରେ ସ୍ୱାଧୀନ ସ୍ୱତ୍ୱ ଅନୁମୋଦିତ ନ ଥିଲା । ସମସ୍ତ ଜମି କୌଣସି ନା କୌଣସି ପ୍ରଭୁଙ୍କର ଥିଲା ଏବଂ ଏ ଅଭଙ୍ଗା ଶୃଙ୍ଖଳ କଡ଼ି ପରେ କଡ଼ି ଗତି କରି ରାଜାଙ୍କ ପାଖରେ ପହଞ୍ଚୁଥିଲା । ତେବେ ଇଉରୋପର ପ୍ରାୟ ସମସ୍ତ ଅଞ୍ଚଳରେ ସ୍ୱାଧୀନ କୃଷକଙ୍କ ଧାରଣ ଥିଲା ଖୁବ୍ ସାଧାରଣ । ସେମାନେ କିନ୍ତୁ ସ୍ଥାନୀୟ ବଜାର ଓ ଆଞ୍ଚଳିକ ଅର୍ଥବ୍ୟବସ୍ଥାକୁ ସାମଗ୍ରିକ ଭାବେ ନିୟନ୍ତ୍ରଣ କରୁଥିବା ସାମନ୍ତ ଶ୍ରେଣୀଙ୍କ ଆର୍ଥିକ ଶୋଷଣରୁ ପୂରା ବର୍ତ୍ତି ପାରୁ ନ ଥିଲେ । ବହୁ ସମୟରେ ଜଣେ ମଧ୍ୟସ୍ଥଙ୍କ ମାଧ୍ୟମରେ ସ୍ୱାଧୀନ ସ୍ୱତ୍ୱାଧିକାରୀମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଉଦ୍‌ଗ୍ରହଣ ପ୍ରଦାନ କରିବାକୁ ପଡୁଥିଲା । ବ୍ୟକ୍ତିଗତ ଓ ସାମୂହିକ ଅନୁପାତର କ୍ଷୁଦ୍ରତା ମଧ୍ୟ ସେମାନଙ୍କ ଅର୍ଥନୀତିକୁ ପ୍ରବଳ ସାମନ୍ତୀ ଅର୍ଥବ୍ୟବସ୍ଥା ସମ୍ମୁଖରେ ଅସୁରକ୍ଷିତ କରୁଥିଲା ।

### ୭.୩.୩ ଗଡ଼

ସାମନ୍ତୀ ଶୃଙ୍ଖଳାରେ ଆର୍ଥିକ ଉତ୍ପାଦନ ଓ ସାମାଜିକ ଜୀବନର ମୌଳିକ ଏକକ ଥିଲା ଗଡ଼ । ଗଡ଼ ଥିଲା ପ୍ରଥମ ଓ ପ୍ରଧାନତଃ ଜଣେ ପ୍ରଭୁଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱାଧୀନ ଏବଂ ଭୂମିବଦ୍ଧ କୃଷିଦାସ ଅଥବା କ୍ଷେତ୍ରଜୀବୀ କୃଷକଙ୍କ ଦ୍ୱାରା କର୍ଷିତ କ୍ଷୁଦ୍ର ନିର୍ଭରଶୀଳ କ୍ଷେତ୍ରଗୁଡ଼ିକର ଏକ ସମୁଦାୟ । ଫରାସୀ ଗଲ ଓ ଇଟାଲୀରେ ଆଖିଦୃଶିଆ ଭାବେ ନିରନ୍ତର ବର୍ତ୍ତି ରହିଥିବା ରୋମୀୟ ଅନୁଷ୍ଠାନ ଗୁତାଦାରି *(colonate)* ଅଥବା କୃଷିଗୃହ*(villae)*ରେ ଏହାର ମୂଳ ସଙ୍କେତ ଖୋଜାଯାଇ ପାରେ । କିନ୍ତୁ ସାମନ୍ତୀ ସଂଯୋଜନର ବିକାଶ ଏବଂ ବିଭିନ୍ନ ଧରଣର ସ୍ୱତ୍ୱର ମିଳନ ଓ କ୍ଷମତାଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣକୁ ଅନେକ ସ୍ୱାଧୀନ ସ୍ୱତ୍ୱର ହସ୍ତାନ୍ତରଣ ମାଧ୍ୟମରେ ଗଡ଼ର ନୂତନ କ୍ଷମତା ଅର୍ଜନ ଏକାଦି କ୍ରମେ ଘଟିଥିଲା । ଉଭୟ ବଳ ପ୍ରୟୋଗ ଓ ଅନୁବନ୍ଧ ଦ୍ୱାରା ଗଡ଼ର ବିସ୍ତାର ଘଟିଥିଲା ।

ଜଙ୍ଗଲ ଓ ପତିତ ଜମିର ବିପୁଳ ବିସ୍ତାର ମଧ୍ୟରେ ଭୂସମ୍ପଦ ବା ଜାଗିର ଥିଲା ଅପେକ୍ଷାକୃତ କ୍ଷୁଦ୍ର ଉନ୍ମୁକ୍ତ ସ୍ଥଳ । ଏକ ଗତାନୁଗତିକ ଗଡ଼ରେ ଗ୍ରାମର ଢାଞ୍ଚା ଥିଲା ନାଭି ସ୍ଥଳର ଗୀର୍ଜା, ଶସ୍ୟ ଓ ପ୍ରସ୍ତର

ଚକି, କମାରଶାଳ, ମଦ୍ୟଘଣା, ରୁଟିଭାଟି ଏବଂ ଅନ୍ୟାନ୍ୟ ସୁବିଧାକୁ କେନ୍ଦ୍ର କରି ଗୁଚ୍ଛୀକୃତ ଭାବେ ଗଢ଼ି ଉଠିଥିବା କୃଷକ କୁଟୁମ୍ବଙ୍କ ଅପରିଚ୍ଛନ୍ନ ଗୃହ ସମୂହ । ଲୁଣ ଓ ଧାତବ ବାସନ ଭଳି କେତେକ ଅପରିହାର୍ଯ୍ୟ ପଣ୍ୟ ବାହ୍ୟ ଉତ୍ସରୁ ସଂଗୃହୀତ ହେଉଥିବାରୁ ଗଡ଼ର ଗ୍ରାମକୁ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ କୁହାଯାଇ ପାରୁ ନ ଥିଲେ ମଧ୍ୟ କୃଷକମାନଙ୍କ ଅଧିକାଂଶ ଦୈନନ୍ଦିନ ଆବଶ୍ୟକତା ଗଡ଼ରେ ଉତ୍ପନ୍ନ ଦ୍ରବ୍ୟରୁ ମେଣ୍ଟି ପାରୁଥିଲା । ତେବେ ପ୍ରଭୁ ଓ ତାଙ୍କ ପରିବାରର ଆବଶ୍ୟକତା ପୂରଣ ପାଇଁ ଗ୍ରାମ ବାହାରୁ ଏପରିକି ବେଳେବେଳେ ସୁଦୂର ଅଞ୍ଚଳରୁ କ୍ରୟ କରିବାକୁ ପଡୁଥିଲା । ଗ୍ରାମଟି ସାଧାରଣତଃ କୃଷି ଯୋଗ୍ୟ ଜମିର କେନ୍ଦ୍ର ଭାଗରେ ଜଳଯୋଗାଣର ସର୍ବାଧିକ ସୁବିଧା ଥିବା ଅଞ୍ଚଳ ନିକଟରେ ଗଢ଼ି ଉଠୁଥିଲା । କୃଷକମାନେ ବିଧି ନିର୍ଦ୍ଦିଷ୍ଟ ଭାବେ ପ୍ରଭୁଙ୍କ ଜାଗିର ମଧ୍ୟରେ ଜନ୍ମ ଗ୍ରହଣ କରି ସେଥିରେ କାର୍ଯ୍ୟ କରୁଥିଲେ ଏବଂ ମୃତ୍ୟୁ ପରେ ତାଙ୍କ ଜାଗିରରେ ହିଁ ଥିବା ଗ୍ରାମ ଗୀର୍ଜାର ପ୍ରାଙ୍ଗଣରେ କବର ଲାଭ କରୁଥିଲେ । ମଧ୍ୟକାଳୀନ କୃଷକର ଜଗତ ଥିଲା ଅପରିହାର୍ଯ୍ୟ ଭାବେ ଗଡ଼ ଜାଗିରର ଅନୁଭବର ଜଗତ ।

କୃଷକଙ୍କ କଞ୍ଚା ଇଟା ଓ ନଡ଼ାରେ ନିର୍ମିତ ଅନ୍ଧକାରାଚ୍ଛନ୍ନ, ଆର୍ଦ୍ର, ଝରକାଶୂନ୍ୟ, ଏକ ପ୍ରକୋଷ୍ଠ ବିଶିଷ୍ଟ ଗୃହର ସମ୍ପୂର୍ଣ୍ଣ ବିରୋଧାଭାସ ସ୍ୱରୂପ ପ୍ରଭୁଙ୍କ ପ୍ରଶସ୍ତ ଦୁର୍ଗ ଅଥବା ବିଶାଳ ଓ ସୁସୁରକ୍ଷିତ ଗଡ଼ଗୃହ ଦଣ୍ଡାୟମାନ ଥିଲା । ଦଶମ ଶତାବ୍ଦୀରେ ଆକ୍ରମଣ ସମୂହକୁ ପ୍ରତିହତ ଓ ପରିଶେଷରେ ପରାସ୍ତ କରାଯାଇ ଥିଲେ ମଧ୍ୟ ପ୍ରଭୁପଣର ପରିରକ୍ଷଣ, ଦୃଢ଼ୀକରଣ ଓ ବିସ୍ତାର ପାଇଁ ପ୍ରଭୁମାନଙ୍କ ଉତ୍କଣ୍ଠା ପଡ଼ୋଶୀମାନଙ୍କ ସହ କ୍ଷୁଦ୍ର କ୍ଷୁଦ୍ର ସଶସ୍ତ୍ର ସଂଘର୍ଷର କାରଣ ହେଉଥିଲା । ଉଭୟ ଲୁଟ ଏବଂ ବିଜୟ ପାଇଁ ଯୁଦ୍ଧ ଲଢ଼ାଯାଉ ଥିଲା । ଆକ୍ରମଣକାରୀଙ୍କ ଅପରିହାର୍ଯ୍ୟ ଉପାଦାନ ବିସ୍ମୟ ଓ ଗତିଶୀଳତା ଥିବା ବେଳେ ଆତ୍ମରକ୍ଷାକାରୀଙ୍କ ସଫଳ ପ୍ରତିକ୍ରିୟା ଥିଲା ସମ୍ପଦ ଓ ମାନବ ସମ୍ବଳକୁ ଦୃଢ଼ ଦୁର୍ଗ ଓ ଉତ୍ତମ ସୈନ୍ୟାଚ୍ଛାଦିତ ସ୍ଥଳରେ ସ୍ଥାପନ କରିବା । ଅଭିଯାନଗୁଡ଼ିକ ମୋଟାମୋଟି ଠିକ ଅମଳ ପୂର୍ବବର୍ତ୍ତୀ କେତୋଟି ମାସରେ ସୀମିତ ଥିଲା । ଗ୍ରାମାଞ୍ଚଳର ବିଧ୍ୱଂସନ ଶତ୍ରୁକୁ ଚାପଗ୍ରସ୍ତ କରିବାର ପ୍ରଭାବଶାଳୀ ଚାଲ୍ ବିବେଚିତ ହେଉଥିଲା । ନିର୍ଦ୍ଦିଷ୍ଟ ଭାବେ ଉଚ୍ଚ ମଧ୍ୟଯୁଗରେ ବ୍ୟୟବହୁଳ ଦୁର୍ଗ ନିର୍ମାଣର ବିକାଶ ପରିଲକ୍ଷିତ ହେଲା । ପ୍ରତିଦ୍ୱନ୍ଦ୍ୱୀ ପ୍ରଭୁ ଗଡ଼ ଉପରେ ଆକ୍ରମଣ କଲେ କୃଷକମାନେ ସାଧାରଣତଃ ଦୁର୍ଗ ପ୍ରାଚୀରର ଅଭ୍ୟନ୍ତରରେ ସୁରକ୍ଷା ପ୍ରାପ୍ତ ହେଉଥିଲେ ।

ଗଡ଼ର ଅବଶିଷ୍ଟାଂଶ ବିଶେଷ ଭାବେ ଦ୍ୱି ବା ତ୍ରି କ୍ଷେତ୍ର ବ୍ୟବସ୍ଥାରେ ବ୍ୟବହୃତ ହେଉଥିବା କୃଷିଯୋଗ୍ୟ ଜମି, ହଳ ପଶୁଙ୍କ ପୋଷଣ ପାଇଁ ଅତ୍ୟାବଶ୍ୟକ ତୃଣଭୂମି ଏବଂ ସମଗ୍ର ଗଡ଼ର ପଶୁମାନଙ୍କର ଗ୍ରୀଷ୍ମ କାଳୀନ ଚାରଣ ତଥା ସମୁଦାୟକୁ କାଠ, କୋଳି, ଚଣା, ମହୁ ଓ ଠେକୁଆ ଆଦି ଯୋଗାଣ ଉଦ୍ଦେଶ୍ୟରେ ଉପଯୋଗ କରାଯାଉ ଥିବା ପତିତ ଜମିକୁ ନେଇ ଗଠିତ ହୋଇଥିଲା । କୃଷିଭୂମି ସାଧାରଣତଃ କର୍ଷିତ ଭୂଖଣ୍ଡରେ ବିଭକ୍ତ ହୋଇଥିଲା । କୃଷକମାନେ ସାମୁଦାୟିକ ରୂପେ କାର୍ଯ୍ୟ କରୁଥିଲେ । ଫସଲ ଓ କୃଷକମାନଙ୍କ ଧାରଣ ଏହି ଭଳି ଗଡ଼ର ବିବିଧ କ୍ଷେତ୍ରରେ ବିକ୍ଷିପ୍ତ ଥିଲା । କୃଷି ଭୂମିକୁ ଘେରି ପ୍ରାୟ ସର୍ବତ୍ର ମୁକ୍ତ କ୍ଷେତ୍ର, ଜଙ୍ଗଲ ଓ ପତିତ ଜମି ଏବଂ ସଦାବର୍ତ୍ତ *(commons)* କୁହାଯାଉ ଥିବା ବିପୁଳ ମାତ୍ରାର ଭୂମି ରହିଥିଲା । ସଦାବର୍ତ୍ତ ଭୂମି ଥିଲା ପଶୁଚାରଣ, ଜାଳକାଠ ସଂଗ୍ରହ, ଫାନ୍ଦ ପକାଇବା, ମାଛ ଧରିବା ଓ ଶିକାର କରିବା ପାଇଁ ସମସ୍ତଙ୍କ ଲାଗି ଉନ୍ମୁକ୍ତ ।

ଗଡ଼ର ଜନସଂଖ୍ୟାର ଗରିଷ୍ଠ ଅଂଶ ଥିଲେ ବିବିଧ ମୂଳର ବିପୁଳ ସେବାକାରୀ କୃଷକ । ତେବେ ବହୁ ଶତାବ୍ଦୀ ଧରି ଅବସ୍ଥାନ ଯୋଗୁଁ ସକଳ ବ୍ୟାବହାରିକ ଦୃଷ୍ଟିରୁ ବିଭେଦର ସଙ୍କେତ ପ୍ରାୟ ଅବଲୁପ୍ତ ହୋଇଯାଇ ଥିଲା । 'କୃଷିଦାସ' ଶବ୍ଦଟି ଥିଲା ଏ ସମୂହର ନିମ୍ନତମ ସ୍ତରର ଦ୍ୟୋତକ । ସେମାନେ ମାଲିକାନା ନ ଥିବା ଜମିର କେବଳ ଭଡ଼ାଟିଆ ନ ଥିଲେ; ଆଇନତଃ ସେମାନଙ୍କର ଯାତାୟତ, ଜମି ଓ ପଣ୍ୟର କ୍ରୟ ବିକ୍ରୟ, ନିଜର ଶ୍ରମଦାନ, ବିବାହ ଓ ପରିବାର ଗଠନ ଏବଂ ଉତ୍ତରାଧିକାରୀଙ୍କ ପାଇଁ ସମ୍ପଦ ସଞ୍ଚୟ କରିବା ଅଧିକାର ମଧ୍ୟ ନ ଥିଲା । ପ୍ରଭୁଙ୍କ ସହ ସମ୍ବନ୍ଧରେ ତାଙ୍କ ଉପରେ କୃଷିଗୃହୀଙ୍କର କୌଣସି ଦେବାନୀ ଦାବି ନ ଥିଲା ସତ୍ୟ; କିନ୍ତୁ ଜଣେ ମୁକ୍ତ ମାନବ ଉପଭୋଗ କରୁଥିବା ସକଳ ବିଶେଷାଧିକାର ତାଙ୍କ ପାଇଁ ଥିଲା ଅପେକ୍ଷିତ । ତେବେ ଜଣେ କୃଷିଗୃହୀ *(villein)* ଓ କୃଷିଦାସ *(serf)* ମଧ୍ୟରେ ବସ୍ତୁତଃ ଭିନ୍ନତା ଥିଲା ଖୁବ୍ ସାମନ୍ୟ । ସାମନ୍ତୀ କୃଷିଦାସତ୍ୱର ଗୋଟିଏ ଉତ୍ସ ନିଃସନ୍ଦେହରେ ଥିଲା ପ୍ରାଚୀନ ବିଶ୍ୱ ଓ ଅନ୍ଧକାର ଯୁଗର ଦାସ ପ୍ରଥା । ଯେତେବେଳେ ରୋମୀୟ ଭୂସ୍ୱାମୀମାନେ ପ୍ରତ୍ୟକ୍ଷ କୃଷି ଦୃଷ୍ଟିରୁ ଆଉ ଲାଭପ୍ରଦ ନ ଥିବା ପ୍ରାକ୍ତନ ଲାଟିଫଣ୍ଡିଆର ବିଶାଳ ଅଂଶକୁ ବାଣ୍ଟିବା ଆରମ୍ଭ କଲେ ସେଥିରୁ ବିଶେଷ ସଂଖ୍ୟକ ଅବିଭାଜ୍ୟ ଲଗାଣ ସେମାନଙ୍କ ଦାସମାନଙ୍କୁ ଫସଲର ଦଶମାଂଶ, ପ୍ରଭୁଙ୍କ ନିଜ ଜମିରେ ସେବା ଓ ଅପର ବିବିଧ ରକମର ଦେୟ ବଦଳରେ ପ୍ରଦାନ କଲେ । ମୁକ୍ତ କୃଷକମାନଙ୍କୁ ଲଗାଣରେ ଉତ୍ତରାଧିକାରୀ ସୂତ୍ରରେ ବାନ୍ଧି ଏବଂ ଯାଦୃଚ୍ଛିକ ଉଦ୍‌ଗ୍ରହଣ ତଥା ଶ୍ରମସେବା ପାଇଁ ଉତ୍ତରଦାୟୀ କରି ଦାସରେ ପରିଣତ କରିବାକୁ ସାମାଜିକ ନ୍ୟାୟର

ନିୟନ୍ତ୍ରଣ ଓ 'ସୁରକ୍ଷା' ପ୍ରଦାନକୁ ମଧ୍ୟ ଉପଯୋଗ କରାଗଲା । ଖରାପ ଅମଳ ଓ ଆକ୍ରମଣକାରୀଙ୍କ ଠାରୁ ପଳାୟନ ହେତୁ କେତେକ ମୁକ୍ତ ମାନବ ଅବଶ୍ୟ ସେମାନଙ୍କ ସ୍ୱାତନ୍ତ୍ର୍ୟ ବିସର୍ଜନ କଲେ । କିନ୍ତୁ ଉପରର ଚାପ ସମ୍ଭବତଃ ନିମ୍ନର ସମ୍ମତି ଠାରୁ ଥିଲା ଅଧିକ ପ୍ରଭାବଶାଳୀ । ଡାଭିଡ ହ୍ୱିଟନ ଦର୍ଶାଇ ଥିବା ଭଳି କୃଷକକୁଳଙ୍କ ସର୍ବାଧିକ ଦ୍ରୁତ ପରତନ୍ତ୍ରତା ଦଶମ ଶତାବ୍ଦୀର ସର୍ବୋଚ୍ଚ ଅସ୍ଥିରତା କାଳରେ ନୁହେ ବରଂ ଅମଳରେ ଉନ୍ନତି ଆସୁଥିବା ଏକାଦଶ ଶତାବ୍ଦୀରେ ଘଟିଥିଲା ।

ସେବାକାରୀ କୃଷକକୁଳ ପ୍ରଭୁଙ୍କ ଅନେକ ଦାୟ ପରିପୂରଣ ପାଇଁ ବାଧ୍ୟ ଥିଲେ । ପ୍ରତ୍ୟେକ କୃଷିଗୃହୀଙ୍କୁ ଘର ପିଛା ପ୍ରଭୁଙ୍କ କୃଷିକ୍ଷେତ୍ରରେ କାମ କରିବାକୁ ସପ୍ତାହର ପ୍ରାୟ ଅଧା ଦିନ ଜଣେ ଶ୍ରମିକ ପ୍ରେରଣ କରିବାକୁ ପଡୁଥିଲା । ପ୍ରଭୁଙ୍କ ସ୍ୱୀୟ ଭୂସମ୍ପତ୍ତିର ଅନେକ ଆବଶ୍ୟକତା ମଧ୍ୟରୁ ପ୍ରଧାନ ଥିଲା ତାଙ୍କ କ୍ଷେତ୍ରରେ ହଳ କରିବା । ଏଭଳି ହଳ ପାଇଁ କୃଷିଗୃହୀଙ୍କୁ କେବଳ ଜଣେ ଶ୍ରମିକ ଭାବେ ବ୍ୟକ୍ତିଗତ ହାଜିରା ପକାଇବାକୁ ପଡୁ ନ ଥିଲା; ତାଙ୍କ ବଳଦ ଓ ଲଙ୍ଗଳ ମଧ୍ୟ ଆଣିବାକୁ ହେଉଥିଲା । ଅନୁରୂପ ଭାବେ କୃଷିଗୃହୀମାନେ ନିଜ ମଇରେ ମଇ ମାରିବା, ଗାଡ଼ି ବା ଶଗଡ଼ରେ କଳେଇ ଆଣିବା କାର୍ଯ୍ୟ କରୁଥିଲେ । ଶଗଡ଼ ଓ ଘୋଡ଼ା ପିଠିରେ ବୋହିବା ଦାୟିତ୍ୱ ମଧ୍ୟ ବଣ୍ଟା ଯାଉଥିଲା । ବାଡ଼ ଉଠାଣ ଓ ରକ୍ଷଣାବେକ୍ଷଣ, ବନ୍ଧ, କେନାଲ, ଖାଇ, ସଡ଼କ ଆଦି ସଂରକ୍ଷଣ, ଶସ୍ୟ ବାଡ଼ିଆ ଓ ସଂଗ୍ରହଣ, ମେଣ୍ଢା ପଲର ଦେଖାରଖା ଓ କେଶ କର୍ତ୍ତନ ପ୍ରଭୃତି ଅଗଣିତ ପ୍ରକାର ଶାରୀରିକ ଶ୍ରମ କୃଷିଗୃହୀଙ୍କ ପାଇଁ ରହିଥିଲା । ଘାସ ଓ ଫସଲ କଟା ସମୟରେ ଅତ୍ୟନ୍ତ ପୀଡ଼ାଦାୟକ ସେବାର ଆବଶ୍ୟକତା ପଡୁଥିଲା । କୃଷିଗୃହୀ ଭୂମି ସହ ବନ୍ଧା ହୋଇ ରହିଥିଲା । ଅର୍ଥାତ୍ ପ୍ରଭୁଙ୍କ ସମ୍ମତି ବିନା ସେ ଗଡ଼ ଛାଡ଼ି ପାରୁ ନ ଥିଲା । ଏହା ସଙ୍ଗକୁ ତା ଝିଅର ବିବାହ ବେଳେ ସେବାକାରୀ ତଣ୍ଡ *(merchet)* ଏବଂ ଉତ୍ତରାଧିକାର କର *(heriot)* ରୂପେ ତା'ର ସର୍ବୋତ୍ତମ ପଶୁ ସମର୍ପଣ କରିବାକୁ ପଡୁଥିଲା । ନିଜ ବିବାହ ପାଇଁ କୃଷିଦାସକୁ ପ୍ରଭୁଙ୍କ ସମ୍ମତି ଲାଭ ସଙ୍ଗକୁ ସ୍ୱଳ୍ପ ଶୁଳ୍କ ପ୍ରଦାନ କରିବାକୁ ହେଉଥିଲା । ଜଣେ କୃଷିଦାସ ପାଇଁ ପ୍ରଭୁ ପତ୍ନୀ ମନୋନୟନ ସଙ୍ଗକୁ ତା ସହ ବିବାହ ପାଇଁ ବାଧ୍ୟ ମଧ୍ୟ କରିପାରୁ ଥିଲେ । ଅଧିକନ୍ତୁ ପ୍ରଭୁଙ୍କୁ ଆହୁରି ବହୁ ଅଧିକ ଦେୟ ପ୍ରଦାନ କରିବାକୁ ପଡୁଥିଲା: ବାର୍ଷିକ ମୁଣ୍ଡ କର (ଆରକ୍ଷରିକ ଅର୍ଥ ଅସ୍ତିତ୍ୱ କର), ସମ୍ପଦ କର (*taille,* କୃଷିଦାସଙ୍କ ସମ୍ପଦ ଉପରେ ଅର୍ଥ ଉଦ୍‌ଗ୍ରହଣ) ଓ ଉତ୍ତରାଧିକାର କର । ପରିଶେଷରେ ମଧ୍ୟକାଳୀନ କୃଷିଦାସମାନେ ପ୍ରଭୁଙ୍କ ଚକି, ଭାଟି ଓ ଘଣା ବ୍ୟବହାର ପାଇଁ ବହୁ ସଂଖ୍ୟକ ତୁଚ୍ଛ କର *(banality)* ପ୍ରଦାନ କରୁଥିଲେ । ଯେତେ ଦୂର ସମ୍ଭବ ଯାଜକମାନଙ୍କୁ

କୃଷିଗୃହୀମାନେ ଗୀର୍ଜାର ରକ୍ଷଣାବେକ୍ଷଣ ନିମିତ୍ତ ନିୟମିତ ଦଶମାଂଶ କର ସମେତ ବିଭିନ୍ନ ଅବସରରେ ଅଣ୍ଡା, କୁକୁଡ଼ା, ମହମ ଓ ଅନ୍ୟ ସ୍ୱତନ୍ତ୍ର ଦେୟ ଦେଉଥିଲେ ।

କୃଷିଗୃହୀର ଅଧିକାରରେ ଥିବା ସକଳ ଦ୍ରବ୍ୟ ପ୍ରଭୁଙ୍କ ସମ୍ପଦ ଏବଂ ତାଙ୍କ ନିକଟକୁ ଫେରିଆସିବା ଯୋଗ୍ୟ ବୋଲି ସ୍ୱୀକୃତ ହେଉଥିଲେ ସୁଦ୍ଧା ଗଡ଼ ମଧ୍ୟରେ ମୁକ୍ତଧାରକଙ୍କ ଏକ ଉଲ୍ଲେଖନୀୟ ପ୍ରଭାଗ ରହିଥିଲା । ଏମାନେ ଥିଲେ ଲଗାଣଧାରୀ । ପ୍ରଭୁଙ୍କ ସହ ଏମାନଙ୍କ ସମ୍ବନ୍ଧର ଆଧାର ଥିଲା ପରିମିତ ଚୁକ୍ତି, ସ୍ଥିରୀକୃତ ନିର୍ଦ୍ଦିଷ୍ଟ ଭଡ଼ା ଅଥବା ବିଶେଷ ସେବା ପ୍ରଦାନ ଯାହା ଦୁର୍ବହ ହେଲେ ସୁଦ୍ଧା ଗ୍ରାମ୍ୟ ଶ୍ରମଦାନକାରୀ କୃଷିଗୃହୀର ସାଧାରଣ ଦାୟ ଭଳି ନ ଥିଲା । ମୁକ୍ତଧାରକମାନେ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ରାଜକୀୟ ଅଦାଲତର ଆଶ୍ରୟ ଗ୍ରହଣ କରିପାରୁ ଥିଲେ ଏବଂ କେତେକ କ୍ଷେତ୍ରରେ ତାହା ପ୍ରାପ୍ତ ମଧ ହେଉଥିଲେ । ଅତଏବ ଧାରଣ, ଦେୟ ଓ ସେବା ପ୍ରସଙ୍ଗରେ ସେମାନଙ୍କ ସ୍ଥିତି ଥିଲା କୃଷିଗୃହୀଙ୍କ ତୁଳନାରେ ଗୌରବାନ୍ୱିତ । ତେବେ ପ୍ରଭୁଙ୍କ ସହ ଅନୁବନ୍ଧ ସମ୍ବନ୍ଧରେ ଆବଦ୍ଧ ଏବଂ ପ୍ରଥାସିଦ୍ଧ ପରାଧୀନତାରେ ବନ୍ଧା ଲଗାଣକାରୀଙ୍କ ମଧ୍ୟରେ ବୈଧାନିକ ପାର୍ଥକ୍ୟକୁ ବଢ଼େଇ ଚଢ଼େଇ ପ୍ରକାଶ କରିବା ଅନାବଶ୍ୟକ । ମୁକ୍ତଧାରକମାନଙ୍କୁ କେବଳ ଗଡ଼ର ଗ୍ରାମ ସମୁଦାୟର ପରିଚାଳନାରେ ଅଂଶ ଗ୍ରହଣ ନୁହେ ନିଷ୍ପତ୍ତିର ପାଳନ ମଧ କରିବାକୁ ପଡୁଥିଲା । ନିଜ ପସନ୍ଦରେ ଜମିର ଉପଯୋଗ, କୃଷିଯୋଗ୍ୟ ଓ ଚାରଣ ଭୂମିର ଅଲଗା ପରିଚାଳନା, ସ୍ୱତନ୍ତ୍ର ଓ ସ୍ୱାଧୀନ ପଶୁପାଳନ ପାଇଁ ସେମାନେ ମୁକ୍ତ ନ ଥିଲେ । ସମୁଦାୟର ନିର୍ଦ୍ଧାରିତ ନିୟମ ଉଲ୍ଲଙ୍ଘନ କଲେ ସେମାନେ ଦଣ୍ଡ ଗଣିବାକୁ ବାଧ୍ୟ ହେଉଥିଲେ । କାର୍ଯ୍ୟତଃ ସକଳ ପ୍ରକାର ଦେୟ କୃଷିଗୃହୀ ଓ ମୁକ୍ତମାନବଙ୍କ ଉପରେ ସମାନ ଭାବେ ଲଦି ଦିଆଯାଉଥିଲା । ଗ୍ରାମ ଜୀବନ ଓ ଏହାର ଜଟିଳ ଆର୍ଥିକ ଚଳଣିର ଅନୁଶାସନ ପାଇଁ ବିଧି ଓ ପ୍ରଥା ପ୍ରଣୟନ ଲାଗି ଉଭୟ ପ୍ରଭାଗ ସମ୍ମିଳିତ ହେଉଥିଲେ ।

ଏ ପ୍ରସଙ୍ଗରେ ଏହା ମଧ ଜାଣି ରଖିବା ଆବଶ୍ୟକ ଯେ ସମୟ କ୍ରମେ ଗଡ଼ୀୟ ଅର୍ଥବ୍ୟବସ୍ଥାର କୁଶଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ ବହୁଳାଂଶରେ କୃଷିଗୃହୀ ଓ ମୁକ୍ତଧାରକ ଶ୍ରେଣୀରୁ ଆନ୍ତରିକ ପାର୍ଥକ୍ୟ ଥିବା ଏକ ଗଡ଼ୀୟ କର୍ମଚାରୀ ସମୂହ ଗଢ଼ି ଉଠିଲା । ସାମଗ୍ରିକ ଅବେକ୍ଷଣ, ଗଡ଼ୀୟ ଅଦାଲତରେ ଅଧକ୍ଷତା, ହିସାବ ରକ୍ଷଣ ଏବଂ ସକଳ ଅବସରରେ ପ୍ରଭୁଙ୍କ ପ୍ରତିନିଧିତ୍ୱ କରୁଥିବା ତତ୍ତ୍ୱାବଧାରକ ଓ ସର୍ଦ୍ଦାରଗଣ; ଗ୍ରାମ ସେବା ସଂଗଠନର ନେତୃତ୍ୱ ଏବଂ ପ୍ରଭୁ ଓ ଗ୍ରାମବାସୀଙ୍କ

ମଧ୍ୟରେ ଏକ ପ୍ରକାର ମଧ୍ୟସ୍ଥତା କରୁଥିବା ସରବରାକାର; ସମନ ପ୍ରଦାନ ଓ ଆଦେଶ ବହନ କରୁଥିବା ଚୌକୀଦାର; ଅଡ୍ଡା ନିରୀକ୍ଷଣ କରୁଥିବା ଅଡ୍ଡାପାଳ, ଜଙ୍ଗଲ ଓ ଚାରଣଭୂମି ଦାୟିତ୍ୱରେ ଥିବା ବନପାଳ, ବୀଜବିକ୍ଷେପକ ଓ ନଡ଼ା ବାଡ଼ିଆଳ ଆଦି ରକ୍ଷକ କୋଟୀର କର୍ମଚାରୀ; କବର, ବଞ୍ଜର, ବନ୍ଧ, କେନାଲ, ଖାଇ ଓ ନାଳ ଆଦିର ରକ୍ଷଣାବେକ୍ଷଣ କରୁଥିବା କର୍ମଚାରୀ; ପ୍ରଭୁଙ୍କ ସ୍ୱାଧାରଣରେ ନିଯୁକ୍ତ ହଳିଆ ଓ ଗୋଠିଆ ଏହାର ଅନ୍ତର୍ଭୁକ୍ତ ଥିଲେ । ପାରମ୍ପରିକ ଶୃଙ୍ଖଳାକୁ ଦୃଢ଼ କରିବା ଥିଲା ପ୍ରଭୁଙ୍କ ସ୍ୱାର୍ଥର ଅନୁକୂଳ । ଏହା ପ୍ରଭାବଶାଳୀ ମଧ୍ୟସ୍ଥଙ୍କ ଶୋଷଣ ଓ ମନୋମୁଖୀ ଶାସନରୁ କୃଷକକୁଳଙ୍କୁ ଧ୍ୱସ୍ତ ହେବାରୁ ରକ୍ଷା କରୁଥିଲା । ଏଥି ଯୋଗୁଁ ଦ୍ୱାଦଶ ଶତାବ୍ଦୀରୁ ଗତାନୁଗତିକ ଧାରଣ ଓ ସେବାଗୁଡ଼ିକୁ ତାଲିକାଭୁକ୍ତ କରାଗଲା । ଏହା ଉଭୟ ପ୍ରଭୁ ଓ ପ୍ରଜାଙ୍କ ରକ୍ଷାକବଚ ରୂପେ କାର୍ଯ୍ୟ କଲା । ଗଡ଼ୀୟ କର୍ମଚାରୀଙ୍କ ଏ ଅଭିବୃଦ୍ଧି ନିଶ୍ଚିତ ରୂପେ ଥିଲା କୃଷକକୁଳ ମଧ୍ୟରେ ବିଭେଦୀକରଣ ଉଦୟ ହେବାର ସୂଚକ ।

### ୭.୩.୪ ଯୋଦ୍ଧା, ପ୍ରତିଯୋଗିତା ଶୃଙ୍ଖଳ ଓ ଶୌର୍ଯ୍ୟ

ତେବେ ନାଇଟ୍ ଥିଲେ ଫରାସୀ ଐତିହାସିକ ଜର୍ଜସ ଦୁବିଙ୍କ ପଦବନ୍ଧରେ 'ସାମନ୍ତୀ ଶୋଷଣର ଘଟକ'। ନାଇଟ୍ ଥିଲେ ଅନିବାର୍ଯ୍ୟତଃ ତାଙ୍କ ଅଧିପ୍ରଭୁଙ୍କ ସେବାରେ ସଂଲିପ୍ତ ଜଣେ ଅଶ୍ୱାରୂଢ଼ ଯୋଦ୍ଧା । ଅଶ୍ୱ ତଡ଼ିତ୍ ବେଗରେ ତା ଆରୋହୀଙ୍କ ଶତ୍ରୁକୁ ପଦଦଳିତ କରିପାରୁ ଥିଲା ଏବଂ ଅଶ୍ୱାରୋହୀ ଶତ୍ରୁଙ୍କ ଶସ୍ତ୍ରର ପହୁଞ୍ଚ ବାହାରେ ରହି ଦୀର୍ଘ ବର୍ଚ୍ଛାର ଉପଯୋଗ ଦ୍ୱାରା ସେମାନଙ୍କୁ ଆହତ କରିପାରୁ ଥିଲେ । ଏହା ପରେ ନାଇଟ୍ ଦ୍ରୁତ ବେଗରେ ଅପସରି ଯାଇ ପୁଣି ଏକ ମରଣାନ୍ତକ ଆକ୍ରମଣ ପାଇଁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଅଶ୍ୱବାହିନୀର ସାମୂହିକ ବିନ୍ୟାସ ବେଳେ ଏ କୌଶଳ ଥିଲା ସର୍ବାଧିକ ବିନାଶକାରୀ । ଯାଯାବର ଜନଜାତି ଏବଂ ଅତି ମହତ୍ୱାକାଙ୍କ୍ଷୀ ପଡ଼ୋଶୀମାନଙ୍କ ଆକ୍ରମଣର ନିରନ୍ତର ଆପଦରୁ ବର୍ତ୍ତିବା ପାଇଁ ରାଜ୍ୟ ଓ ଜାଗିରଗୁଡ଼ିକ ସଂଗ୍ରାମ କରୁଥିବା ସମୟରେ ଅଶ୍ୱାରୋହୀ ସୈନିକ ତେଣୁ ଥିଲା ସେନା ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ପ୍ରଭୁଙ୍କ ନିମିତ୍ତ ମହା ମୂଲ୍ୟବାନ । ସେମାନେ ଆବର୍ତ୍ତନ ଭିତ୍ତିରେ ଦୁର୍ଗ ରକ୍ଷା କରୁଥିଲେ ଏବଂ ଆପଦ କାଳରେ ଏହାର ସୁରକ୍ଷା ପାଇଁ ସମ୍ମିଳିତ ହେଉଥିଲେ । ଦେୟ ଆଦି ପ୍ରଦାନ ପାଇଁ କୃଷକମାନଙ୍କୁ ବଳପ୍ରୟୋଗ ପୂର୍ବକ ଭୟଭୀତ କରିବାକୁ

ମଧ୍ୟ ବହୁ ସମୟରେ ସେମାନଙ୍କର ଉପଯୋଗ କରାଯାଉ ଥିଲା । ସାମାଜିକ ଦୃଷ୍ଟିରୁ ସାମନ୍ତୀ ନାଇଟ୍‌ଙ୍କ ସ୍ଥିତି ଥିଲା ତାଙ୍କ ରୋମୀୟ ପୂର୍ବଜ ଅଶ୍ୱାରୋହୀ*(equites)* ଙ୍କ ଠାରୁ ଢେର୍ ମଜବୁତ୍ ।

ଭାଗ୍ୟରେ ନାଇଟ୍‌ପଣ ଲେଖା ଥିବା ବାଳକକୁ ଦୀର୍ଘ ଓ ଚୌକସ ତାଲିମ ନେବାକୁ ପଡୁଥିଲା । ସାତ ବର୍ଷ ବୟସରୁ ତାକୁ ମାତୃକୋଳରୁ ଦୂରେଇ ନେଇ ପ୍ରଭୁଙ୍କ ନିଜ ସନ୍ତାନ ଓ ଅପର ଉଚ୍ଚଜନ୍ମା ବାଳକଙ୍କ ଗହଣରେ ଶିକ୍ଷା ପ୍ରାପ୍ତି ପାଇଁ ଜଣେ ବିଶିଷ୍ଟ ଅଭିଜାତଙ୍କ ଦୁର୍ଗକୁ ପ୍ରେରଣ କରାଯାଉ ଥିଲା । ଅନୁଚର *(page)* ରୂପେ ବାଳକର ସେବା ପ୍ରାପ୍ତ ହେଉଥିବା ଗୃହର ମହିଳାମାନେ ଅବିଳମ୍ବେ ଈଶ୍ୱର ଓ ମହିଳାଙ୍କୁ ସମ୍ମାନ ପ୍ରଦର୍ଶନ ନିମିତ୍ତ ତାକୁ ଅନୁପ୍ରାଣିତ କରୁଥିଲେ । ମାଲିକମାନେ ତାକୁ ପୁସ୍ତକ ପଠନ, ଲାଟିନ ଓ ବିଦେଶୀ ଭାଷା ସମୂହ, ଗାନ, ସଙ୍ଗୀତ ଓ ପଦ୍ୟ ରଚନା କଳା ଶିଖାଉଥିଲେ । ସୌଜନ୍ୟ ନାଇଟ୍‌ଙ୍କ ସର୍ବୋଚ୍ଚ ଅପରିହାର୍ଯ୍ୟ ଲକ୍ଷଣ ହୋଇଥିବାରୁ ଉତ୍ତମ ଆଚରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଉ ଥିଲା । ଏପରିକି ନୃତ୍ୟ ଓ ସତରଞ୍ଜ ଆଦି ଖେଳ ଭଳି ଲଘୁ କୌଶଳକୁ ଉପେକ୍ଷା କରାଯାଉ ନ ଥିଲା । ତେବେ ତାଙ୍କ ତାଲିମର ସର୍ବାଧିକ ମହତ୍ୱପୂର୍ଣ୍ଣ ଅଙ୍ଗ ଥିଲା ଶାରୀରିକ ସଂସ୍କୃତି । ଚତୁର୍ଦ୍ଦଶ ବର୍ଷ ବୟସରେ ଅନୁରକ୍ଷକ *(squire)* ରୂପେ ପଦୋନ୍ନତି ଦେଇ ତାକୁ କ୍ରମଶଃ ନାଇଟ୍‌ଙ୍କ ଅସ୍ତ୍ରଶସ୍ତ୍ରର ବ୍ୟବହାର, ନାଇଟ୍‌ଙ୍କ ସାଞ୍ଜୁର ଭାର ବହନ, ଅଶ୍ୱାରୋହଣ, ଉଲ୍ଲମ୍ଫନ, କୁସ୍ତି, ସନ୍ତରଣ, ଶିକାର, ବାଜ ତାଲିମ, ସବାରୀଦ୍ୱନ୍ଦ୍ୱ ଏବଂ ସକଳ ପ୍ରକାର ଚରମ କଷ୍ଟ ସହ୍ୟ କରିବାର କଳା ଶିକ୍ଷା ଦିଆଯାଉ ଥିଲା । ପ୍ରଭୁଙ୍କୁ ତାଙ୍କ ପ୍ରକୋଷ୍ଠ ଓ ଦରବାରରେ ସେବା ପ୍ରଦାନ, ତାଙ୍କ ଖାଦ୍ୟ ପରୀକ୍ଷଣ, ଚଷକ ବହନ, ଅଶ୍ୱ ଓ ଶସ୍ତ୍ରର ରକ୍ଷଣାବେକ୍ଷଣ ଅନୁରକ୍ଷକଙ୍କ ଠାରୁ ଥିଲା ପ୍ରତ୍ୟାଶିତ । ନିପୁଣ ଅନୁରକ୍ଷକମାନେ ଥିଲେ ପ୍ରଭୁଙ୍କ ଯୁଦ୍ଧକାଳୀନ ସହଚର ଏବଂ ତାଙ୍କ ବନ୍ଦୀମାନଙ୍କ ତତ୍ତ୍ୱାବଧାରକ । ଅଳ୍ପ କେତେକ କ୍ଷେତ୍ରରେ ଯୁବକମାନେ ଭ୍ରମଣ, ଯୁଦ୍ଧ ପ୍ରତିଯୋଗିତାରେ ଅଂଶ ଗ୍ରହଣ ଏବଂ ଅପର ଦେଶର ପ୍ରଥା ଅଧ୍ୟୟନ ପୂର୍ବକ ସେମାନଙ୍କ ଶୌର୍ଯ୍ୟ ଶିକ୍ଷା ସମ୍ପୂର୍ଣ୍ଣ କରୁଥିଲେ । ସାଧାରଣତଃ ଏକବିଂଶତି ବର୍ଷ ବୟସରେ ସ୍ନାତକ ଔପଚାରିକ ଭାବେ ନାଇଟ୍ ଉପାଧି ପ୍ରାପ୍ତ *(Accolade)* ହେଉଥିଲେ ।

ଦଶମ ଶତାବ୍ଦୀର ଅନ୍ତ କାଳରୁ ମୃଗ ବା ବନ୍ୟ ବରାହ ଶିକାର ଓ ବାଜ ତାଲିମ ସଙ୍ଗକୁ ନାଇଟ୍‌ମାନଙ୍କ ପ୍ରଧାନ ଆମୋଦ ରୂପେ ପ୍ରତିଯୋଗିତା ଶୃଙ୍ଖଳର ଅଭ୍ୟୁଦୟ ଆରବ୍ଧ ହେଲା । ଏହା ମଧ୍ୟ ଥିଲା

ଯୋଦ୍ଧାମାନଙ୍କ ପାଇଁ ଯୁଦ୍ଧ ଦକ୍ଷତାର ପୂର୍ବାଭ୍ୟାସ ଓ ଏକାଠି କାର୍ଯ୍ୟ ସମ୍ପାଦନ ଅଭ୍ୟାସ କରିବାର ଏକ ମାର୍ଗ । ସେବା ସନ୍ଧାନକାରୀ ନାଇଟ୍‌ମାନଙ୍କ ପାଇଁ ଏଗୁଡ଼ିକ ଥିଲା ଯୋଗ୍ୟତା ପ୍ରମାଣ କରିବାର କ୍ଷେତ୍ର । ବହୁ ସମୟରେ ପ୍ରତିଯୋଗୀମାନେ ନ୍ୟାୟପରାୟଣଙ୍କୁ ବିଜୟ ପ୍ରଦାନ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ପରେ ବୈଧାନିକ ବିବାଦର ସମାଧାନ କରାଯାଉ ଥିଲା । ଶୁଦ୍ଧ ପ୍ରତିଯୋଗିତାଟି ଦୁଇ ନାଇଟ୍ ଗୋଷ୍ଠୀ ମଧ୍ୟରେ ଲଢ଼େଇ ଥିବା ବେଳେ ସବାରୀଦ୍ୱନ୍ଦ୍ୱ ଥିଲା ଜଣକ ସହ ଆଉ ଜଣକର ମୁହାଁ ମୁହିଁ ଯୁଦ୍ଧ । ସେମାନେ ସାଧାରଣତଃ ଦର୍ଶକଙ୍କ ସମ୍ମୁଖରେ ଘେରା ମଧ୍ୟରେ ଲଢୁଥିଲେ । ପ୍ରତିଦ୍ୱନ୍ଦ୍ୱୀମାନେ ଅପରିହାର୍ଯ୍ୟତଃ ଶତ୍ରୁ ନ ଥିଲେ । ବହୁ ସମୟରେ ସେମାନେ ମହିଳା ଅଥବା ଅଧିପ୍ରଭୁଙ୍କ ସମ୍ମାନ କିମ୍ବା ଶସ୍ତ୍ରାସ୍ତ୍ରରେ ନିଜ ପ୍ରସିଦ୍ଧି ପାଇଁ ଲଢ଼େଇ କରୁଥିଲେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ ନିମିତ୍ତ ଗୀର୍ଜାର ଆଘାତକାରୀ, ପ୍ରଭୁଙ୍କ ଅବିଶ୍ୱସ୍ତ, ଅକାରଣରେ ଯୁଦ୍ଧକ୍ଷେତ୍ରରୁ ପୃଷ୍ଠଭଙ୍ଗ ଦେଇଥିବା ବ୍ୟକ୍ତି, ମିଥ୍ୟା ଶପଥକାରୀ, ମହିଳାଙ୍କ ଉପରେ ଉପଦ୍ରବ କରିଥିବା ପୁରୁଷ, ବାଣିଜ୍ୟ ସଂଲିପ୍ତ ବ୍ୟକ୍ତି ଏବଂ ଅଭିଜାତ ପରିବାରରୁ ଜନ୍ମ ପ୍ରମାଣ କରିପାରୁ ନ ଥିବା ଲୋକଙ୍କୁ ଅନୁମତି ନ ଥିଲା । ପରାଜିତଙ୍କ ସାଞ୍ଜୁ, ଅସ୍ତ୍ରଶସ୍ତ୍ର ଓ ଘୋଟକ ବିଜୟୀଙ୍କୁ ମିଳୁଥିଲା । ତାଙ୍କଠାରୁ ବ୍ୟକ୍ତିଗତ କ୍ଷତିପୂର୍ତ୍ତି ଦାବି କରିବାର ଅଧିକାର ମଧ୍ୟ ବିଜୟୀଙ୍କର ରହିଥିଲା । ପ୍ରଥମେ ପ୍ରଥମେ ପ୍ରତିଯୋଗିତାଗୁଡ଼ିକରେ ମୃତ୍ୟୁ ନିବାରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା । ବାସ୍ତବ ଯୁଦ୍ଧର ସାଞ୍ଜୁ ଓ ଅସ୍ତ୍ରଶସ୍ତ୍ରର ଉପଯୋଗ ପ୍ରତିଯୋଗିତାରେ ମଧ୍ୟ କରାଯାଉ ଥିଲା । ତେବେ ପ୍ରତିଯୋଗିତାରେ ଦିନକୁ ଦିନ ବଢୁଥିବା ଆର୍ଥିକ ଓ ମାନବିକ କ୍ଷତି ଏବଂ ରାଜନୀତିକ ଷଡ଼ଯନ୍ତ୍ରକୁ ଜନ୍ମ ଦେବାରେ ସେଗୁଡ଼ିକର ସାମର୍ଥ୍ୟ ରାଜା ଓ ରାଜକୁମାରମାନଙ୍କୁ ବିଚଳିତ କରୁଥିଲା । ଗୀର୍ଜା ଏ ବିପଦପୂର୍ଣ୍ଣ ଆମୋଦକୁ ନିଷିଦ୍ଧ କରିବା ପାଇଁ ସକ୍ରିୟ ପ୍ରୟାସ କରିଥିଲା । ଏପରିକି ପ୍ରତିଯୋଗିତାରେ ମୃତ ନାଇଟ୍‌ଙ୍କୁ ଖ୍ରୀଷ୍ଟୀୟ ଶବାଧାନ ପ୍ରତ୍ୟାଖ୍ୟାନ କରିବାର ଧମକ ମଧ୍ୟ ଦେଇଥିଲା । କିନ୍ତୁ ବହୁ ସପ୍ତାହ ପୂର୍ବରୁ ସର୍ବସାଧାରଣରେ ସନ୍ଦେଶବାହକମାନଙ୍କ ଆଗୁଆ ଘୋଷଣା, ସଂଲଗ୍ନ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଓ ସାନ୍ଧ୍ୟ ଭୋଜ ସହ ଅନୁଷ୍ଠାନଟି ଏକ ଭବ୍ୟ ଜନପ୍ରିୟ ପ୍ରଦର୍ଶନରେ ପରିଣତ ହୋଇସାରି ଥିଲା । ପୁରସ୍କାରର ପ୍ରବର୍ତ୍ତନ ମଧ୍ୟ ହୋଇଥିଲା । ଭାଟମାନେ ଦର୍ଶକଙ୍କ ମନୋରଞ୍ଜନ କରୁଥିଲେ । ଅଗଣିତ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ବହୁ ସମୟରେ ବ୍ୟବସାୟୀମାନେ କ୍ଷୁଦ୍ର କ୍ଷୁଦ୍ର ମେଳାର ଆୟୋଜନ କରୁଥିଲେ । ତେଣୁ ପ୍ରତିଯୋଗିତାକୁ ନିଷିଦ୍ଧ ନୁହେ ନିୟନ୍ତ୍ରଣ କରିବାକୁ ବିବିଧ ପଦକ୍ଷେପ ବିକଶିତ ହେଲା । ଖ୍ରୀ.୧୧୯୨ରେ ଇଂଲଣ୍ଡରେ ରିଚାର୍ଡ ୧ମଙ୍କ ସୁଚିନ୍ତିତ ଅନୁଜ୍ଞପ୍ତି ବ୍ୟବସ୍ଥା *(licensing system)*

ଥିଲା ଏଭଳି ଏକ ପ୍ରୟାସ । ଯୁଦ୍ଧ ଅଭ୍ୟାସର ବିପଦପୂର୍ଣ୍ଣ ରୀତିଗୁଡ଼ିକ ଉପରେ ମଧ୍ୟ କଟକଣା ପ୍ରୟୋଗ କରାଗଲା । ନାଇଟ୍‌ଙ୍କ ବ୍ୟକ୍ତିଗତ ଧମନୀର ସାମର୍ଥ୍ୟ, ଅଶ୍ୱାରୋହଣ ଓ ଅସ୍ତ୍ରଶସ୍ତ୍ର ଦକ୍ଷତା ପରୀକ୍ଷା ନିମିତ୍ତ ପରସ୍ପର ପ୍ରତି ଧାବମାନ ଦୁଇ ଅଶ୍ୱାରୋହୀ ନାଇଟ୍‌ଙ୍କ ମଧ୍ୟରେ ସବାରୀଦ୍ୱନ୍ଦ୍ୱକୁ ପ୍ରୋତ୍ସାହିତ କରାଗଲା । ସୁରକ୍ଷା ପଦକ୍ଷେପର ଅଂଶ ସ୍ୱରୂପ କ୍ରମଶଃ ସ୍ଥୂଳାଗ୍ର ବର୍ଚ୍ଛା, ଶିରୋବନ୍ଧ, ଆନତ ଅବରୋଧ, ଅଧିକ ସୁରକ୍ଷାତ୍ମକ ସାଞ୍ଜୁ ଆଦି ବିଶେଷ ସାଧନ ବିକଶିତ ହେଲା ।

ଶୌର୍ଯ୍ୟ ନାମରେ ବିଦିତ ମଧ୍ୟକାଳୀନ ନାଇଟ୍‌ମାନଙ୍କ ଆଦର୍ଶ ଆଚରଣ ସଂହିତାକୁ ରୂପ ଦେବାରେ ପ୍ରତିଯୋଗିତାଗୁଡ଼ିକର ଅବଦାନ ଥିଲା ପ୍ରତୁଳ । ଫରାସୀ ଅଶ୍ୱ*(Cheval)*ରୁ ବ୍ୟୁତ୍ପନ୍ନ ଏ ଶବ୍ଦଟି କାଳକ୍ରମେ ଅଶ୍ୱାରୋହୀ ଯୋଦ୍ଧା *(Chevalier)* ସହ ସଂପୃକ୍ତ ହୋଇଗଲା । ଏହା ଯୁଦ୍ଧରେ ସାହସ ଓ ସୌଜନ୍ୟ, ଅଧୀନଙ୍କ ପ୍ରତି ଉଦାରତା ଓ ପ୍ରଭୁଙ୍କ ପ୍ରତି ଆନୁଗତ୍ୟକୁ ପ୍ରୋତ୍ସାହିତ କଲା । ଶୌର୍ଯ୍ୟ ସଂହିତାର ମୌଳିକ ଗୁଣ ଥିଲା ବହୁଳାଂଶରେ ବେପରବାୟତାର ସୀମା ସ୍ପର୍ଶକାରୀ ବୀରତ୍ୱ । ଏପରିକି ତିଳେ ମାତ୍ର ଅପମାନର ପ୍ରତିଶୋଧ ଥିଲା ରକ୍ତ । ଭୀରୁତା ଓ ବିଶ୍ୱାସଘାତର ସାମାନ୍ୟ ସନ୍ଦେହ ନାଇଟ୍‌ଙ୍କ ପକ୍ଷରେ ଥିଲା ଅସହ୍ୟ । ସମ୍ମାନ ପାଇଁ କେବେ ମଧ୍ୟ ପ୍ରଭୁଙ୍କ ନିକଟରେ ଅସଫଳ ନ ହେବା ଓ ଆହ୍ୱାନକୁ ଟାଳି ନ ଯିବା ଥିଲା ଚିର ଆକାଙ୍‌କ୍ଷିତ । ସଚ୍ଚା ନାଇଟ୍ ଯୁଦ୍ଧରେ ଛଳକୁ ଘୃଣା କରୁଥିଲେ । କେବେ ମଧ୍ୟ ନିରସ୍ତ୍ର ଓ ଅପ୍ରସ୍ତୁତ ଶତ୍ରୁ ଉପରେ ପ୍ରହାର ତାଙ୍କ ଠାରୁ ଅପେକ୍ଷିତ ନ ଥିଲା । ବିଜିତ ବା ଧୃତ ହେଲେ କ୍ଷତିପୂର୍ତ୍ତି ପର୍ଯ୍ୟନ୍ତ ମର୍ଯ୍ୟାଦାବନ୍ତ ଉପଚାର ତାଙ୍କ ପାଇଁ ଥିଲା ପ୍ରତ୍ୟାଶିତ । କ୍ରୁସେଡରେ ଗୀର୍ଜାର ସଂପୃକ୍ତି ଯୋଗୁଁ କାଳ କ୍ରମେ ଶୌର୍ଯ୍ୟ ସଂହିତାରେ ଭଗବତ୍ ପ୍ରେମ ଓ ଖ୍ରୀଷ୍ଟୀୟ ନୀତିର ସୁରକ୍ଷା ଯୋଡ଼ି ହୋଇଗଲା । ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ମହିଳାଙ୍କ ପ୍ରତି ସୌଜନ୍ୟ ଓ ଅରକ୍ଷିତର ସୁରକ୍ଷାକୁ ଅନ୍ତର୍ଭୁକ୍ତ କରି ଶୌର୍ଯ୍ୟର ଅର୍ଥରେ ସମ୍ପ୍ରସାରଣ ଘଟିଲା । ସକଳ ଶକ୍ତି ପ୍ରୟୋଗ ପୂର୍ବକ ସମସ୍ତ ବିଶେଷତଃ ଅଧିକାରରୁ ବଞ୍ଚିତ ଓ ଦୁର୍ଗତ ମହିଳାଙ୍କର ସହାୟତା ନାଇଟ୍‌ଙ୍କ କର୍ତ୍ତବ୍ୟ ବିବେଚିତ ହେଉଥିଲେ ସୁଦ୍ଧା ଜଣକୁ ତାଙ୍କ ସ୍ୱତନ୍ତ୍ର ଆକର୍ଷଣର ବସ୍ତୁ ରୂପେ ପସନ୍ଦ କରିବା ଥିଲା ପ୍ରତୀକ୍ଷିତ । ସେଇ ମହିଳାଙ୍କ ଅନୁଗ୍ରହ ପ୍ରାପ୍ତି ଓ ଗୌରବ ବର୍ଦ୍ଧନ ପାଇଁ ନାଇଟ୍ ଦୁଷ୍କର କାର୍ଯ୍ୟ ଅନ୍ୱେଷଣ କରୁଥିଲେ ଏବଂ ଯୁଦ୍ଧ ଓ ପ୍ରତିଯୋଗିତାରେ ଲଢୁଥିଲେ । ନାଇଟ୍‌ମାନଙ୍କ ଅଦ୍ଭୁତ ଦୁଷ୍କର କାର୍ଯ୍ୟ ଓ ରୋମାଣ୍ଟିକ ପ୍ରେମ ଚାରଣ*(troubadour)* ଓ ପ୍ରେମଗାୟକ*(minnesinger)*ମାନଙ୍କ କବିତାର ପ୍ରିୟ ବିଷୟରେ ପରିଣତ ହୋଇଥିବା ମର୍ତ ଡି ଆର୍ଥର, ଚାଁସନ ଡି ରୋଲାଁ ଓ ଅମାଦିସ ଡି ଗଲଙ୍କ ପ୍ରସିଦ୍ଧ

ମଧ୍ୟକାଳୀନ ଗାଥାଗୁଡ଼ିକରୁ ପ୍ରମାଣିତ ହୁଏ । ତେବେ ଶୌର୍ଯ୍ୟକୁ ନାଇଟ୍‌ମାନଙ୍କ ବାସ୍ତବ କର୍ମର ନିଛକ ପ୍ରତିଫଳନ ଅପେକ୍ଷା ଅଧିକ ମାତ୍ରାରେ ଏକ ମାନକ ମାର୍ଗଦର୍ଶିକା ରୂପେ ବୁଝାଯିବା ଆବଶ୍ୟକ । ତ୍ରୟୋଦଶ ଶତାବ୍ଦୀରେ ଆଗ୍ନେୟାସ୍ତ୍ରର ବିକାଶ ସହ ଅଶ୍ୱବାହିନୀ ଏବଂ ନାଇଟ୍‌ଙ୍କ ସାଞ୍ଜୁ ଓ ଅସ୍ତ୍ରର ମହତ୍ୱ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଲା । ପ୍ରବର୍ଦ୍ଧମାନ ବାଣିଜ୍ୟିକ ଓ ସହରୀ ସଂସ୍କୃତିର ପରିବର୍ତ୍ତିତ ପରିପ୍ରେକ୍ଷୀରେ ନାଇଟ୍‌ପଣ ଉଭୟ କୁଶଳତା ଓ ବ୍ୟୟ ଦୃଷ୍ଟିରୁ ଅଧିକରୁ ଅଧିକ ଅନୁପଯୋଗୀ ହୋଇଉଠିଲା । ଶୌର୍ଯ୍ୟ ଶିଷ୍ଟ ସମାଜର ଭଦ୍ରୋଚିତ ଆଚରଣ ସଂହିତାରେ ରୂପାନ୍ତରିତ ହେଲା ।

## ୭.୪ ସାମନ୍ତବାଦୀ ଉଦ୍‌ବର୍ତ୍ତନର ଦୁଇ ପର୍ଯ୍ୟାୟ

ମଧ୍ୟଯୁଗୀୟ ଇଉରୋପର ସାମାଜିକ ଓ ଆର୍ଥିକ ଜୀବନର ଜଟିଳତାକୁ ବୁଝିବା ପାଇଁ ସାମନ୍ତବାଦକୁ ଏକ ସ୍ଥିର ସଂରଚନା ନୁହେ ଉଦ୍‌ବର୍ତ୍ତନଶୀଳ ପ୍ରକ୍ରିୟା ରୂପେ ଦେଖିବାକୁ ହେବ । ସାମନ୍ତବାଦର ଦୁଇ ଉଦ୍‌ବର୍ତ୍ତନଶୀଳ ପର୍ଯ୍ୟାୟ ଭାବଧାରାର ମୂଳ ମାର୍କ ବ୍ଲଖଙ୍କ ଅଗ୍ରଗାମୀ ଗବେଷଣା । ତାଙ୍କ ମତରେ ରୋମ ସାମ୍ରାଜ୍ୟର ଭୁଷୁଡ଼ି ପଡ଼ିଥିବା ରାଜନୀତିକ ବ୍ୟବସ୍ଥା ଉପରେ ବର୍ବର ଆକ୍ରମଣ ପରବର୍ତ୍ତୀ ରାଷ୍ଟ୍ରଗୁଡ଼ିକର ପ୍ରତିଷ୍ଠା ସହ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟଟି ଏକାଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ଏହା ପରବର୍ତ୍ତୀ ସାମ୍ରାଜ୍ୟର ବିଶେଷତ୍ୱ ଥିବା ମୌଳିକ ସାମାଜିକ ସମ୍ବନ୍ଧ ସବୁକୁ ମଜବୁତ୍ ଭାବେ ଧରି ରଖିଥିଲା । ଏ ପର୍ଯ୍ୟାୟଟି ନଗଣ୍ୟ ବାଣିଜ୍ୟ, ବିରଳ ମୁଦ୍ରା ଓ ମଜୁରିଆ ଶ୍ରେଣୀ ପ୍ରାୟ ଅସ୍ତିତ୍ୱହୀନ ଥିବା ଏକ ସୁସ୍ଥିର ଗ୍ରାମାଞ୍ଚଳ ସଂଗଠନର ଅନୁକୂଳ ଥିଲା । କ୍ଷୁଦ୍ରତର ଓ ବୃହତ୍ତର ଉପାଦାନ ମଧ୍ୟରେ ଅଧସ୍ତନତାର ବନ୍ଧନ ଆଞ୍ଚଳିକ ଅଭିଜାତବର୍ଗଙ୍କୁ ଅନୁକ୍ରମରେ ଯୋଡ଼ିଥିଲା । ଉଭୟ ଉତ୍ପୀଡ଼ନର ସାମାଜିକ ସାଧନ ଓ ନ୍ୟାୟାଧିକାରର ନିୟମନ ଥିଲା ଏମାନଙ୍କ ଏକାଧିପତ୍ୟ । ଆଇନ ଦୃଷ୍ଟିରେ ଅଧିକାଂଶ କୃଷକ ଥିଲେ ସମ୍ପୂର୍ଣ୍ଣ ବନ୍ଧ ଅଥବା ପ୍ରଭୁଙ୍କ ଉପରେ ବିଭିନ୍ନ ମାର୍ଗରେ ଏତେ ମାତ୍ରାରେ ନିର୍ଭରଶୀଳ ଯେ ମୁକ୍ତ ଥିଲେ ବି ସେମାନଙ୍କ ସ୍ୱାଧୀନତା ଥିଲା ଔପଚାରିକତା ମାତ୍ର । ଏ ପର୍ଯ୍ୟାୟର କୃଷି ଅର୍ଥବ୍ୟବସ୍ଥାରେ ଭୂସ୍ୱାମୀ ଅଭିଜାତଙ୍କ କ୍ଷମତା ଓ ପ୍ରତିଷ୍ଠାରେ ସହାୟକ ଅନିବାର୍ଯ୍ୟ ଆବଶ୍ୟକତା ବାହାରେ ଉଦ୍‌ବୃତ୍ତ ଉତ୍ପାଦନ ଥିଲା ଖୁବ୍ ସ୍ୱଳ୍ପ । ବଜାର ପାଇଁ ଉତ୍ପାଦନ ଥିଲା କମ୍ । ଶ୍ରମ ଅଥବା ଦ୍ରବ୍ୟ ଆକାରରେ ଭଡ଼ା ଦିଆଯାଉ ଥିଲା । ଅର୍ଥର ପ୍ରଚଳନ

ଥିଲା ଅଳ୍ପ । ଉଚ୍ଚ ଶ୍ରେଣୀର ଆୟ ନଗଦରେ ନ ହୋଇ ଉତ୍ପାଦରେ ଥିବାରୁ ଆନ୍ତର୍ଜାତିକ ବାଣିଜ୍ୟର ବିଳାସ ଦ୍ରବ୍ୟ ପାଇଁ ଚାହିଦା ଥିଲା କମ୍ ପ୍ରଭାବଶାଳୀ । ପରିଣାମ ସ୍ୱରୂପ ପଶ୍ଚିମ ଇଉରୋପୀୟ ଜୀବନ ଥିଲା ପ୍ରଧାନତଃ ଗ୍ରାମୀଣ ଓ ସ୍ଥାନୀୟ ।

ଏକାଦଶ ଶତାବ୍ଦୀର ମଧ୍ୟ ଭାଗରୁ ଚତୁର୍ଦ୍ଦଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ଦ୍ୱିତୀୟ ପର୍ଯ୍ୟାୟଟି ଥିଲା ଜନସଂଖ୍ୟାରେ ପର୍ଯ୍ୟାପ୍ତ ବୃଦ୍ଧି, ବିଶେଷ ଭୂମି ସଫେଇ, ଯଥେଷ୍ଟ ପ୍ରଯୁକ୍ତିଗତ ପ୍ରଗତି, ବାଣିଜ୍ୟର ପୁନରୁତ୍‌ଥାନ, ମୁଦ୍ରା ଅର୍ଥବ୍ୟବସ୍ଥାର ପ୍ରସାର ଏବଂ ଉତ୍ପାଦକଙ୍କ ଉପରେ ବଣିକଙ୍କ ବର୍ଦ୍ଧମାନ ସାମାଜିକ ଆଧିପତ୍ୟର ପରିଣାମ । ଏ ସମୟରେ ସମାଜ ଓ ଅର୍ଥବ୍ୟବସ୍ଥାର ବିକାଶ ବିପରୀତ ଦିଗରେ ଗତିଶୀଳ ହେବା ଆରମ୍ଭ କଲା ବୋଲି ବ୍ଲଖ ଯୁକ୍ତି ଉପସ୍ଥାପନ କରିଛନ୍ତି । ମାନ୍ଦା ହୋଇ ଆସୁଥିବା ସମାଜ ଶ୍ରେଣୀ ସଂରଚନାକୁ ଆବଦ୍ଧ ଗୋଷ୍ଠୀରେ ଶାଣିତ କରିବା ପାଇଁ ପ୍ରବୃତ୍ତ ହେଉଥିବା ବେଳେ ତ୍ୱରଣଶୀଳ ଅର୍ଥବ୍ୟବସ୍ଥା କୃଷିଦାସତ୍ୱରୁ ମୁକ୍ତି ଏବଂ ବାଣିଜ୍ୟ ବ୍ୟବସାୟ ଉପରେ କଟକଣାର ଶିଥିଳୀକରଣ ଆଡ଼କୁ ଗତି କରୁଥିଲା । ବିଶେଷ ମାର୍କୋନୀୟ ପରିପ୍ରେକ୍ଷୀରେ ଜର୍ଜସ ଡୁବି ମୋଡ଼ ପରିବର୍ତ୍ତନକୁ ଗୋଟିଏ ଶତାବ୍ଦୀ ପରେ ଅବସ୍ଥାପିତ କରିଛନ୍ତି । ପ୍ରାୟ ଖ୍ରୀ.୧୧୬୦ରୁ କୃଷି ଉଦ୍‌ବୃତ୍ତରେ ବୃଦ୍ଧି ମୁଦ୍ରା ଅର୍ଥବ୍ୟବସ୍ଥାର ଏକ ତନ୍ତ୍ରରେ ବୃହତ୍ ସଂପୃକ୍ତି, ସହରୀ ଓ ଗ୍ରାମୀଣ ପରିସ୍ଥିତିରେ ପ୍ରବର୍ଦ୍ଧମାନ ପାର୍ଥକ୍ୟ ଏବଂ ବିବିଧ ରୂପରେ ଘୋର ସାଧାରଣ ସାମାଜିକ ପରିବର୍ତ୍ତନକୁ ସୁଗମ କଲା । ଜାକ ଲି ଗଫ ପ୍ରଥମରୁ ଦ୍ୱିତୀୟ ସାମନ୍ତୀ ଯୁଗକୁ ପରିବର୍ତ୍ତନ ଏକ ଧୀର ଓ ସମ୍ପ୍ରସାରିତ ପ୍ରକ୍ରିୟା ଥିବା ଏବଂ ସମଗ୍ର ପଶ୍ଚିମ ଇଉରୋପରେ ସମାନ ଭାବେ ଅଥବା ଗୋଟିଏ ସମୟରେ ସମ୍ପାଦିତ ହୋଇ ନ ଥିବା କହନ୍ତି ।

## ୭.୫ ସାମନ୍ତବାଦର ବିଲୟ

କେତେକ ବିଦ୍ୱାନଙ୍କ ବିଚାରରେ ବାଣିଜ୍ୟର ପୁନରୁତ୍‌ଥାନ ଓ ସମ୍ପ୍ରସାରଣ ଏବଂ ପରିଣାମତଃ ସହରର ଅଭିବୃଦ୍ଧି ଥିଲା ସାମନ୍ତବାଦର ବିଲୟର ପ୍ରଧାନ କାରଣ । ପ୍ରଯୁକ୍ତିର ସ୍ତର, କୃଷି ଉତ୍ପାଦକତା, ଜାନସଂଖ୍ୟିକ ପରିବର୍ତ୍ତନ ଏବଂ ଗ୍ରାମୀଣ ପରିଦୃଶ୍ୟର ରୂପାନ୍ତରଣ ଆଦିକୁ ସାମନ୍ତବାଦର ବିଲୟ ପାଇଁ

ବିଭିନ୍ନ ମାତ୍ରାରେ ଦାୟୀ ମହତ୍ୱପୂର୍ଣ୍ଣ କାରକ ରୂପେ ବିବେଚନା କରାଯାଏ । ଏ ବିଷୟ ଉପରେ କାର୍ଯ୍ୟ କରିଥିବା ସମସ୍ତ ବିଦ୍ୱାନଙ୍କ ଦୃଷ୍ଟିଭଙ୍ଗୀର ଉପସ୍ଥାପନ ଏଠାରେ ସମ୍ଭବପର ନୁହେ । ଆମେ ତେଣୁ କେବଳ ପ୍ରଧାନ ଦୃଷ୍ଟିକୋଣ ସମୂହକୁ ନିର୍ବାଚିତ କରିଛୁ । ଏଇ ପ୍ରଧାନ ବିଦ୍ୱାନମାନେ ହେଲେ ହେନରି ପିରେଁ, ମରିସ ଦବ,କୋଚୁରୁ ତାକାସି, ଗୟ ବଇଜ, ମାର୍କ ବ୍ଲଖ, ଜର୍ଜସ ଦୁବି, ପଲ ସ୍ୱିଜି ଓ ରବର୍ଟ ବ୍ରନ୍ନର ।

ବିଂଶ ଶତାବ୍ଦୀର ଷାଠିଏ ଓ ସତୁରୀ ଦଶକର କୌଣସି ଏକ ସମୟରେ ସାମନ୍ତବାଦର ବିଲୟ ଉପରେ ମଧ ନବମାଲଥସୀୟ ବ୍ୟାଖ୍ୟା ବିକଶିତ ହୋଇଥିଲା । ଊନବିଂଶ ଶତାବ୍ଦୀରେ ମାଲଥସ ଜମି, ଜଙ୍ଗଲ, ଜଳ ପ୍ରଭୃତି ପ୍ରାକୃତିକ ସଂସାଧନ ନିର୍ଦ୍ଦିଷ୍ଟ ମାତ୍ରାର ଜନସଂଖ୍ୟାକୁ ସମ୍ଭାଳି ପାରିବ ବୋଲି ଅବବୋଧଟିଏ ପ୍ରତିପାଦନ କରିଥିଲେ । ଇତିହାସରେ ଯେତେବେଳେ ସାମଗ୍ରିକ ମାନବୀୟ ଜନସଂଖ୍ୟା ଏଇ ସମ୍ଭହନୀୟ ସ୍ତରକୁ ଅତିକ୍ରମ କରିଛି ସେତେବେଳେ ଦୁର୍ଭିକ୍ଷ, ମହାମାରୀ, ଯୁଦ୍ଧ ଆଦି ଘଟି ଜନସଂଖ୍ୟାକୁ ପୁଣି ସଂସାଧନ ଅନୁକୂଳ ସ୍ତରକୁ ଟାଣି ଆଣିଛି । ମଧ୍ୟଯୁଗୀୟ ଇଉରୋପର ଜନସଂଖ୍ୟା ଅନୁରୂପ ଭାବେ କୃଷିର ଧାରଣ ସ୍ତରକୁ ଅତିକ୍ରମି ଯାଇଥିବା ଇମାନୁଏଲ ଲି ରୟ ଲଦୁରିଙ୍କ ଭଳି କେତେକ ଐତିହାସିକ ଯୁକ୍ତି କରନ୍ତି । ଅତଏବ ଖ୍ରୀ.୧୩୧୪-୧୫ର ଦୁର୍ଭିକ୍ଷ ଏବଂ କୃଷ୍ଣ ମୃତ୍ୟୁ ଯୋଗୁଁ ଇଉରୋପୀୟ ଜନସଂଖ୍ୟାର ପ୍ରାୟ ଏକଚତୁର୍ଥାଂଶ ପୋଛିନେଇ ଥିବା ଖ୍ରୀ.୧୩୪୮-୫୧ର ବିଧ୍ୱଂସକ ମହାମାରୀ ମାଲଥସୀୟ ନିୟମର ହିଁ ଏପରି ପରିପ୍ରକାଶ ଥିଲା । ଏହା ମଧ୍ୟଯୁଗୀୟ ଇଉରୋପର ସମଗ୍ର ସନ୍ତୁଳନକୁ ବିଗାଡ଼ି ଦେଇଥିଲା ଏବଂ ପୁଞ୍ଜିବାଦକୁ ଘଟାନ୍ତରର କାରକ ହୋଇଥିଲା ।

ମାଲଥସୀୟ ଉପପାଦ୍ୟ ଚିରକାଳ ବିଶେଷ ବିବାଦର ବିଷୟ ହୋଇଆସିଛି । ଏ ଦୃଷ୍ଟିରୁ ସାମନ୍ତବାଦର ପତନର ଏଭଳି କାରଣ ବ୍ୟାଖ୍ୟାକୁ ତୀବ୍ର ସମାଲୋଚନା କରାଯାଇଛି । ମାଲଥସୀୟ ଉପପାଦ୍ୟର ମୌଳିକ ତ୍ରୁଟି ହେଉଛି ସଂସାଧନ ଅପେକ୍ଷାକୃତ ଅନମନୀୟ ଏବଂ ଜନସଂଖ୍ୟାର ପ୍ରଦତ୍ତ ସ୍ତର ପର୍ଯ୍ୟନ୍ତ ହିଁ ଧାରଣକ୍ଷମ ବୋଲି ପୂର୍ବାନୁମାନ । ଏହାର ସମାଲୋଚକମାନେ ବୃହତ୍ତର ପ୍ରଯୁକ୍ତି ଓ ପରିଚାଳନା ମାଧ୍ୟମରେ ସଂସାଧନର ବୃଦ୍ଧି ଚିରକାଳ ସମ୍ଭବପର ଏବଂ ଉଦାହରଣ ସ୍ୱରୂପ ସମାନ ମାତ୍ରାର ଜମିରୁ ଉନ୍ନତତର କୃଷି ପଦ୍ଧତି ଦ୍ୱାରା ଅତ୍ୟଧିକ ଉଚ୍ଚ ଉପଜ ସମ୍ଭବ ବୋଲି ଦୃଢ଼ ଦାବି

କରନ୍ତି । ଅତଏବ ମଧ୍ୟଯୁଗୀୟ ଇଉରୋପର ଜନସଂଖ୍ୟା ସ୍ତର କୃଷିର ଧାରଣୀୟତାକୁ ଅତିକ୍ରମ କରି ଯାଇଥିବାର ପୂର୍ବାନୁମାନ ଭ୍ରାନ୍ତିପୂର୍ଣ୍ଣ । ଏଭଳି ବ୍ୟାଖ୍ୟା ସାମାଜିକ ସଂରଚନାରୁ ଉଦ୍ଭୁତ ସାମାଜିକ କାରକଗୁଡ଼ିକରୁ ଦୃଷ୍ଟି ଅପସାରିତ କରିଦିଏ ।

ପୁଞ୍ଜିବାଦକୁ ଘଟାନ୍ତର ଉପରେ ଅନ୍ୟ ଏକ ବିତର୍କ ବିଂଶ ଶତାବ୍ଦୀର ସତୁରୀ ଓ ଅଶି ଦଶକରେ ବ୍ରିଟିଶ ପତ୍ରିକା '*Past and Present*'ର ପୃଷ୍ଠାମାନଙ୍କରେ ପ୍ରଥମେ ଉନ୍ମୋଚିତ ହୋଇଥିଲା । ନୂତନ ବିତର୍କର ପ୍ରାରମ୍ଭ ଖ୍ରୀ.୧୯୭୬ରେ ଆମେରିକୀୟ ଐତିହାସିକ ରବର୍ଟ ବ୍ରନ୍ନରଙ୍କ '*Agrarian Class Structure and Economic Development in Pre-Industrial Europe*' ଶୀର୍ଷକ ପ୍ରବନ୍ଧରୁ ହୋଇଥିଲା । ବ୍ରନ୍ନର ଶ୍ରେଣୀ ସଂଘର୍ଷ ପରିପ୍ରେକ୍ଷୀରେ ଇତିହାସର ବିଶ୍ଳେଷଣରେ ଶାସ୍ତ୍ରୀୟ ମାର୍କସବାଦୀ ପଦ୍ଧତିର ଉତ୍କର୍ଷକୁ ଅପରିହାର୍ଯ୍ୟ ଭାବେ ଦୋହରାଇ ଥିଲେ । ସାମନ୍ତବାଦର ପତନ ସଂକ୍ରାନ୍ତ ଆଲୋଚନା ସହ ସେ ପ୍ରତ୍ୟକ୍ଷ ଭାବେ ସଂଶ୍ଳିଷ୍ଟ ନ ଥିଲେ ମଧ୍ୟ ବିତର୍କଟି ତଥାପି ସମାନ ମାତ୍ରାରେ ଏଇ ବିଷୟ ସହ ଅତିବ୍ୟାପିତ ଥିଲା । କାରଣ ଏହା ପୁଞ୍ଜିବାଦ ଜଗତରେ ପ୍ରବେଶ ପାଇଁ ବ୍ରିଟେନ ଓ ଫ୍ରାନସ ଅନୁସରଣ କରିଥିବା ଭିନ୍ନ ଭିନ୍ନ ମାର୍ଗର ବ୍ୟାଖ୍ୟା ଅନ୍ୱେଷଣ କରୁଥିଲା । ସ୍ୱୟଂ ସମସ୍ୟାର ସୂତ୍ରଣରେ ଶାସ୍ତ୍ରୀୟ ମାର୍କସବାଦୀ ସନ୍ଦର୍ଭ ବିନ୍ୟାସ ରହିଥିଲା । ପ୍ରବନ୍ଧଟିର ପ୍ରକାଶନକୁ ଅନୁସରଣ କରିଥିବା ବିତର୍କ କେବଳ ମାର୍କସବାଦୀ ଐତିହାସିକଙ୍କ ମଧ୍ୟରେ ସୀମିତ କି ସହମତି ଓ ଅସହମତି ଆଦର୍ଶଗତ ଆନୁଗତ୍ୟରେ ଆବଦ୍ଧ ହୋଇ ରହିଲା ନାହିଁ । ଖ୍ରୀ.୧୯୮୫ରେ ସମସ୍ତ ଲେଖା *The Brenner Debate* ଶୀର୍ଷକରେ ପ୍ରକାଶିତ ହେଲା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଇଉରୋପରେ ସାମନ୍ତବାଦର ଉଦ୍ଭବ ଉପରେ ପାଞ୍ଚ ଧାଡ଼ିର ଏକ ଟିପ୍ପଣୀ ଲେଖନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ସାମନ୍ତବାଦର ବିବିଧ ସ୍ୱରୂପ ଓ ସଂରଚନା ସମ୍ବନ୍ଧରେ ଦଶ ଧାଡ଼ିରେ ଆଲୋଚନା କରନ୍ତୁ ।

..................................................................................................

..................................................................................................

..................................................................................................

..................................................................................................

..................................................................................................

..................................................................................................

..................................................................................................

..................................................................................................

..................................................................................................

..................................................................................................

**ପ୍ରଶ୍ନ ୩.** ସାମନ୍ତବାଦର ଉଦ୍‌ବର୍ତ୍ତିତ ପର୍ଯ୍ୟାୟଗୁଡ଼ିକ ଉପରେ ଏକ ବିବରଣ ପ୍ରଦାନ କରନ୍ତୁ । ପାଞ୍ଚ ଧାଡ଼ିରେ ଉତ୍ତର ଲେଖନ୍ତୁ ।

..................................................................................................

..................................................................................................

..................................................................................................

..................................................................................................

..................................................................................................

**ପ୍ରଶ୍ନ ୪.** ସାମନ୍ତବାଦର ବିଲୟର କାରଣ ସମୂହକୁ ପାଞ୍ଚ ଧାଡ଼ିରେ ବ୍ୟାଖ୍ୟା କରନ୍ତୁ ।

..................................................................................................

..................................................................................................

..................................................................................................

..................................................................................................

..................................................................................................

## ୭.୬ ସାରାଂଶ

ଆଦ୍ୟ ସୂତ୍ରଣରେ ସାମନ୍ତବାଦ ଏକ ଶାସନ ପଦ୍ଧତି ଏବଂ ସେଇ ଶାସନ ପଦ୍ଧତିର ସଂରକ୍ଷଣ ପାଇଁ ଆବଶ୍ୟକ ଶକ୍ତି ହାସଲର ଗୋଟିଏ ମାର୍ଗ ରୂପେ ପରିକଳ୍ପିତ ହୋଇଥିଲା । ସାମନ୍ତୀ ବ୍ୟବସ୍ଥାର ସ୍ୱକୀୟ ବିଶିଷ୍ଟ ସ୍ୱରୂପ ଓ ସଂରଚନାମାନ ରହିଥିଲା । ସାମନ୍ତୀ ବନ୍ଧନରେ ପ୍ରଭୁ, ଅଧସ୍ତନ ଓ କୃଷକମାନଙ୍କ ଉପରେ ବାଧ୍ୟତାମୂଳକ ଦାୟର ଏକ ଶୃଙ୍ଖଳା ସମ୍ପୃକ୍ତ ଥିଲା । ସମାଦର ଓ ପ୍ରଭୁଙ୍କ ପ୍ରତି ନିଷ୍ଠାଗତ ଦାୟର ଅଧିସ୍ୱୀକୃତି ଥିଲା ସଞ୍ଚାଳକ ନୀତି । ଭୂସମ୍ପଦ ରୂପେ ଜାଗିରର ଆକାର ଥିଲା ଭିନ୍ନ ଭିନ୍ନ । ଏହା ସାର୍ବଜନିକ କର୍ତ୍ତୃତ୍ୱ ଅଥବା କର୍ତ୍ତବ୍ୟ ଅଥବା ଅଧିକାର ରୂପେ ମଧ୍ୟ ରହିଥିଲା । ଜାଗିରର ଉତ୍ତରାଧିକାର ପାଇଁ ବିସ୍ତୃତ ନିୟମ ରହିଥିଲା । ଏଥିରେ ପ୍ରଭୁଙ୍କ କ୍ଷମତା ଥିଲା ସଂଜ୍ଞାୟିତ । ଗଡ଼ର କୃଷକକୁଳରେ ସ୍ତର ଭେଦ ରହିଥିଲା । କେତେକ ଅଧିକାର ଉପଭୋଗ କରୁଥିଲେ ଏବଂ ଅନ୍ୟମାନେ ପୂର୍ଣ୍ଣ ମାତ୍ରାରେ ଥିଲେ ପରାଭୂତ । କୃଷକମାନେ ଉଚ୍ଚ ହାରର ଭୂମିକର ଓ ବିଭିନ୍ନ ଉପକର ଗଣିବାକୁ ବାଧ୍ୟ ହେଉଥିଲେ । ଗଡ଼ର ସୁରକ୍ଷା ଓ ଏହାର ଆଭ୍ୟନ୍ତରୀଣ ଅସନ୍ତୋଷ ଦମନର ଆବଶ୍ୟକତାରୁ ନାଇଟ୍ ଅନୁଷ୍ଠାନର ଉଦ୍ଭବ ଘଟିଲା । ହେନରି ପିରେଁ ସାମନ୍ତବାଦର ଅଭ୍ୟୁଦୟ ଓ ବିଲୟର କେନ୍ଦ୍ରରେ ବାଣିଜ୍ୟ ରହିଥିବା ପ୍ରମାଣ କରିଛନ୍ତି । ସେ ବାଣିଜ୍ୟ ଓ ସହରୀ କେନ୍ଦ୍ରର ପୁନରୁତ୍ଥାନ ହେତୁ ସାମନ୍ତବାଦର ବିଲୟ ଆରମ୍ଭ ହୋଇଥିବା ବିଶ୍ୱାସ କରନ୍ତି । ମରିସ ଡବ ପିରେଁଙ୍କୁ ବିରୋଧ କରନ୍ତି । ତାଙ୍କ ମତରେ କୌଣସି ଆର୍ଥିକ ବ୍ୟବସ୍ଥାକୁ ବଦଳାଇ ଦେବାର ନିଜସ୍ୱ ଶକ୍ତି ବାଣିଜ୍ୟର ନାହିଁ । ସାମନ୍ତବାଦର ଆଭ୍ୟନ୍ତରୀଣ ସଙ୍କଟ ଏହାର ପତନର କାରଣ ଥିବା ସେ ଅନୁଭବ କରିଛନ୍ତି । ସହରୀ କେନ୍ଦ୍ରଗୁଡ଼ିକର ଉତ୍ଥାନ ଘଟିଥିବା ଡବ ସ୍ୱୀକାର କରିଛନ୍ତି । କିନ୍ତୁ ସେ ଏହାକୁ ବାଣିଜ୍ୟର ଅଭିବୃଦ୍ଧି ସହ ଯୋଡ଼ନ୍ତି ନାହିଁ । ସାମନ୍ତବାଦର ପତନକୁ ସାମନ୍ତୀ ଉତ୍ପୀଡ଼ନରୁ ରକ୍ଷା ପାଇଁ ସହରକୁ କୃଷକକୁଳଙ୍କ ସ୍ଥାନାନ୍ତର ଗମନ ସଂଜାତ ଭୂସ୍ୱାମୀମାନଙ୍କ ଅସହାୟତାର ପରିଣାମ ରୂପେ ଡବ ଦେଖନ୍ତି ।

## ୭.୭ ସୂଚକ ଶବ୍ଦାବଳୀ

**ଆଞ୍ଜେଭିନ:** ହେନରି ୨ୟଙ୍କ ଠାରୁ ରିଚାର୍ଡ ୨ୟ ପର୍ଯ୍ୟନ୍ତ ଇଂଲିଶ ରାଜା ସମୂହ ।

**ବୃତ୍ତି:** *Benefice*ର ପର୍ଯ୍ୟାୟବାଚୀ ପ୍ରୟୋଗ । ଆକ୍ଷରିକ ଅର୍ଥ ଅନୁକୂଳ ପ୍ରଭାବ ।

**ଧର୍ମସନ୍ଧି:** *Concordat*ର ପର୍ଯ୍ୟାୟବାଚୀ ପ୍ରୟୋଗ । ଗୀର୍ଜା ଓ ରାଷ୍ଟ୍ର ମଧ୍ୟରେ ଚୁକ୍ତି ।

**ଅଧିଷ୍ଠାପନ:** *Investiture*ର ପର୍ଯ୍ୟାୟବାଚୀ ପ୍ରୟୋଗ । ପଦବୀ ପ୍ରଦାନ ବିଶେଷତଃ ସାର୍ବଭୌମ ଅର୍ପଣ କରୁଥିବା ସମ୍ମାନ ପାଇଁ ଆୟୋଜିତ ଉତ୍ସବ ।

**ସବାରୀଦ୍ୱନ୍ଦ୍ୱ:** *Joust*ର ପର୍ଯ୍ୟାୟବାଚୀ ପ୍ରୟୋଗ । ଅଶ୍ୱାରୋହୀ ଦୁଇ ନାଇଟ୍‌ଙ୍କ ମଧ୍ୟରେ ଯୁଦ୍ଧ ।

**ଅଯାଜକୀୟ ଅଧସ୍ତନ:** *Lay Vassal*ର ପର୍ଯ୍ୟାୟବାଚୀ ପ୍ରୟୋଗ । ଗୀର୍ଜା ଥିଲା ନିଜ ନିୟନ୍ତ୍ରଣରେ ବିସ୍ତର ଭୂସମ୍ପଦ ଥିବା ଏକ ପ୍ରଭୁ । ଏହା ନିଜ ଅନୁକ୍ରମ ବାହାରେ ଅଧସ୍ତନମାନଙ୍କୁ କେତେକ ରାଜସ୍ୱ ପ୍ରଦାନ କରୁଥିଲା । ସେମାନେ ଥିଲେ ଅଯାଜକୀୟ ଅଧସ୍ତନ ।

**ଅଧିସମାଦର:** *Liege homage*ର ପର୍ଯ୍ୟାୟବାଚୀ ପ୍ରୟୋଗ ।

**ଅଧିପ୍ରଭୁ:** *Liege Lord*ର ପର୍ଯ୍ୟାୟବାଚୀ ପ୍ରୟୋଗ ।

**ନିମ୍ନ ଦେଶ:** *Low Country*ର ପର୍ଯ୍ୟାୟବାଚୀ ପ୍ରୟୋଗ । ନେଦରଲାଣ୍ଡ, ବେଲଜିୟମ ଓ ଲକ୍‌ସେମବର୍ଗ ।

**ନର୍ମାନ:** ସ୍କାଣ୍ଡିନେଭୀୟ ଓ ଫରାସୀ ଜନତାଙ୍କ ସଙ୍କର ବଂଶଧର । ଏମାନେ ଖ୍ରୀ.୧୦୬୬ରେ ଇଂଲଣ୍ଡ ଜୟ କରିଥିଲେ । ୱିଲିୟମ ୧ମଙ୍କ ଠାରୁ ଷ୍ଟିଫେନଙ୍କ ପର୍ଯ୍ୟନ୍ତ ଇଂଲିଶ ରାଜା ।

**ପୁନର୍ବିଜୟ:** *Reconquista*ର ପର୍ଯ୍ୟାୟବାଚୀ ପ୍ରୟୋଗ । ସ୍ପେନ ଓ ଅପର ଇଉରୋପୀୟ ଅଞ୍ଚଳକୁ ଆରବମାନଙ୍କ ହାତରୁ ଛଡ଼େଇନେବା ପାଇଁ ୧୧ଶରୁ ୧୫ଶ ଶତାବ୍ଦୀ ମଧ୍ୟରେ ଖ୍ରୀଷ୍ଟୀୟ ଶାସକମାନଙ୍କ ଦ୍ୱାରା ଲଢ଼ାଯାଇ ଥିବା ପ୍ରମୁଖ ଯୁଦ୍ଧ ।

**ଦଶମାଂଶ:** *Tithe*ର ପର୍ଯ୍ୟାୟବାଚୀ ପ୍ରୟୋଗ । ଗୀର୍ଜା ଓ ଯାଜକଙ୍କ ସହାୟତା ପାଇଁ ନିଆଯାଉ ଥିବା ଭୂମିର ବାର୍ଷିକ ଉପଜର ଏକ ଦଶମାଂଶ ଅଥବା ଶ୍ରମ ।

**କୃଷିଗୃହୀ:** *Villein*ର ପର୍ଯ୍ୟାୟବାଚୀ ପ୍ରୟୋଗ । ପ୍ରଭୁଙ୍କ ସମ୍ପୂର୍ଣ୍ଣ ଅଧୀନ ଅଥବା ଗଡ଼ ସହ ସଂଲଗ୍ନ ପ୍ରଜା ।

## ୭.୮ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୭.୧ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୭.୩ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** ଉପବିଭାଗ ୭.୪ ଦେଖନ୍ତୁ ।

**ପ୍ରଶ୍ନ ୪ର ଉତ୍ତର:** ଉପବିଭାଗ ୭.୫ ଦେଖନ୍ତୁ ।

## ୭.୯ ପରବର୍ତ୍ତୀ ପଠନ

Anderson, P. 2013. *Passages from Antiquity to Feudalism*. Verso World History Series.

Bloch, M. 1964*. Feudal Society* (2 Vols). University of Chicago Press.

Coulborne, R. 1956. *Feudalism in History*. Shoe String Press.

Durant, W. 1993. *The Story of Civilization* (vols. I & II). Fine Communications, US.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in